READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ଆସୁଛି ଦୋଳ...



ବର୍ଷ-୫ ସଂଖ୍ୟା-୧୦ ୨୨ - ୨୮ ମାର୍ଚ୍ଚ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-10 22nd - 28th MARCH, 2021 BHUBANESWAR ₹ 5/- (8 Pages)

## ମାଡିଚାଲିଛି କରୋନା, ବିଗୁଡୁଛି ଓଡ଼ିଶା ସ୍ଥିତି

**ଭୁବନେଶ୍ୱର :** ଦେଶରେ ପୁଣିଥରେ କରୋନା ସଂକ୍ରମଣ ମାଡି ଚାଲିଥିଲା ବେଳେ ମହାରାଷ୍ଟ୍ର ସ୍ଥିତି ଅନିୟନ୍ତ୍ରିତ ହୋଇପଡିଛି। ମୁମ୍ବାଇରେ ୩ ହଜାରରୁ ଅଧିକ ମାମଲା ସାମ୍ନାକୁ ଆସିବା ପରେ ସେଠାରେ ଅଧିକ କଟକଣା ଜାରି ହୋଇଛି। ଗତ ନଭେମ୍ବର ୨୯ରେ ଶେଷଥର ପାଇଁ ଦେଶର ସର୍ବାଧିକ ସଂକ୍ରମଣ ସଂଖ୍ୟା ୪୧,୧୮୦ ଥିଲା। ମୋଟ ସଂକ୍ରମିତଙ୍କ ସଂଖ୍ୟା ୧ କୋଟି ୧୫ ଲକ୍ଷ ୫୫ ହଜାର ୨୮୪କୁ ବୃଦ୍ଧି ପାଇଥିଲା ବେଳେ ମୃତ୍ୟୁ ସଂଖ୍ୟା ୧ଲକ୍ଷ ୫୯ ହଜାର ୫୫୮ ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ



ତଥ୍ୟ ଅନୁଯାୟୀ ମହାରାଷ୍ଟ୍ର, ପଞ୍ଜାବ, କର୍ଣ୍ଣାଟକ, ଗୁଜୁରାଟ ଏବଂ ଛତିଶଗଡରେ ୮୦.୬୩% ଦୈନିକ ନୂଆ ମାମଲା ରହିଛି। ➤ ପୃ-୬

### କଟକଣା ମଧ୍ୟରେ ଦୋଳ ମେଳଣ;ବାହାରେ ଖେଳି ହେବନି ହୋଲି



**ଭୁବନେଶ୍ୱର :** ଦେଶର କେତେକ ରାଜ୍ୟରେ ପୁଣି କରୋନା ସଂକ୍ରମଣ ଦ୍ରୁତ ଗତିରେ ବିବା ପରେ ସତର୍କ ହୋଇଉଠିଛନ୍ତି ଓଡ଼ିଶା ସରକାର। ରାଜ୍ୟରେ ଯେପରି ସଂକ୍ରମଣ ନ ବ୍ୟାପେ ସେଥିଲାଗି ରାଜ୍ୟ ସରକାର ଆଗକୁ ଥିବା ଦୋଳ ଓ ହୋଲି ଉତ୍ସବ ପାଳନ ଉପରେ କଟକଣା ଲଗାଇଛନ୍ତି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ ଦୋଳ ଉତ୍ସବରେ ଜନସମାଗମକୁ ଅନୁମତି ଦିଆଯିବ ନାହିଁ। ତେବେ ମନ୍ଦିର ଓ ଧର୍ମାନୁଷ୍ଠାନରେ ପରମ୍ପରା ଅନୁସାରେ ଦୋଳ ଉତ୍ସବ କୋଭିଡ କଟକଣା ମାନି ପାଳନ କରାଯିବ। ଜିଲ୍ଲାପାଳ ବା ମ୍ୟୁନିସିପାଲ କମିସନରଙ୍କ ଅନୁମତିକ୍ରମେ ସୀମିତ ସଂଖ୍ୟକ ଲୋକଙ୍କୁ ନେଇ ଦୋଳ ➤ ପୃ-୬

### ଓଡ଼ିଶାରେ ରାଷ୍ଟ୍ରପତି



ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପତ୍ନୀ ସବିତା କୋବିନ୍ଦଙ୍କୁ ସ୍ୱାଗତ ଜଣାଉଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ବ୍ୟାପକ ଦୁର୍ନୀତି ଓ ସରକାରଙ୍କ ଉଦାସୀନତା !

## ଦିଗହରା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ

**ଭୁବନେଶ୍ୱର :** ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ଦଲାଲଙ୍କ ରାକେଟ୍ ଚାଲିଛି। ବିଧାୟକମାନେ ଦେଉଥିବା ପ୍ରୋଜେକ୍ଟକୁ ଅନୁମୋଦନ ମିଳୁନି ବରଂ ଦଲାଲମାନେ ଦେଉଥିବା ପ୍ରୋଜେକ୍ଟକୁ ସାଧାରଣ ଲୋକଙ୍କ ପ୍ରୋଜେକ୍ଟ କହି ଅନୁମୋଦନ କରାଯାଉଛି। ପୂର୍ବରୁ ଏହା ରାଜନୀତିକ ଲୋକଙ୍କ ଥଇଥାନ କେନ୍ଦ୍ର ଥିବା ବେଳେ ଏବେ ଏହା ପ୍ରଶାସନିକ ଅଧିକାରୀଙ୍କ ଥଇଥାନ କେନ୍ଦ୍ର ମଧ୍ୟ ପାଲଟିଗଲାଣି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ଆଣି ବିଧାନସଭାରେ ଏଭଳି ବର୍ଷିଛନ୍ତି ବିରୋଧୀ। ବିଧାନସଭାରେ ମୁଲତବୀ ପ୍ରସ୍ତାବ 'ବ୍ୟାପକ ଦୁର୍ନୀତି ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଦିଗହରା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ପଶ୍ଚିମ



ଓଡ଼ିଶାବାସୀଙ୍କ ସ୍ୱପ୍ନ ଧୂଳିସାତ' ଶୀର୍ଷକ ଆଲୋଚନା ବେଳେ ରାଜ୍ୟ ସରକାରଙ୍କୁ କଡା ଭାଷାରେ ବିରୋଧୀ ଦଳ ସଦସ୍ୟମାନେ ସମାଲୋଚନା କରିଛନ୍ତି। କଂଗ୍ରେସ ବିଧଶୟକ ଦଳ ନେତା ନରସିଂହ ମିଶ୍ର ଓ ତାରାପ୍ରସାଦ ବାହିନୀପତି ବିକାଶ ପରିଷଦରେ ବ୍ୟାପକ ଦୁର୍ନୀତି ହୋଇଥିବା ତଥା ସରକାରଙ୍କ ବୈମାତୃକ ମନୋଭାବ ଅଭିଯୋଗ ଆଣିଛନ୍ତି। ➤ ପୃ-୬

## ରାଜ୍ୟର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ଦରକାର : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ବିକାଶ ପାଇଁ ଡବଲ ଇଞ୍ଜିନର ସରକାର ଦରକାର। ରାଜନୈତିକ ସ୍ୱାର୍ଥ ପାଇଁ ନୁହେଁ ବରଂ ଓଡ଼ିଶାର ସାଧାରଣ ନାଗରିକଙ୍କ କଲ୍ୟାଣ, ସମସ୍ତଙ୍କୁ ଟୀକା ଯୋଗାଇବା, ମୌଳିକ ସୁବିଧା ଦେବା, ଓବିସି ଓ ଏସଇବିସି ବର୍ଗଙ୍କୁ ସମ୍ବିଧାନ ଅନୁମୋଦିତ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦେବା ସରକାରଙ୍କ ପ୍ରାଥମିକତା ହେବା ଦରକାର ବୋଲି ଓଡିଆ ବୈଦ୍ୟୁତିକ ଗଣମାଧ୍ୟମ କନକ ନ୍ୟୁଜ ପକ୍ଷରୁ ଆୟୋଜିତ 'ଓଡିଶା ନିର୍ମାଣ କନକ୍ଲେଭର ୫ମ ସଂସ୍କରଣ' ଆଲୋଚନା କାର୍ଯ୍ୟକ୍ରମରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂଆ ଓଡ଼ିଶା ନିର୍ମାଣ ପାଇଁ ଥିବା ସୁଯୋଗ, ଢ଼ାଂଚାଗତ ବିକାଶ, ପେଟ୍ରୋଲିୟମ, ଗ୍ୟାସ ଓ ଇସ୍ପାତ୍ କ୍ଷେତ୍ରରେ କ୍ରିୟାନ୍ୱୟନ ପ୍ରକଳ୍ପ ଓ ଅନ୍ୟାନ୍ୟ ବିଷୟ ଉପରେ ମତ ରଖିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମଗ୍ର ଭାରତବର୍ଷରେ ପ୍ରଗତିର ଶୀର୍ଷରେ ପହଁଚାଇବା ପାଇଁ ଓଡ଼ିଶାରେ ସମସ୍ତ ଉପାଦାନ



ଭରି ରହିଛି। ବିଶାଳ ବେଳାଭୂମି, ରତ୍ନଗର୍ଭା ସମୁଦ୍ର, ବିଶାଳ ଜଙ୍ଗଲ ସମ୍ପଦ, ଅମାପ ଖଣିଜ ସମ୍ପଦ, ବୁଦ୍ଧିମାନ ଓ ପରିଶ୍ରମୀ ମାନବ ସମ୍ବଳ ଓଡିଶାର ଅନନ୍ୟ ପରିଚୟ। ଏହି ସମ୍ଭାବନାକୁ ଉପଯୋଗ କରିବା ପାଇଁ କନକ ନ୍ୟୁଜ ଭଳି ଅନେକ ଗଣମାଧ୍ୟମକୁ ଦାୟିତ୍ୱ ନେବା ପାଇଁ ପଡିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ଶ୍ରୀ ପ୍ରଧାନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ➤ ପୃ-୬

## କରୋନା ପାଇଁ ଲକ୍‌ଡାଉନ, ୩ କୋଟି ଗରିବ

**ନୂଆଦିଲ୍ଲୀ :** ଗତବର୍ଷ ଏହି ସମୟରେ ସାରା ଦେଶରେ କରୋନା ସଂକ୍ରମଣକୁ ନଜରରେ ରଖି ଲକଡାଉନ୍ ହୋଇଥିଲା। ଏହାପରେ ଅନେକ ଜିନିଷରେ ତାଲା ପଡିଯାଇଥିଲା। ଆଉ ଅନେକ ଜୀବିକା ହରାଇବା ସହିତ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏବେ ଏହି ଲକଡାଉନକୁ ବର୍ଷେ ପୂରଣ ହୋଇଥିବା ବେଳେ ଲୋକଙ୍କ ଆର୍ଥିକ ସ୍ଥିତିକୁ ନେଇ ଏକ ସର୍ଭେ ରିପୋର୍ଟ ଆସିଛି। ପିଉ ନାମକ ସଂସ୍ଥା କିଛି ଲୋକଙ୍କୁ ନେଇ ଏହି ଗବେଷଣା କରିଛି। ଆମେରିକା ସ୍ଥିତ ଏହି ଗବେଷଣା ସଂସ୍ଥା କହିଛି, ଭାରତରେ ୩.୨ କୋଟି ମଧ୍ୟବିତ୍ତ ପରିବାର ଗରିବ ହୋଇଛନ୍ତି। ଏହି ଲୋକମାନେ କରୋନା ପୂର୍ବରୁ ଦୈନିକ ୭୪୨ ଟଙ୍କାରୁ ୧,୪୪୯ ଟଙ୍କା ହରାହାରି ରୋଜଗାର କରୁଥିଲେ। ହେଲେ କରୋନାରୁ ବର୍ତ୍ତିବା ପାଇଁ ସରକାର ଯେଉଁ ସବୁ ନିୟମ ଲାଗୁ କରିଥିଲେ



ସେଥିପାଇଁ ଅନେକ ରୋଜଗାର ହରାଇଥିଲେ। ବିଶ୍ୱ ବ୍ୟାଙ୍କର ଆର୍ଥିକ ଅଭିବୃଦ୍ଧି ରିପୋର୍ଟକୁ ଆଧାର କରି ପିଉ ରିସର୍ଚ୍ଚ ସେଣ୍ଟର କହିଛି, ଭାରତରେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ସଂଖ୍ୟା ମାତ୍ରାଧିକ ଭାବରେ ହ୍ରାସ ପାଇଛି। ଯାହାକି ଚୀନ୍‌ଠାରୁ ଅଧିକ। ୨୦୨୧ ରୁ ୨୦୧୯ ମଧ୍ୟରେ ୫.୭ କୋଟି ଟଙ୍କା ଲୋକ ଦେଶରେ ମଧ୍ୟବିତ୍ତ ଶ୍ରେଣୀରେ ସାମିଲ ହୋଇଥିଲେ। ହେଲେ ଏବେ ବର୍ଷକ ମଧ୍ୟରେ ୩.୨ କୋଟି ମଧ୍ୟବିତ୍ତ ଶ୍ରେଣୀରୁ ତଳକୁ ଖସିଛନ୍ତି। ସେହିପରି କରୋନା ମହାମାରୀ ବେଳେ ➤ ପୃ-୬

### ବକ୍ରବାଣୀ



ଗାମୁଛାଟେ ଦେଇ ନିଉତା ଦେଲେ
ବୁଲି ଆସିବାକୁ ନେହୁରା ହେଲେ
ଆଉଚନ୍ତି ସିଏ ଦି'ଦିନ ପାଇଁ
ସାଙ୍ଗରେ ଆସିବେ ନଣ୍ଡା ଗୋସେଇଁ
କୋଟି କୋଟି ଟଙ୍କା ଖର୍ଚ୍ଚ ହଉଚି
ସେଇଥିରେ କିବା ଦୁଃଖ ଯାଉଚି
ଇୟାଡେ ବିଧାନସଭାକୁ ଛାଡ଼ି
ନବୀନ ନିବାସେ ଲଗାନ୍ତି ଧାଡି
ବିନା ଡକୁରାରେ କୁଣିଆ ହେଇ
ଆମ୍ବଗଛ ମୁଳେ ବସନ୍ତି ଯାଇ।

—— ଟୁଟୁ

## କଳା-ଜ୍ୱର ଚିନ୍ତା ଘାରିଲା

**ଭୁବନେଶ୍ୱର :** ରାଜ୍ୟରେ କରୋନା ସଂକ୍ରମଣ ଭୟ ଥମି ନଥିଲାବେଳେ କଳା-ଜ୍ୱର (ଭିସେରାଲ ଲେଇସମେନିଆସିସ୍) ଭୟ ଘାରିଲାଣି। ଦେଶର କେତେକ ରାଜ୍ୟରେ ଏହି ରୋଗ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। କେବଳ କଳା-ଜ୍ୱର ନୁହେଁ, ସ୍କ୍ରବ୍ ଟାଇଫସର ସ୍ଥିତି ସମ୍ପର୍କରେ ଜାଣିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆର୍‌ଏମ୍‌ଆରସିକୁ ଚିଠି ଲେଖାଯାଇଥିବା ଜଣାପଡିଛି। ଆରଏମ୍‌ଆରସି ପକ୍ଷରୁ ସେରୋ ସର୍ଭେ ପାଇଁ ସଂଗୃହୀତ ହୋଇଥିବା ଉକ୍ତ ନମୁନାରୁ କଳା-ଜ୍ୱର ସମ୍ପର୍କରେ ଜାଣିବା ଲାଗି କୁହାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଓଡ଼ିଶାରେ କଳା-ଜ୍ୱର ସ୍ଥିତି ଅତ୍ୟନ୍ତ ନଗଣ୍ୟ ରହିଛି। ମାତ୍ର ଗତ କିଛିଦିନ ତଳେ ବିହାରରେ ପୁଣିଥରେ କଳା-ଜ୍ୱର ବ୍ୟାପିବା ପରେ ସ୍ୱାସ୍ଥ୍ୟ ବିଭାଗ ଏଥିପାଇଁ ଆଗୁଆ ସତର୍କତା



ଅବଲମ୍ବନ କରିଛି। ରାଜ୍ୟର କେଉଁ ଜିଲ୍ଲାରେ ଏହାର ଉପସ୍ଥିତି ରହିଛି ତାହା ନିର୍ଦ୍ଦିଷ୍ଟ ତଥ୍ୟ ସରକାରଙ୍କ ପାଖରେ ନାହିଁ। ତେବେ ସ୍ୱାସ୍ଥ୍ୟ ବିଭାଗ ଏହାକୁ ହାଲ୍‌କା ଭାବେ ଗ୍ରହଣ ନ କରି ନମୁନା ପରୀକ୍ଷା ଜରିଆରେ ସ୍ଥିତି ସମ୍ପର୍କରେ ଜାଣିବା ଲାଗି ଉଦ୍ୟମ ଆରମ୍ଭ କରିଛି। ଗତବର୍ଷ ରାଜ୍ୟରେ କରୋନା ସଂକ୍ରମଣ ବ୍ୟାପିବା ପରେ ଭୂତାଣୁ ସଂକ୍ରମଣ ଯୋଗୁଁ ଲୋକଙ୍କ ଶରୀରରେ ସୃଷ୍ଟି ହୋଇଥିବା ଆଣ୍ଟିବଡି ସମ୍ପର୍କରେ ଜାଣିବା ଲାଗି ଆରଏମ୍‌ଆରସି ପକ୍ଷରୁ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ସେରୋ ସର୍ଭେ କରାଯାଇଥିଲା। ➤ ପୃ-୬

## ଜରୁରୀକାଳୀନ ସେବା ପାଇଁ ଗୋଟିଏ ନମ୍ବର

**ଭୁବନେଶ୍ୱର :** ରାଜ୍ୟବାସୀଙ୍କ ପାଇଁ ଖୁସି ଖବର। ଗୁରୁତର ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ, ନିଆଁ ଲାଗିଗଲେ କିମ୍ବା ଅଘଟଣ ଘଟିଲେ ଦମକଳ ସହାୟତା ଓ ପୋଲିସ ସେବା ପାଇଁ ପୃଥକ୍ ପୃଥକ ଭାବେ ଡାଏଲ୍ କରିବାକୁ ପଡିବ ନାହିଁ। ଏଣିକି ଗୋଟିଏ ନମ୍ବରରେ ଏସବୁ ୩ ଜରୁରୀ ସେବା ଉପଲବ୍ଧ ହେବ। ପୋଲିସ, ଦମକଳ, ଆମ୍ବୁଲାନ୍ସ ସେବା ପାଇଁ କେବଳ ଗୋଟିଏ ନମ୍ବର ୧୧୨କୁ ଡାଏଲ କରି ଜରୁରୀ ସେବା ପାଇପାରିବେ। ସାରା ରାଜ୍ୟ ପାଇଁ ଏବେ କାମ କରିବ ଏହି ନମ୍ବର। ଏଣିକି ପୋଲିସ, ଦମକଳ ଓ ଆମ୍ବୁଲାନ୍ସ ଭଳି ସବୁ ଜରୁରୀକାଳୀନ ସେବା ପାଇଁ ଗୋଟିଏ ନମ୍ବର ୧୧୨। ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ




ଜରିଆରେ ଆପଦକାଳୀନ ତ୍ୱରିତ ସହାୟତା ବ୍ୟବସ୍ଥା ଡାଏଲ୍-୧୧୨ର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିଠାରୁ ଜନସାଧାରଣ ବିପଦପୂର୍ଣ୍ଣ ସମୟରେ ପୋଲିସ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ମୁକାବିଲା ଏବଂ ଅନ୍ୟାନ୍ୟ ଆପଦକାଳୀନ ସେବାସଂପୃକ୍ତ ଆବଶ୍ୟକତା ନିମେନ୍ତ ଏକକ ନମ୍ବର ୧୧୨କୁ ଡାଏଲ୍ କରିପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତ୍ୟାଧୁନିକ ରାଜ୍ୟ ଆପଦକାଳୀନ ବ୍ୟବସ୍ଥା କେନ୍ଦ୍ର ଉଦ୍‌ଘାଟନ କରିବା ସହିତ ମୋବାଇଲ୍ ଡାଟା ଟର୍ମିନାଲ ସମ୍ପନ୍ନ ଆପଦକାଳୀନ ତ୍ୱରିତ ସେବା ପ୍ରଦାୟକ ଯାନର ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ଓଡ଼ିଶା ସରକାର ୧୫୭.୧୨ କୋଟି ଟଙ୍କା ବ୍ୟବସ୍ଥା ଓ ➤ ପୃ-୬




## ହଂସୁଆ ନଦୀରେ ପୋଲ ରାଜନୀତି; କାର୍ଯ୍ୟ ଆରମ୍ଭ କେବେ ?

**ଜଗତ୍‌ସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ):** ଜଗତ୍‌ସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଚିକିଣିଆଁ ଗ୍ରାମପଞ୍ଚାୟତର ହଂସୁଆ ନଦୀ ଉପରେ ପୋଲର ଶିଳାନ୍ୟାସକୁ ନେଇ ବିଜେଡି ଦଳର ଗୋଷ୍ଠୀ କନ୍ଦଳ ପଦାରେ ପଡିଥିଲା। ଆଗକୁ ପଞ୍ଚାୟତ ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ କର୍ମୀ

**ଶିଳାନ୍ୟାସକୁ ନେଇ ବିଜେଡି ଶିବିରରେ ଗୋଷ୍ଠୀ କନ୍ଦଳ**
**ନିର୍ବାଚନ ଆସିଲେ ଶିଳାନ୍ୟାସରେ ଶେଷ ହୁଏ ପୋଲ**
**୨୦୦୯ରେ କିଶୋରନଗର ବିଧାୟକଙ୍କ ଫଳକ ସ୍ଥାପନ**



ତାଙ୍କର କସରତ ଆରମ୍ଭ କରିଦେଲେଣି। ବିଧାୟକଙ୍କ ପାଖରେ କିଏ ନିକର ହୋଇ ପାର୍ଥୀ ହେବ ସେନେଇ ସଂଗ୍ରାମ ବି ଆରମ୍ଭ ହେଲାଣି। ଏହି ଶିଳାନ୍ୟାସ ଉତ୍ସବକୁ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ, ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲ୍ଲାପରିଷଦ ଅଧକ୍ଷା ପ୍ରିୟଦର୍ଶନୀ ବିଶ୍ୱାଳ ଓ ସ୍ଥାନୀୟ ନେତାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ନିମନ୍ତ୍ରିତ ଅତିଥିମାନେ ରଘୁନାଥପୁର ବ୍ଲକ୍‌ରେ ପହଂଚିଥିଲାବେଳକୁ ବିଜେଡି ଗୋଷ୍ଠିର କର୍ମୀ ବିବାଦ ଆରମ୍ଭ ହୋଇଯାଇଥିଲା, ହେଲେ ଦୁଇ ଗୋଷ୍ଠୀର କର୍ମୀମାନେ ସଭାସ୍ଥଳକୁ ବାଇକ୍ ରାଲିରେ ପାଛୋଟି ନେଇଥିଲେ। ସଭାସ୍ଥଳରେ ପହଂଚିବା ପରେ ସାଂସଦଙ୍କ କର୍ମୀ ଓ ବିଧାୟକଙ୍କ କର୍ମୀମାନଙ୍କ ମଧ୍ୟରେ ତୁ ତୁ ମେ ମେ ଘଟଣା ସବୁ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି କରିଥିଲା। କିଛି ଠିକାଦାରଙ୍କ ଭୂମିକାକୁ ନେଇ ଶିଳାନ୍ୟାଶ କାର୍ଯ୍ୟକ୍ରମରେ ସବୁଠାରୁ ଲଜ୍ଜାଜନକ ➤ ପୃ-୬

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। କାର୍ଯ୍ୟ କ୍ଷେତ୍ରରେ ପଦୋନ୍ନତି ହୋଇପାରେ। ସପ୍ତାହର ପ୍ରଥମାର୍ଦ୍ଧରେ ଅର୍ଥପ୍ରାପ୍ତିର ସମ୍ଭାବନା ଅଛି। ମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ସରକାରୀ ବା ବେସରକାରୀ ସଂସ୍ଥା ଦ୍ୱାରା ସମ୍ମାନିତ ହୋଇପାରନ୍ତି। ଉଚ୍ଚଶିକ୍ଷାର ସଂଯୋଗ ଅଛି।

**ବୃଷ** କାର୍ଯ୍ୟକ୍ଷେତ୍ରରେ ସ୍ଥାନାନ୍ତର ଯୋଗଅଛି। ନିଜ ବୃଦ୍ଧି ବଳରେ ଲାଭାବାନ ହେବେ। ସମ୍ପତ୍ତି ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ଅଟକିଥିବା କାର୍ଯ୍ୟ ପୁଣି ଚାଲିବ। ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ। ରାଜନୀତି କ୍ଷେତ୍ରରେ ଅଗ୍ରଗତି କରିପାରନ୍ତି।

**ମିଥୁନ** ଆର୍ଥିକ ମାମଲାରେ, ଆଖି ବନ୍ଦ କରି କାହାକୁ ବିଶ୍ୱାସ କରନ୍ତୁ ନାହିଁ। କ୍ଷତିରେ ପଡିବେ। ବ୍ୟବସାୟୀମାନଙ୍କ ପାଇଁ ଏ ସପ୍ତାହ ଅନୁକୂଳ। ଛାତ୍ରମାନେ ଯୋଜନାବଦ୍ଧ ଭାବରେ ପ୍ରସ୍ତୁତ ହେଲେ ସୁଫଳ ମିଳିବ।

**କର୍କଟ** ନୂଆ ଅତିଥି ଘରକୁ ଆସିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ଶିକ୍ଷା କ୍ଷେତ୍ରରେ ଛାତ୍ରମାନଙ୍କ ମନ ଅସ୍ଥିର ରହିବ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଶ୍ୱଶୁର ଘର ଲୋକଙ୍କ ସହିତ ସମ୍ପର୍କ ସୁଦୃଢ଼ ହେବ।

**ସିଂହ** ବ୍ୟବସାୟରେ ବିନିଯୋଗ ପୂର୍ବରୁ ପରୀକ୍ଷା ନିରୀକ୍ଷା କରନ୍ତୁ। ପୁରୁଣା ସମ୍ପତ୍ତି ପ୍ରାପ୍ତି ହୋଇପାରେ। ପୂର୍ବ ପ୍ରତିକ୍ଷୀତ କୌଣସି କାର୍ଯ୍ୟ ହାତକୁ ନେବେ। ପରିବାର ସମୟ ଦେଇ ନପାରି, କଳହ କରିପାରନ୍ତି।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବ। ଧ୍ୟାନ ଦିଅନ୍ତୁ। ଧନ ଲାଭର ଯୋଗ ଅଛି। ଅତିଥିଙ୍କ ଆଗମନରେ ପରିବାରରେ ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ।

**ତୁଳା** ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ଧନଲାଭ ହେବ କିନ୍ତୁ ମନୋରଞ୍ଜନ ପାଇଁ ଅଧିକ ବ୍ୟୟ କରିପାରନ୍ତି। ପରିବାରରେ କଳହ ହୋଇପାରେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଛାତ୍ରମାନେ ସଫଳ ହେବେ।

**ବିଛା** ଶରୀର ଅସୁସ୍ଥ ରହିବ। ବିଶ୍ୱସ୍ତ ଲୋକଠାରୁ ଅନୁକୂଳ ଫଳ ମିଳିବ ନାହିଁ। କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଛାତ୍ରମାନଙ୍କ ବହୁତ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ କଳହ ଦେଖାଦେବ।

**ଧନୁ** ଦୀର୍ଘଦିନର ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଭବିଷ୍ୟତ ପାଇଁ ସଞ୍ଚୟରେ ମନଦେବେ। ବାହାର ଲୋକଙ୍କ ହସ୍ତକ୍ଷେପ ଯୋଗୁ ପରିବାରରେ ଅଶାନ୍ତି ଦେଖାଦେବ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ସ୍ୱାସ୍ଥ୍ୟରେ ସାମାନ୍ୟ ସମସ୍ୟା ରହିବ। ସଞ୍ଚିତ ଧନ ଚୋରି ହୋଇପାରେ। ପରିଭ୍ରମଣରେ ଯାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଛାତ୍ରମାନେ ନୂତନ ସୁଯୋଗ ପାଇବେ।

**କୁମ୍ଭ** ନିୟମିତ ବ୍ୟାୟାମ କରନ୍ତୁ। ପରିବାର ଶାନ୍ତି ଓ ସୁଖ ପରିଲିକ୍ଷିତ ହେବ। ପୁରୁଣା କଥାକୁ ନେଇ ବ୍ୟତିବ୍ୟସ୍ତ ହେବେ। ଅର୍ଥ ପାଇଁ ଦାମ୍ପତ୍ୟ ଜୀବନରେ କଳହ ଲାଗିପାରେ। ଛାତ୍ରମାନଙ୍କ ମନ ଚଞ୍ଚଳ ରହିବ। ଗୁରୁବାର ଦିନ ଗରିବଙ୍କୁ ଖାଦ୍ୟ ଦାନ କରନ୍ତୁ।

**ମୀନ** ଆଣ୍ଠୁଗଣ୍ଠିର ସମସ୍ୟାରେ ପଡିପାରନ୍ତି। ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଆର୍ଥିକ ସ୍ଥିତି ସାମାନ୍ୟ ରହିବ। ପରିବାରରେ ସମ୍ପର୍କ ଦୃଢ଼ ହେବ। ଛାତ୍ରମାନଙ୍କ ମନ ବିଚଳିତ ରହିବ। ଦମ୍ପତ୍ତିମାନଙ୍କୁ ସନ୍ତାନପ୍ରାପ୍ତିର ସମ୍ଭାବନା ଅଛି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## ଆଗକୁ ଆସିବ କୋଭିଡ୍ ଟିକାର ଉନ୍ନତ ସଂସ୍କରଣ



**ନୂଆଦିଲ୍ଲୀ:** ଚଳିତ ବର୍ଷ ଶେଷ ସୁଦ୍ଧା ଏକ ଅଭିନବ ଉନ୍ନତ କୋଭିଡ୍ ଟିକା ଉପଲବ୍ଧ ହୋଇପାରିବ ଯାହା ପାଇଁ ଶୀତଳୀକରଣର ଆବଶ୍ୟକତା ପଡ଼ିବନି କି ଟିକାକରଣରେ ସିରିଞ୍ଜ୍ ଲାଗିବନି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ)ର ପ୍ରମୁଖ ବୈଜ୍ଞାନିକ ସୌମ୍ୟା ସ୍ୱାମୀନାଥନ ଆଶା ବ୍ୟକ୍ତ କରିଛନ୍ତି। ସମ୍ପ୍ରତି ୧୨୨ଟି ଦେଶରେ ୭ରୁ ୮ଟି କୋଭିଡ୍ ଟିକାର ବ୍ୟବହାର ଜାରି ରହିଛି, ତେବେ ଅଭିନବ କରୋନାଭୂତାଣୁର ରୂପାନ୍ତରିତ ପ୍ରଜାତିର ସଂକ୍ରମଣ ବ୍ୟାପିବା ଆରମ୍ଭ କରିଥିବାରୁ ଉନ୍ନତ ଟିକାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଉଛି। ମହାମାରୀ କୋଭିଡ୍-୧୯ ଆବିର୍ଭାବର ବର୍ଷକ ଭିତରେ ବିକଶିତ ହୋଇଥିବା ପାଖାପାଖି ୧୦ଟି ଟିକା ସେମାନଙ୍କ ଫଳପ୍ରଦତା ପ୍ରମାଣିତ କରିସାରିଛନ୍ତି। ତେବେ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସଂପୃକ୍ତ ଟିକା ନିର୍ମାତାମାନେ ସେଗୁଡ଼ିକର ଉନ୍ନତ ସଂସ୍କରଣ ବାହାର କରିବା ପାଇଁ ଲାଗି ପଡ଼ିଛନ୍ତି ବୋଲି ସ୍ୱାମୀନାଥନ କହିଛନ୍ତି।

### ଚୀନ୍‌କୁ ଆମେରିକାର ଚେତାବନୀ

## ବୈଶ୍ୱିକ ବ୍ୟବସ୍ଥାକୁ ସମ୍ମାନ ଦିଅ

**ୱାସିଂଟନ୍:** ବୈଶ୍ୱିକ ବ୍ୟବସ୍ଥାକୁ ସମ୍ମାନ ଦିଅ ନଚେତ୍ ଭୟାବହ ବିଶ୍ୱର ସମ୍ମୁଖୀନ ହେବ ବୋଲି ଯୁକ୍ତରାଷ୍ଟ୍ର ଆମେରିକା ଚୀନ୍‌କୁ ଚେତାବନୀ ଦେଇଛି। ସିନ୍‌ଜିଆଙ୍ଗ, ହଙ୍ଗକଙ୍ଗ ଏବଂ ତାଇୱାନ୍ ଅଞ୍ଚଳରେ ଚୀନ୍ ଚଳାଇଥିବା କାର୍ଯ୍ୟକଳାପ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଉପରେ ସାଇବର୍ ଆକ୍ରମଣ ତଥା ତା'ର ମିତ୍ର ରାଷ୍ଟ୍ରମାନଙ୍କ ଉପରେ ଆର୍ଥିକ ଚାପ ସୃଷ୍ଟି କରିବା ଆନ୍ତର୍ଜାତିକ ସମ୍ପର୍କକୁ ବିଗାଡୁଛି ବୋଲି ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଚୀନ୍‌ର ବରିଷ୍ଠ ସରକାରୀ ଅଧିକାରୀମାନଙ୍କ ସହ ଆଲୋଚନା କଲା ବେଳେ ଏ କଥା କହିଛନ୍ତି। ଅଲାସ୍କାରେ ଆୟୋଜିତ ଆନ୍ତର୍ଜାତିକ ସମ୍ପର୍କ ସମ୍ବନ୍ଧୀୟ ଏହି ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆମେରିକାର ବୈଦେଶିକ ସଚିବ ବ୍ଲିଙ୍କେନ୍ ଓ ନିରାପତ୍ତା ଉପଦେଷ୍ଟା ଜେକ୍ ସଲିଭିଆନ୍ ସେମାନଙ୍କର ଚୀନା ପ୍ରତିପକ୍ଷ ଯୋଗ ଦେଇଥିଲେ। ବ୍ଲିଙ୍କେନ୍ କହିଲେ ଯେ, ବୈଶ୍ୱିକ ସ୍ଥିରତା ବଜାୟ ରଖୁଥିବା ନୀତିନିୟମକୁ ସୁରକ୍ଷା ଦେବା ଯୁକ୍ତରାଷ୍ଟ୍ର ଆମେରିକାର ଉଦ୍ଦେଶ୍ୟ। ଏହି ନୀତିନିୟମ ନ ରହିଲେ ବିଶ୍ୱ ଖୁବ୍ ଭୟାବହ ହୋଇଯିବ। ବେଜିଙ୍ଗ୍ ବିପକ୍ଷରେ ଟ୍ରମ୍ପ୍ ପ୍ରଶାସନ ଗ୍ରହଣ କରିଥିବା କଠୋର କଟକଣା କୋହଳ କରାଯିବ ନାହିଁ ବୋଲି ଉକ୍ତ ବୈଠକରେ ସ୍ପଷ୍ଟ କରାଯାଇଛି। ବରଂ ମିତ୍ର ରାଷ୍ଟ୍ରମାନଙ୍କ ସହ ମିଶି ଉକ୍ତ କଟକଣା ସବୁକୁ ଅଧିକ କଠୋର କରିବା ଲାଗି ବାଇଡେନ୍ ପ୍ରଶାସନ ବ୍ୟବସ୍ଥା କରିବ ବୋଲି 'ସିଏନ୍‌ଏନ୍' ରିପୋର୍ଟ କରିଛି।

## ବର୍ଷେ ଭିତରେ ହାଇୱେରୁ ହଟିବ ସବୁ ଟୋଲ୍ ପ୍ଲାଜା

**ନୂଆଦିଲ୍ଲୀ :** ଆସନ୍ତା ଏକ ବର୍ଷ ମଧ୍ୟରେ ଜାତୀୟ ରାଜପଥରୁ ସବୁ ଟୋଲ୍ ପ୍ଲାଜାକୁ ହଟାଇ ଦିଆଯିବ। ଟୋଲ ପ୍ଲାଜା ସ୍ଥାନରେ ଜିପିଏସ ଟ୍ରାକର ଦ୍ୱାରା ଗାଡିକୁ ଟ୍ରାକ୍ କରାଯିବ। ଯେତିକି ସମୟ ପାଇଁ ଓ ଯେତିକି ବାଟ ହାଇୱେରେ ଯିବେ ସେତିକି ପାଇଁ ଟୋଲ୍ ଦେବେ। ସଂସଦରେ ଏଭଳି ଘୋଷଣା କରିଛନ୍ତି ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀ। ଲୋକସଭାରେ ଗୁରୁବାର ଦିନ ବିଏସପି ସାଂସଦ କୁଅଁର ଦାନିସ ଅଲ୍ଲୀ ଗଡମୁକ୍ତେଶ୍ୱର ପାଖରେ ଥିବା ସଡକରେ ମ୍ୟୁନିସିପାଲିଟି ସୀମା ଭିତରେ ଟୋଲ୍ ପ୍ଲାଜା ଥିବା କଥା ସଂସଦରେ ଉଠାଇଥିଲେ। ମ୍ୟୁନିସିପାଲିଟି ସୀମାକ୍ଷେତ୍ରରେ କେମିତି ଟୋଲ୍ ପ୍ଲାଜା ବସିଲା ଓ କେମିତି ଲୋକଙ୍କଠାରୁ ଟୋଲ ଆଦାୟ




କରାଯାଉଛି ବୋଲି ସାଂସଦ ପ୍ରଶ୍ନ କରିଥିଲେ। ଯାହାର ଉତ୍ତର ଦେଇ ଗଡକରୀ କହିଥିଲେ ଯେ, ଗତ ସରକାର ଅମଳରେ ଠିକା କମ୍ପାନୀଙ୍କୁ ଅଧିକ ଲାଭ ପହଂଚାଇବା ଲକ୍ଷ୍ୟରେ ମନଇଚ୍ଛା ଟୋଲ୍ ପ୍ଲାଜା ବସାଇବାକୁ ଦିଆଯାଇଥିଲା। ସହର ସୀମାରେ ଏଭଳି ଟୋଲ୍ ପ୍ଲାଜା ବସାଇବା ବେଆଇନ୍ ଓ ଭୁଲ। ଗଡକରୀ କହିଥିଲେ ଯେ, ଏବେ ଯଦି ଟୋଲ୍ ପ୍ଲାଜାକୁ ହଟାଯାଏ ତେବେ କଂପାନୀ ଆଇନର ଆଶ୍ରା ନେଇ କ୍ଷତିପୂରଣ ଦାବି କରିବେ। ତେବେ ସରକାର ଆସନ୍ତା ଏକ ବର୍ଷ ମଧ୍ୟରେ ରାଜପଥରୁ ସବୁ ଟୋଲ୍ ପ୍ଲାଜା ହଟାଇବାକୁ ଯୋଜନା କରୁଛନ୍ତି। ଟେକ୍ନୋଲୋଜି ସାହାଯ୍ୟ ନେଇ ସବୁ ଟୋଲ୍ ପ୍ଲାଜାକୁ ହଟାଇ ଦିଆଯିବ। ସରକାରଙ୍କ ଯୋଜନା ହେଉଛି ଜାତୀୟ ରାଜପଥରେ ଜିପିଏସ୍ ଟ୍ରାକର ଲଗାଇବା। ଯାହାଦ୍ୱାର ଜିପିଏସ ରାଜପଥରେ ଚାଲୁଥିବା ଗାଡିର ଫଟୋ ନେଇପାରିବ। ଗୋଟିଏ ଗାଡି ଯେଉଁଠାରୁ ରାଜପଥ ଉପରକୁ ଆସିବ ସେଠାରେ ତା'ର ଫଟୋ ଉଠାଯିବ। ପରେ ଯେତେବେଳେ ଗାଡି ରାଜପଥରୁ ବାହାରିବ ସେତେବେଳେ ମଧ୍ୟ ଫଟୋ ଉଠିବ। ଏହାଫଳରେ ଗାଡି ରାଜପଥରେ ଯେତିକି ବାଟ ଗଡିଥିବ ସେତିକି ପାଇଁ ଟୋଲ୍ ଦେବ।

## ମନରେଗା ମଜୁରି ବୃଦ୍ଧି



**ନୂଆଦିଲ୍ଲୀ :** ୨୦୨୧ରେ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟର ମନରେଗା ମଜୁରି ବୃଦ୍ଧି କରିଥିବା ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଶା ପାଇଁ ଏହା ଗତ ବର୍ଷ ୨୦୭ ଟଙ୍କା ଥିଲା ଏବଂ ୨୦୨୧ରେ ମଜୁରି ୨୧୫ ଟଙ୍କାକୁ ବୃଦ୍ଧି ପାଇଛି। କେବଳ ଓଡ଼ିଶା ନୁହେଁ, ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଏହି ବୃଦ୍ଧି ଲାଗୁ କରାଯାଇଛି। ସୂଚନାଯୋଗ୍ୟ, ଆନ୍ଧ୍ର ପ୍ରଦେଶରେ ମନରେଗା ମଜୁରି ପୂର୍ବରୁ ୨୩୭ ଟଙ୍କା, ଅରୁଣାଚଳ ପ୍ରଦେଶରେ ୨୦୫ ଟଙ୍କା, ଆସାମରେ ୨୧୩ ଟଙ୍କା, ବିହାରରେ ୧୯୪ ଟଙ୍କା, ଛତିଶଗଡ଼ରେ ୧୯୦ ଟଙ୍କା, ଗୋଆରେ ୨୮୦ ଟଙ୍କା, ଗୁଜୁରାଟରେ ୨୨୪ ଟଙ୍କା, ହରିଆଣାରେ ୩୦୯ ଟଙ୍କା, ହିମାଚଳ ପ୍ରଦେଶରେ ୨୪୮ ଟଙ୍କା, ଜମ୍ମୁ କଶ୍ମୀରରେ ୨୦୪ ଟଙ୍କା, ଲଦାଖରେ ୨୦୪ ଟଙ୍କା, ଝାରଖଣ୍ଡରେ ୧୯୪ ଟଙ୍କା, କର୍ଣ୍ଣାଟକରେ ୨୭୫ ଟଙ୍କା, କେରଳରେ ୨୯୧ ଟଙ୍କା, ମଧ୍ୟପ୍ରଦେଶରେ ୧୯୦ ଟଙ୍କା, ମହାରାଷ୍ଟ୍ରରେ ୨୩୮ ଟଙ୍କା, ମଣିପୁରରେ ୨୩୮ ଟଙ୍କା, ମେଘାଳୟରେ ୨୦୩ ଟଙ୍କା, ମିଜୋରାମରେ ୨୨୫ ଟଙ୍କା, ନାଗାଲାଣ୍ଡରେ ୨୦୫ ଟଙ୍କା, ପଞ୍ଜାବରେ ୨୬୩ ଟଙ୍କା, ରାଜସ୍ଥାନରେ ୨୨୦ ଟଙ୍କା, ସିକିମରେ ୨୦୫ ଟଙ୍କା, ତାମିଲନାଡୁରେ ୨୫୬ ଟଙ୍କା, ତେଲେଙ୍ଗାନାରେ ୨୩୭ ଟଙ୍କା, ତ୍ରିପୁରାରେ ୨୦୫ ଟଙ୍କା, ଉତ୍ତର ପ୍ରଦେଶରେ ୨୦୧ ଟଙ୍କା, ଉତ୍ତରାଖଣ୍ଡରେ ୨୦୧ ଟଙ୍କା, ପଶ୍ଚିମବଙ୍ଗରେ ୨୦୪ ଟଙ୍କା, ଆଣ୍ଡାମାନରେ ୨୬୭ ଟଙ୍କା, ନିକୋବରରେ ୨୮୨ ଟଙ୍କା, ଦାଦରନଗରହାଭେଲିରେ ୨୫୮ ଟଙ୍କା, ଡାମନଡିଉରେ ୨୨୭ ଟଙ୍କା, ଲାକ୍ଷାଦୀପରେ ୨୬୬ ଟଙ୍କା ଓ ପୁଡୁଚେରୀରେ ୨୫୬ ଟଙ୍କା ଥିଲା।

## ନାସା ବୈଜ୍ଞାନିକଙ୍କ ଦାବି : ମଙ୍ଗଳ ଗ୍ରହ ଭୂପୃଷ୍ଠ ତଳେ ରହିଛି ପାଣି

**ୱାଶିଂଟନ :** ଆମେରିକା ମହାକାଶ ସଂସ୍ଥା ନାସାର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହରେ ପାଣି ରହିଥିବା ଦାବି କରିଛନ୍ତି। ମଙ୍ଗଳର ଭୂପୃଷ୍ଠ ତଳେ ପ୍ରାଚୀନ ପାଣି ଲୁଚି ରହିଛି। ନାସା ପକ୍ଷରୁ ଏକ ଅଧ୍ୟୟନରେ ଏପରି ଘୋଷଣା କରାଯିବା ସହିତ ପୂର୍ବରୁ ଏକ ଥିଓରିରେ କରାଯାଇଥିବା ଦାବିକୁ ଚ୍ୟାଲେଞ୍ଜ ମଧ୍ୟ କରାଯାଇଛି। ମଙ୍ଗଳ ଗ୍ରହର ସମସ୍ତ ପାଣି ମହାକାଶରେ ଉଡ଼ିଯାଇଥିବା ପୂର୍ବରୁ ଏକ ଥିଓରିରେ ଦର୍ଶାଯାଇଥିଲା। କାଲିଫର୍ନିଆ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଏବଂ ନାସାର ଜେଟ୍ ପ୍ରୋପଲଶନ ଲାବରେଟୋରି



(ଜେପିଏଲ)ର ବୈଜ୍ଞାନିକମାନଙ୍କ ଦ୍ୱାରା ହୋଇଥିବା ଏହି ଅଧ୍ୟୟନ ସାଇନ୍ସ ଜର୍ନାଲରେ ପ୍ରକାଶ ପାଇଛି। ଏଥିରେ ଦାବି କରାଯାଇଛି ଯେ, ମଙ୍ଗଳ ଗ୍ରହରେ ଗଚ୍ଛିତ ରହିଥିବା ପାଣି ଗ୍ରହରେ ଥିବା ଖଣିଜ ଏବଂ ଭୂପୃଷ୍ଠ ଭିତରେ ରହିଛିୟ ଅନ୍ୟ କିଛି ବୈଜ୍ଞାନିକମାନଙ୍କ କହିବା ଅନୁସାରେ, ୪୦୦ କୋଟି ବର୍ଷ ପୂର୍ବେ ମଙ୍ଗଳ ଗ୍ରହରେ ଏତେ ପରିମାଣରେ ପାଣି ରହିଥିଲା ଯେ, ଏଠାରେ ସମଗ୍ର ଗ୍ରହରେ ୧୦୦ରୁ ୧୫୦୦ ମିଟର ଗଭୀର ସମୁଦ୍ର ସୃଷ୍ଟି ହୋଇପାରିଥାନ୍ତା। ଗ୍ରହରେ ଚୁମ୍ବକୀୟ ଶକ୍ତି ନଷ୍ଟ ହୋଇଯାଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏହା ପରେ ଗ୍ରହର ବାତାବରଣ ନଷ୍ଟ ହେବାକୁ ଲାଗିଥିଲା, ଏହି କାରଣରୁ ଗ୍ରହର ପାଣି ବି ଶେଷ ହୋଇଯାଇଛି ଏବଂ କୋଟି କୋଟି ବର୍ଷ ପରେ ବି ଆଜି ଗ୍ରହ ଶୁଖିଲା ପଡ଼ିଛି। ଅଧ୍ୟୟନର ମୁଖ୍ୟ ଗବେଷକ ଇଭା ସ୍କେଲର କୁହନ୍ତି ଯେ, ମଙ୍ଗଳ ଗ୍ରହର ଉପରି ଭାଗରେ କିଛି ଖଣିଜ ରହିଛି, ଯାହାର କ୍ରିଷ୍ଟାଲ ଷ୍ଟ୍ରକ୍‌ଚର ଭିତରେ ପାଣି ଗଚ୍ଛିତ ରହିଛି। ସ୍କେଲର ଯେଉଁ ମଡେଲ ପ୍ରସ୍ତୁତ କରିଛନ୍ତି, ତାହା ଅନୁସାରେ ୩୦ରୁ ୯୯ ପ୍ରତିଶତ ପାଣି ଏହି ଖଣିଜ ଭିତରେ ରହିଛି। ମଙ୍ଗଳ ପୃଷ୍ଠକୁ ପଠାଯାଇଥିବା ଅର୍ବିଟର ଏବଂ ଅନ୍ୟ ଉପଗ୍ରହଗୁଡ଼ିକରୁ ମିଳିଥିବା ତଥ୍ୟକୁ ଅଧ୍ୟୟନ କରିବା ପରେ ଏହି ଦାବି କରିଛନ୍ତି। ସ୍କେଲର କହିଛନ୍ତି, ମଙ୍ଗଳ ଗ୍ରହରେ କିଛି ପାଣି ନଷ୍ଟ ହୋଇଯାଇଥିବ ଅଥବା ଗାୟବ ହୋଇଯାଇଥିବ, କିନ୍ତୁ ଅଧିକାଂଶ ପାଣି ଏବେ ବି ଗ୍ରହରେ ରହିଛି।

## 'ନୋଟାକୁ ଅଧିକ ଭୋଟ୍ ମିଳିଲେ ନିର୍ବାଚନ ରଦ୍ଦ ହେଉ'



ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ସୋମବାର ଏକ ପିଆଇଏଲର ଶୁଣାଣି କରି ନିର୍ବାଚନ କମିଶନର ଏବଂ କେନ୍ଦ୍ର ସରକାରଙ୍କ ଜବାବ ମାଗିଛନ୍ତି। ମତଦାନ ବେଳେ ଯେଉଁ ନିର୍ବାଚନ କ୍ଷେତ୍ରରେ ନୋଟାକୁ ଅଧିକ ଭୋଟ୍ ମିଳିବ ସେହି ନିର୍ବାଚନ କ୍ଷେତ୍ର ରଦ୍ଦ ହେବା ଦରକାର ବୋଲି ପିଆଇଏଲରେ ଉଲ୍ଲେଖ ରହିଛି। ପ୍ରଧାନ ବିଚାରପତି ଜଷ୍ଟିସ ଏସ ଏ ବୋବଡେ ଏହି ମାମଲାର ରାୟ ଶୁଣାଇ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କୁ ଚାରି ସପ୍ତାହ ମଧ୍ୟରେ ଜବାବ ରଖିବାକୁ କହିଛନ୍ତି। ଏହି ପିଆଇଏଲ ଦାଖଲ କରିଛନ୍ତି ବିଜେପି ନେତା ତଥା ସାମାଜିକ କର୍ମୀ ଅଶ୍ୱିନୀ ଉପାଧ୍ୟାୟ। ଯଦି ନିର୍ବାଚନ ରଦ୍ଦ ହେବ ତାହେଲେ ସେହି ପ୍ରାର୍ଥୀମାନେ ପୁଣିଥରେ ପ୍ରାର୍ଥୀ ହେବା ଉପରେ ମଧ୍ୟ ରୋକ୍ ଲଗାଯିବା ଦରକାର ବୋଲି ସେ ଦାବି କରିଛନ୍ତି। ଏଭଳି ଆବେଦନ ପଛର କାରଣ କହିବାକୁ ଯାଇ ଆବେଦନାକାରୀ କହିଛନ୍ତି, ଅନେକ ଥର ରାଜନୀତିକ ଦଳମାନେ ଭୋଟରଙ୍କ ସହ ଆଲୋଚନା ନକରି ନିଜ ମନ ଇଚ୍ଛା ପ୍ରାର୍ଥୀ ଛିଡ଼ା କରୁଛନ୍ତି। ଆଉ ସେହି ପ୍ରାର୍ଥୀଙ୍କ ଉପରେ ଲୋକମାନେ ଅସନ୍ତୁଷ୍ଟ ଥିବାର ନଜିର ରହିଛି। ତେଣୁ ନୋଟାକୁ ଯଦି ଅଧିକ ଭୋଟ୍ ମିଳିଲେ ନିର୍ବାଚନ ରଦ୍ଦ ହେବା ଦରକାର। ତାହେଲେ ଲୋକମାନେ ନିଜ ନିଜର ମତଦାନକୁ ନେଇ ସନ୍ତୋଷ ପ୍ରକାଶ କରିପାରିବେ। ତେବେ ଏହି ମାମଲାର ଶୁଣାଣି କରିବା ବେଳେ ସିଜେଆଇ ପ୍ରଶ୍ନ ଉଠାଇଛନ୍ତି। ଯଦି ଏହି ଆବେଦନକୁ ଗ୍ରହଣ କରାଯିବ ଆଉ କୌଣସି ରାଜନୀତିକ ଦଳ ପୁନଃ ନିର୍ବାଚନ ହେଲେ ଯଦି ପ୍ରାର୍ଥୀ ପାଇବେ ନାହିଁ ତାହେଲେ କଣ ହେବ? ଏଭଳି ହେଲେ ସାମ୍ବିଧାନିକ ସମସ୍ୟା ଦେଖା ଦେବ ବୋଲି ପ୍ରଧାନ ବିଚାରପତି କହିଛନ୍ତି।

## ଦେଶର ସବୁଠୁ ପ୍ରଦୂଷିତ ରାଜଧାନୀ ଦିଲ୍ଲୀ

**ନୂଆଦିଲ୍ଲୀ :** ବିଶ୍ୱର ସବୁଠୁ ଅଧିକ ପ୍ରଦୂଷିତ ରାଜଧାନୀ ହେଉଛି ନୂଆଦିଲ୍ଲୀ। ଏଭଳି ଏକ ତଥ୍ୟ ଏବେ ସାମ୍ନାକୁ ଆସିଛି। ଯାହା ସମସ୍ତଙ୍କୁ ଚିନ୍ତାରେ ପକାଇଦେଇଛି। ଏକ ରିପୋର୍ଟ ଅନୁସାରେ ବିଶ୍ୱର ସବୁଠାରୁ ପ୍ରଦୂଷିତ ରାଜଧାନୀ ମଧ୍ୟରେ ଦିଲ୍ଲୀର ନାଁ ଆଗରେ ରହିଛି। ସ୍ୱିସ୍ ସଙ୍ଗଠନ ପକ୍ଷରୁ ଜାରି କରାଯାଇଥିବା ଏୟାର କ୍ୱାଲିଟି ରିପୋର୍ଟ-୨୦୨୦ରେ ଏନେଇ ଉଲ୍ଲେଖ ରହିଛି। ସେହିପରି ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ୩୦ଟି ସହର ମଧ୍ୟରେ ଭାରତର ୨୨ଟି ସହର ରହିଛି। ୱାର୍ଲ୍ଡ କ୍ୟାପିଟାଲ ସିଟି ରାଙ୍କିଙ୍ଗରେ ଦିଲ୍ଲୀ ସବୁଠୁ ଉପରେ ରହିଛି। ଏହାପରେ ଢାକା ଏବଂ ଉଲାନବଟାର ରହିଛି। ଏହି ରିପୋର୍ଟ ଅନୁଯାୟୀ, ୨୦୧୯ ଅପେକ୍ଷା ୨୦୨୦ରେ ଦିଲ୍ଲୀରେ ବାୟୁର ଗୁଣବତ୍ତାରେ ୧୫ ପ୍ରତିଶତ ସୁଧାର ଆସିଛି। ଏହା ସତ୍ତ୍ୱେ ଦିଲ୍ଲୀ ସବୁଠାରୁ ପ୍ରଦୂଷିତ ସହର ତାଲିକାର ୧୦ମ ସ୍ଥାନରେ ରହିଛି। ଏଥିସହ ବିଶ୍ୱର



ସବୁଠାରୁ ପ୍ରଦୂଷିତ ରାଜଧାନୀର ମାନ୍ୟତାକୁ ମଧ୍ୟ ବଜାୟ ରଖିଛି। ଗୁଣବତ୍ତାରେ ସୁଧାର ଆସିଥିଲେ ମଧ୍ୟ ଭାରତରେ ବାୟୁ ପ୍ରଦୂଷଣ ସ୍ଥିତି ବିପଦଜନକ ରହିଥିବା ରିପୋର୍ଟରେ କୁହାଯାଇଛି। ଭାରତର ବାୟୁ ପ୍ରଦୂଷଣର ମୁଖ୍ୟ ଉତ୍ସ ହେଉଛି ପରିବହନ, ରନ୍ଧନ ପାଇଁ ବ୍ୟବହାର ହେଉଥିବା ଜାଳେଣି, ଶିଳ୍ପ, ନିର୍ମାଣ, ବର୍ଜ୍ୟବସ୍ତୁ ଦହନ ଏବଂ ସମୟ ସମୟରେ ନଡା ଜଳାଇବା ଆଦି ସାମିଲ ରହିଛି। ଦିଲ୍ଲୀରେ ୨୦ରୁ ୩୦ ପ୍ରତିଶତ ବାୟୁ ପ୍ରଦୂଷଣ ପଞ୍ଜାବରେ ନଡ଼ା ଜଳିବା କାରଣରୁ ହୋଇଥାଏ ବୋଲି ଆକଳନ କରାଯାଉଛି। ଦିଲ୍ଲୀ ଛଡ଼ା ସବୁଠୁ ଅଧିକ ପ୍ରଦୂଷିତ ଅଞ୍ଚଳ ତାଲିକାରେ ଗାଜିଆବାଦ, ବିଲନ୍ଦସହର, ନଏଡା, ଜଲାଲପୁର, ଗ୍ରେଟର ନଏଡା, କାନପୁର, ଲକ୍ଷ୍ନୌ, ମେରଟ, ଆଗ୍ରା, ମୁଜାଫରନଗର, ହିସାରା, ଭିୱଣ୍ଡି, ଫରିଦାବାଦ, ଫତେହାବାଦ, ଗୁରୁଗ୍ରାମ ଓ ଯମୁନା ନଗର ପ୍ରମୁଖ ରହିଛି। ଏହି ରିପୋର୍ଟ ଅନୁଯାୟୀ ବିଶ୍ୱର ସବୁଠୁ ପ୍ରଦୂଷିତ ୫୦ ଦେଶ ମଧ୍ୟରେ ବାଙ୍ଗଲାଦେଶ, ଚୀନ, ପାକିସ୍ତାନ ଓ ଭାରତ ରହିଛି। ଦେଶ ରାଙ୍କିଙ୍ଗରେ ବାଙ୍ଗଲାଦେଶର ସ୍ଥିତି ସବୁଠାରୁ ଖରାପ ରହିଛି। ଏହାପରେ ଦ୍ୱିତୀୟ ସ୍ଥାନରେ ପାକିସ୍ତାନ ଏବଂ ତୃତୀୟ ସ୍ଥାନରେ ଭାରତ ରହିଛି। ସେହିପରି ଚାଇନାର ଜିନ୍ନିଆଙ୍ଗ ସହର ସବୁଠୁ ଅଧିକ ପ୍ରଦୂଷିତ ବୋଲି ଉଲ୍ଲେଖ ରହିଛି।

### ଆଧାର କାର୍ଡ ପାଇଁ କଟିଛି ୪ କୋଟି ରାସନ କାର୍ଡ

## କେନ୍ଦ୍ର ଓ ରାଜ୍ୟକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନୋଟିସ୍

**ନୂଆଦିଲ୍ଲୀ :** ଆଧାର କାର୍ଡ ଲିଙ୍କ ହୋଇ ନଥିବାରୁ କେନ୍ଦ୍ର ସରକାର ପ୍ରାୟ ୪ କୋଟି ରାସନ କାର୍ଡକୁ ରଦ୍ଦ କରି ଦେଇଥିବା ଅଭିଯୋଗକୁ ବେଶ ଗୁରୁତ୍ୱର ସହ ନେଇଛନ୍ତି ସୁପ୍ରିମକୋର୍ଟ। ଏତେ ସଂଖ୍ୟା ରାସନ କାର୍ଡ ବାତିଲ ହୋଇଥିବା ଅଭିଯୋଗ ନିଶ୍ଚିତ ଚିନ୍ତାର ବିଷୟ ବୋଲି ମଧ୍ୟ କୋର୍ଟ କହିଛନ୍ତି। ଏଥିପାଇଁ କୋର୍ଟ କେନ୍ଦ୍ର ଓ ସମସ୍ତ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ଏସଏ ବୋବଡେ, ଜଷ୍ଟିସ ଏଏସ୍ ବୋପାଣ୍ଣା ଓ ଜଷ୍ଟିସ ଭି ରାମାସୁବ୍ରମଣିଅନଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଆଧାର ପାଇଁ ରାସନ କାର୍ଡ କଟିଥିବା ଉପରେ ହୋଇଥିବା ଆବେଦନର ଶୁଣାଣି କରିଥିଲେ। ଖଣ୍ଡପୀଠ କହିଛନ୍ତି, ଏପରି ଆବେଦନକୁ କେବେ ହେଲେ ବିରୋଧାତ୍ମକ ଆଭିମୁଖ୍ୟ ଭାବେ ଦେଖାଯାଇ ପାରିବ ନାହିଁ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରସଙ୍ଗ। ଆମକୁ ଏହାର ଶୁଣାଣି କରିବାକୁ ପଡ଼ିବ। କୋଇଲି ଦେବୀ ନାମକ ଜଣେ ମହିଳା ପ୍ରଥମେ ଏ ସମ୍ପର୍କରେ ଆବେଦନ କରିଥିଲେ। ସେ ତାଙ୍କ ଆବେଦନରେ କହିଥିଲେ ଯେ ଖାଦ୍ୟାଭାବ ଯୋଗୁ ତାଙ୍କର ୧୧ ବର୍ଷୀୟ ଝିଅ ୨୦୧୭ ସେପ୍ଟେମ୍ବର ୨୮ରେ ପ୍ରାଣ ହରାଇଛନ୍ତି। ଆଧାର କାର୍ଡ ଓ ବାଓମେଟ୍ରିକ୍ସ ଅନ୍ଥେଟିକେସନ ଯୋଗୁ ଦେଶର ପ୍ରାୟ ୪ କୋଟି ଲୋକଙ୍କ ରାସନ କାର୍ଡ ବାତିଲ ହୋଇଛି। ଏହାକୁ ଲୁଚାଇବା ପାଇଁ ସରକାର ବାତିଲ ହୋଇଥିବା କାର୍ଡକୁ ଲୋକମାନେ ଜାଲିଆତି କରି ନେଇଥିବା ସଫେଇ ଦେଉଛନ୍ତି। ହେଲେ ରାସନ କାର୍ଡ ସହ ଆଧାର ଲିଙ୍କ ନ କରିବାରୁ ସରକାର ଏଗୁଡ଼ିକୁ ବାତିଲ କରିଛନ୍ତି। ଆବେଦନକାରୀଙ୍କ ଓକିଲ କୋଲିନ ଗୋନସାଲଭେ କହିଛନ୍ତି, ଏହା ଏକ



ବୃହତ୍ତର ପ୍ରସଙ୍ଗ। ପ୍ରାୟ ୩ କୋଟି ରାସନ କାର୍ଡ କେନ୍ଦ୍ରୀୟ ସ୍ତରରେ ବାତିଲ କରାଯାଇଥିଲା ବେଳେ ୧୦ରୁ ୧୫ ଲକ୍ଷ କାର୍ଡକୁ ରାଜ୍ୟ ସରକାରମାନେ ବାତିଲ କରିଛନ୍ତି। ଏହା ପଛର ବୈଷୟିକ କାରଣ ରହିଛି। ଆଇଆରଇଆଇଏସ୍ ଆଇଡିଏଣ୍ଟିଫିକେସନ, ଅଙ୍ଗୁଳି ଚିହ୍ନ, ଆଧାର କାର୍ଡ ଲିଙ୍କ, ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ଦେଖାଯାଉଥିବା ଇଣ୍ଟରନେଟ ସମସ୍ୟା ଯୋଗୁ ରାସନ କାର୍ଡ ବାତିଲ ହୋଇଛି। ରାସନ କାର୍ଡ ବାତିଲ ହୋଇଥିବା ଲୋକଙ୍କୁ ଆଗରୁ ସରକାର ନୋଟିସ୍ ମଧ୍ୟ ଦେଇନାହାନ୍ତି। ହଠାତ୍ ରାସନ କାର୍ଡ କଟି ଯାଇଥିବାରୁ ଲୋକମାନେ ଠିକ୍ ଭାବେ ଖାଦ୍ୟ ସାମଗ୍ରୀ ମଧ୍ୟ ପାଇ ନଥିଲେ। ଖାଦ୍ୟ ସୁରକ୍ଷା ଆଇନର ସେକସନ ୧୪ ଆଧାରରେ କୌଣସି ଗୋଟିଏ ହେଲେ ବି ରାଜ୍ୟ ନିରପେକ୍ଷ ନୋଡାଲ ଅଫିସର ନିଯୁକ୍ତି କରିନାହାନ୍ତି। ସେହିପରି ସେକସନ ୧୫ ଅନୁସାରେ ଡିଷ୍ଟ୍ରିକ୍ଟ ଗ୍ରିଭାନ୍ସ ରେଡ୍ରିସାଲ ଅଫିସର ମଧ୍ୟ ନିଯୁକ୍ତି ହୋଇନାହାନ୍ତି। କାର୍ଯ୍ୟରତ ଅଫିସରଙ୍କୁ ରାଜ୍ୟ ସରକାରମାନେ ଅତିରିକ୍ତ ଅଫିସର ଭାବେ ଦାୟିତ୍ୱ ହସ୍ତାନ୍ତର କରୁଛନ୍ତି। ଖାଦ୍ୟ ଯୋଗାଣ ବିଭାଗର ଅଧିକାରୀଙ୍କୁ ଏହି ଅତିରିକ୍ତ ପଦବୀ ମିଳୁଛି। ହେଲେ ସେମାନେ ହିଁ ସବୁ ଦୁର୍ନୀତିର ମୂଳସୂତ୍ର ଧର ବୋଲି ସରକାର ଭୁଲି ଯାଉନ୍ତି। ତେଣୁ ଏହା ଉପରେ ପଦକ୍ଷେପ ନେବା ଦରକାର ବୋଲି ସେ ତାଙ୍କ ଯୁକ୍ତିରେ କହିଥିଲେ। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଅମନ ଲେଖି କହିଛନ୍ତି, ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଅଭିଯୋଗ ଶୁଣିବା ଓ ସାମାଧନ କରିବାକୁ ବ୍ୟବସ୍ଥା ରହିଛି। ଯଦି ଆଧାର ନାହିଁ, ତା'ହେଲେ ଅଲଗା ପରିଚୟପତ୍ରର ଦସ୍ତାବିଜ ଦାଖଲ କରାଯାଇପାରିବ। ଆମେ ପୂର୍ବରୁ ସ୍ପଷ୍ଟ କରି ସାରିଛୁ ଯେ ଆଧାର ଥାଉ କି ନଥାଉ, କାହାକୁ ବି ଖାଦ୍ୟ ଯୋଗାଣରୁ ବିରତ କରାଯାଇ ପାରିବ ନାହିଁ। କୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନୋଟିସ କରିଛନ୍ତି। ୨୦୧୮ରୁ ଏହି ଆବେଦନ ପେଣ୍ଡିଂ ହୋଇ ରହିଥିବାରୁ ଆସନ୍ତା ୪ ସପ୍ତାହ ମଧ୍ୟରେ କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ କରିବାକୁ ସୁପ୍ରିମକୋର୍ଟ କହିଛନ୍ତି।

# ଗ୍ରୀଷ୍ମ ମୁକାବିଲା ଲାଗି ଉଚ୍ଚ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ

**ଭୁବନେଶ୍ୱର :** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଖୋଲା ରହିଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳସଚିବ ଓ ସରକାରୀ, ବେସରକାରୀ କଲେଜ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗତ ଫେବ୍ରୁଆରି ୨୩ରେ ସ୍ୱତନ୍ତ୍ର ରିଲିଫ କମିସନରଙ୍କ ପକ୍ଷରୁ ହିଟ୍‌ୱେଭ୍ ନେଇ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି । କୋଭିଡ୍-୧୯ ସଂକ୍ରମଣ ଯୋଗୁଁ ବିଶ୍ୱବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀଙ୍କ ପାଠପା ପ୍ରଭାବିତ ହୋଇଛି । ତେଣୁ ଗ୍ରୀଷ୍ମ ସମୟରେ ଶିକ୍ଷାନୁଷ୍ଠାନ ଖୋଲା ରଖି ପିଲାଙ୍କୁ ପାଇବା ଦିଗରେ ପଦକ୍ଷେପ ନିଆଯାଇଛି । ତେବେ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ସକାଳୁଆ କ୍ଲାସ ଓ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି । ଉଚ୍ଚ ଶିକ୍ଷାନୁଷ୍ଠାନରେ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା, କ୍ୟାମ୍ପସରେ ଥିବା ନଳକୂଅ ମରାମତି କରାଇବା, ପର୍ଯ୍ୟାପ୍ତ ଓଆରଏସ୍ ଉପଲବ୍ଧ କରିବା, ଶ୍ରେଣୀଗୃହ ବାହାରେ କେଣସି କାର୍ଯ୍ୟକଳାପ ନ କରିବାକୁ କୁହାଯାଇଛି । କୋଭିଡ୍-୧୯ ପରେ ଯେଉଁ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ପରିବହନ ସେବା ବନ୍ଦ ରଖିଛନ୍ତି ସେମାନେ ପୁଣିଥରେ ଆରମ୍ଭ କରିପାରିବେ । ପିଲାମାନେ ଶିକ୍ଷାନୁଷ୍ଠାନକୁ ଯିବା ସମୟରେ ସାଙ୍ଗରେ ପାଣି ବୋତଲ ନେବା ଓ ହିଟ୍‌ୱେଭ୍ ସମ୍ପର୍କରେ ସଚେତନ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଗତ ୫ ବର୍ଷରେ ଜମି ପାଇଛନ୍ତି ୬୪୮ ସଂସ୍ଥା

**ଭୁବନେଶ୍ୱର :** ରାଜ୍ୟରେ ବଢୁଛି ଶିଳ୍ପାୟନ । ଏଥିଲାଗି ଇଡକୋ ବିଭିନ୍ନ ଶିଳ୍ପସଂସ୍ଥାଙ୍କୁ ଜମି ଯୋଗାଇ ଦେଉଛି । ବିଦଗ ୫ ବର୍ଷ ମଧ୍ୟରେ କେତେ ସଂଖ୍ୟକ ଉଦ୍ୟୋଗୀ ଜମି ପାଇଁ ଆବେଦନ କରିଥିଲେ ଏବଂ କେତେ ଜଣଙ୍କୁ ଜମି ଦିଆଯାଇଛି । ଏ ନେଇ ବିଧାୟକ ମୋହନ ଚରଣ ମାଝୀ ପଚାରିଥିବା ପ୍ରଶ୍ନର ଉତ୍ତର ରଖିଛନ୍ତି ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର । ମନ୍ତ୍ରୀ ଗୃହରେ ରଖିଥିବା ତଥ୍ୟ ଅନୁଯାୟୀ, ବିଗତ ୫ ବର୍ଷ ଭିତରେ ୧୦୩୩ ଗୋଟି ଶିଳ୍ପ ସଂସ୍ଥା ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାରଙ୍କ ସ୍ଥିରୀକୃତ ବିଭିନ୍ନ ନୋଡାଲ୍ ଏଜେନ୍ସିମାନଙ୍କ ସୁପାରିସ୍ କ୍ରମେ ଇଡକୋରେ ଜମି ଆବଣ୍ଟନ ଲାଗି ଆବେଦନ କରିଥିଲେ । ସେଥିମଧ୍ୟରୁ ୭୦୧ଗୋଟି ଶିଳ୍ପ ସଂସ୍ଥା ମାନଙ୍କ ପ୍ରସ୍ତାବ ଆବଣ୍ଟନ ପାଇଁ ଅନୁମୋଦନ ଲାଭ କରିଥିଲା । ଅନୁମୋଦିତ ପ୍ରସ୍ତାବ ମଧ୍ୟରୁ ୬୪୮ ଗୋଟି ସଂସ୍ଥାଙ୍କୁ ଜମି ପ୍ରଦାନ କରାଯାଇଥିବା ବେଳେ ୫୩ ଗୋଟି ଶିଳ୍ପ ସଂସ୍ଥାମାନଙ୍କ ପ୍ରସ୍ତାବ କ୍ରିୟାଶୀଳ ଅବସ୍ଥାରେ ଅଛି । ଏତଦବ୍ୟତୀତ ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ବୃହତ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ନୋଡାଲ୍ ଏଜେନ୍ସି ତଥା ଇପିକଲର ସୁପାରିସ୍ ଅଧୀନରେ ଇଡକୋ ମାଧ୍ୟମରେ ଜମି ଅଧିଗ୍ରହଣ କରାଯାଇ ୧୩୭ ଗୋଟି ଶିଳ୍ପ ସଂସ୍ଥା ମାନଙ୍କୁ ଆବଣ୍ଟନ କରାଯାଇଛି । ସମ୍ପୃକ୍ତ ଶିଳ୍ପ ସଂସ୍ଥା ମାନଙ୍କ ମଧ୍ୟରୁ କେତେ ସଂଖ୍ୟକଙ୍କୁ ୬ ମାସ, ୧ ବର୍ଷ, ୨ ବର୍ଷ ଓ ୩ ବର୍ଷ ମଧ୍ୟରେ ଜମି ପ୍ରଦାନ କରାଯିହା ଏବଂ କେତେ ସଂଖ୍ୟକ ଅଦ୍ୟାବଧି ଶିଳ୍ପ ପ୍ରତିଷ୍ଠା କରିନାହାନ୍ତି ବା ତାହା କାର୍ଯ୍ୟକ୍ଷମ ହୋଇନାହିଁ ସେ ସମ୍ପର୍କିତ ତଥ୍ୟ ସଂଗ୍ରହ କରି ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ଓଡ଼ିଶାର ୧୫ ମାଓପ୍ରବଣ ଜିଲ୍ଲାକୁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା

# ୪ ବର୍ଷରେ ମିଳିଛି ୧୫୭.୫୮ କୋଟି

**ଭୁବନେଶ୍ୱର,(ପିଆଇବି) :** ଦେଶର ବାମପନ୍ଥୀ ଉଗ୍ରବାଦ ପ୍ରବଣ ଜିଲ୍ଲା ଗୁଡିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସ୍‌ସିଏ) ଯୋଜନା ମାଧ୍ୟମରେ ବିଶେଷ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ବିଗତ ତିନିବର୍ଷ ଏବଂ ଚଳିତ ବର୍ଷ ଓଡ଼ିଶାକୁ ମୋଟ ୧୫୭.୫୮ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟକୁ ୧୦ କୋଟି ଟଙ୍କା, ୨୦୧୮-୧୯ ଆର୍ଥିକ ବର୍ଷରେ ୬୬.୬୭ କୋଟି ଟଙ୍କା, ୨୦୧୯-୨୦ ଆର୍ଥିକ ବର୍ଷରେ ୬୬.୬୬ କୋଟି ଟଙ୍କା ଓ ୨୦୨୦-୨୧ ଆର୍ଥିକ ବର୍ଷରେ ୧୪.୨୫ କୋଟି ଟଙ୍କା ମିଳିଛି । ବାମପନ୍ଥୀ ଉଗ୍ରବାଦ ପ୍ରବଣ ଜିଲ୍ଲା ଗୁଡିକୁ ସୁରକ୍ଷା ସଂକ୍ରାନ୍ତ ବ୍ୟୟ (ଏସ୍‌ଆରଇ) ଯୋଜନାରେ ସାମିଲ କରାଯାଇଛି । ଏହି ଯୋଜନାକୁ ଏପ୍ରିଲ ୨୦୧୮ରେ ସମୀକ୍ଷା କରାଯାଇଥିଲା । ବର୍ତ୍ତମାନ ଯୋଜନା ଅଧିନରେ ଓଡ଼ିଶା, ଝାରଖଣ୍ଡ, ଛତିଶଗଡ ଓ ଆନ୍ଧ୍ର ପ୍ରଦେଶର ୫୪ଟି ଜିଲ୍ଲାକୁ ସାମିଲ କରାଯାଇ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ଯାହାକି ୧.୪.୨୦୧୮ ଠାରୁ ଲାଗୁ ହୋଇଛି । ଏପ୍ରିଲ ୨୦୧୮ ପୂର୍ବରୁ ଏହିସବୁ ରାଜ୍ୟର ୬୪ଟି ଜିଲ୍ଲାକୁ ଏସ୍‌ଆରଇ ଯୋଜନାରେ ସାମିଲ କରାଯାଇଥିଲା । ବର୍ତ୍ତମାନ ଓଡ଼ିଶାର ୧୫ଟି ଜିଲ୍ଲା ଯଥା ଅନୁଗୁଳ, ବରଗଡ, ବଲାଙ୍ଗିର, ଦେବଗଡ, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୟାଗଡ, ନୂଆପଡା, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ ଏହି ଯୋଜନାରେ ସାମିଲ ହୋଇଛନ୍ତି । ବାମପନ୍ଥୀ ଉଗ୍ରବାଦ ପ୍ରବଣ ଜିଲ୍ଲା ହୋଇଥିବାରୁ ଏସବୁ ଜିଲ୍ଲାକୁ ସୁରକ୍ଷା ସଂକ୍ରାନ୍ତ ବ୍ୟୟ



ଯୋଜନାରେ ସାମିଲ କରାଯାଇ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ତେବେ ଏହି ୧୫ଟି ଜିଲ୍ଲା ମଧ୍ୟରୁ ୭ଟି ଜିଲ୍ଲା ଯଥା ବୌଦ୍ଧ, ସମ୍ବଲପୁର, ନୟାଗଡ, ଅନୁଗୁଳ, ଦେବଗଡ, ନବରଙ୍ଗପୁର ଓ ସୁନ୍ଦରଗଡରେ ୨୦୨୦ ବର୍ଷରେ ଗୋଟିଏ ହେଲେ ମାଓ ହିଂସା ଘଟଣା ଘଟିନାହିଁ । ୨୦୧୮ ଏପ୍ରିଲ ପୂର୍ବରୁ ଓଡ଼ିଶାର ୧୯ ଜିଲ୍ଲା ଯଥା ଗଜପତି, ଗଞ୍ଜାମ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା, ସମ୍ବଲପୁର, ସୁନ୍ଦରଗଡ, ନୟାଗଡ, କନ୍ଧମାଳ, ଦେବଗଡ, ଯାଜପୁର, ଢେଙ୍କାନାଳ, କଳାହାଣ୍ଡି, ନୂଆପଡା, ବରଗଡ ଓ ବଲାଙ୍ଗିରକୁ ଏସ୍‌ଆରଇ ଯୋଜନାରେ ସାମିଲ କରାଯାଇଥିଲା । ବର୍ତ୍ତମାନ ଓଡ଼ିଶାର ୧୫ଟି ଜିଲ୍ଲା ବ୍ୟତୀତ ଆନ୍ଧ୍ରପ୍ରଦେଶର ୬ଟି, ଛତିଶଗଡର ୧୪ଟି, ଝାଡଖଣ୍ଡର ୧୯ଟିକୁ ମିଶାଇ ମୋଟ ୫୪ଟି ଜିଲ୍ଲାକୁ ଏସ୍‌ଆରଇ ଯୋଜନାରେ ସାମିଲ କରାଯାଇ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ଲୋକସଭାରେ ସୂଚନା ଦେଇଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଜି. କିଷାନ ରେଡ୍ଡୀ ।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

# ୫୪୩ ରାସ୍ତା, ୭୭ ପୋଲ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) କାର୍ଯ୍ୟାନ୍ୱୟନରେ ଓଡ଼ିଶା ଦ୍ରୁତ ଅଗ୍ରଗତି ବଜାୟ ରଖିଛି । କୋଭିଡ୍-୧୯ କଟକଣା ଅନୁପାଳନ ମଧ୍ୟରେ ବି ଓଡ଼ିଶା ଏହି ଯୋଜନାର ତୃତୀୟ ପର୍ଯ୍ୟାୟର ପ୍ରଥମ ଦଫାରେ ଅନୁମୋଦିତ ହୋଇଥିବା ୩୪୦ ରାସ୍ତା ପ୍ରକଳ୍ପର କ୍ଷେତ୍ର ସ୍ତରୀୟ କାର୍ଯ୍ୟ ଆରମ୍ଭ କରିଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଷ୍ଟାଣ୍ଡିଂ କମିଟି ବୈଠକର ଆଲୋଚନାରୁ ଏହା ଜଣାପଡ଼ିଛି । ଲୋକସେବା ଭବନରୁ 'ଡିଜିଟାଲ୍ ମୋଡ୍'ରେ ଅନୁଷ୍ଠିତ ଏହି ବୈଠକରେ ଉନ୍ନୟନ କମିସନର୍ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ପ୍ରଶାସନିକ, ଆର୍ଥିକ ଓ ବୈଷୟିକ ବିଷୟ ସହ ନୂଆ ୫୪୩ଟି ରାସ୍ତା ଓ ୭୭ ଟି ପୋଲ ପ୍ରକଳ୍ପ ପ୍ରସ୍ତାବ ଆଲୋଚନା



ନିମନ୍ତେ ଉପସ୍ଥାପନ କରିଥିଲେ । ପ୍ରକଳ୍ପଗୁଡ଼ିକର ଗୁରୁତ୍ୱକୁ ବିଚାର କରି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ସେଗୁଡିକୁ ନୀତିଗତ ଅନୁମୋଦନ ଦେଇଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ସୁଦର୍ଶନ ପରିଡ଼ା କହିଥିଲେ ଯେ ବୈଠକରେ ପିଏମ୍‌ଜିଏସ୍‌ୱାଇ-ତୃତୀୟ ପର୍ଯ୍ୟାୟର ଦ୍ୱିତୀୟ ଦଫା ନିମନ୍ତେ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ୯ ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏହି ଜିଲ୍ଲାଗୁଡ଼ିକ ହେଲା ବଲାଙ୍ଗୀର, ଭଦ୍ରକ, ଗଞ୍ଜାମ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ଼ ଓ ପୁରୀ। ଏହି ସବୁ ଜିଲ୍ଲାରେ ୩୪୩୫ କିମି ରାସ୍ତାର ପ୍ରଶସ୍ତୀକରଣ ଓ ବିକାଶ କରାଯିବା ସହ ୭୭ଟି ପୋଲ ନିର୍ମାଣ କରାଯିବ । ଏହି ସବୁ ପ୍ରକଳ୍ପରେ ପ୍ରାୟ ୨,୨୨୯ କୋଟି ଟଙ୍କା ବିନିଯୋଗ କରାଯିବ । ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ପ୍ରାୟ ୬୨ ହଜାର କିମି ରାସ୍ତା ଏବଂ ୪୧୨ଟି ପୋଲ ନିର୍ମାଣ ସରିଛି । ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା, ପୂର୍ତ୍ତ ବିଭାଗ ସଚିବ କ୍ରିଷନ୍ କୁମାର, ପିଏମ୍‌ଜିଏସ୍‌ୱାଇର ମୁଖ୍ୟ ଯନ୍ତ୍ରୀ ଅକ୍ଷୟ କୁମାର ପ୍ରଧାନ ଓ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ୟୁନିଟ୍ ପିଛା ବିଦ୍ୟୁତ୍ ଦର ବଢ଼ିପାରେ ଦେଢ଼ ଟଙ୍କା

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ନିଜସ୍ୱ ବିଦ୍ୟୁତ କମ୍ପାନିମାନେ ଆସନ୍ତାବର୍ଷ ପାଇଁ ବିଦ୍ୟୁତ ଦର ବୃଦ୍ଧି ପାଇଁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଏଆରସି)ଙ୍କ ନିକଟରେ ପିଟିସନ୍ ଦେଇଛନ୍ତି । ଏଥିରେ ବିଦ୍ୟୁତ ଦର ୟୁନିଟ୍ ପିଛା ଦେ ଟଙ୍କା ବଢ଼ିବ ବୋଲି ଅନୁମାନ କରାଯାଉଛି । ଗତ ୬ମାସ ତଳେ ଓଇଆରସି ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି କରିବା ପରେ ଗ୍ରାହକଙ୍କୁ ୟୁନିଟ୍ ପିଛା ୫ଟଙ୍କା ୨୫ପଇସା ଦେବାକୁ ପଡୁଛି । ଦର ବିଲେ ୟୁନିଟ୍ ପିଛା ଓଡ଼ିଶାରେ ବିଦ୍ୟୁତ ଦର ୫ଟଙ୍କା ୨୫ପଇସାରୁ ବଢ଼ି ୬.୭୫ ଟଙ୍କା ହେବ । ଫଳରେ ରାଜ୍ୟର ଅନେକ ଶିଳ୍ପ ସଂସ୍ଥା ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ହୋଇଯିବ । ରାଜ୍ୟ ସରକାର ଯଦି ବିଦ୍ୟୁତ କମ୍ପାନିଙ୍କ ପିଟିସନ୍‌କୁ ଗ୍ରହଣ କରନ୍ତି ତା'ହେଲେ ଜନ ଆନ୍ଦୋଳନ ହେବ ବୋଲି ଉପଭୋକ୍ତା ମହାସଂଘର ସଭାପତି ରମେଶ ଶତପଥୀ ଚେତାଇ ଦେଇଛନ୍ତି । ମହାସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି, ଦେଶର ବିଭିନ୍ନ ରାଜ୍ୟ ସରକାରମାନେ ଗ୍ରାହକଙ୍କୁ ବିନା



ମୂଲ୍ୟ/ସ୍ୱଳ୍ପ ମୂଲ୍ୟରେ ବିଦ୍ୟୁତ ଯୋଗାଇ ଆସୁଛନ୍ତି । ହେଲେ ଓଡ଼ିଶା ସରକାର ବିଦ୍ୟୁତ ବିଭାଗରୁ କୋଟି କୋଟି ଟଙ୍କା ଆଦାୟ କରି ଗ୍ରାହକଙ୍କୁ ଶୋଷିବାରେ ଲାଗିଛନ୍ତି । ରାଜ୍ୟ ସରକାର ବିଦ୍ୟୁତ ବିଭାଗରୁ ବର୍ଷକୁ ହାରାହାରି ୩-୪ହଜାର କୋଟି ଟଙ୍କା ଇଲେକ୍ଟ୍ରିସିଟି ଡ୍ୟୁଟି ଆଦାୟ କରୁଛନ୍ତି । ରାଜ୍ୟ ସରକାର ଜାଣିଶୁଣି ବିଦ୍ୟୁତ ବିଭାଗର ସମସ୍ତ ଆର୍ଥିକ କ୍ଷତିକୁ ଗ୍ରିଡକୋ ଉପରେ ଲଦି ଦେବା/ ଚା ଦରରେ ବିଦ୍ୟୁତ କିଣିବା ପାଇଁ ସରକାରୀ ଗ୍ୟାରେଣ୍ଟିର ବ୍ୟାଙ୍କରୁ ଋଣ କରିବା ଓ ଗ୍ୟାରେଣ୍ଟି କମିସନ ବ୍ୟାଙ୍କ ସୁଧକୁ ବିଦ୍ୟୁତ ଗ୍ରାହକଙ୍କଠାରୁ ପ୍ରତିବର୍ଷ ବିଦ୍ୟୁତ ଦର ଆକାରରେ ଆଦାୟ କରିବାକୁ ମହାସଂଘ ତୀବ୍ର ବିରୋଧ କରୁଛି ।

# ସ୍କୁଲ ଖୋଲିଲେ ରିଭିଜନ୍ କ୍ଲାସ୍

## ପ୍ରଥମରୁ ଅଷ୍ଟମ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଲାଗୁ



**ଭୁବନେଶ୍ୱର :** ୨୦୨୧-୨୨ ଶିକ୍ଷାବର୍ଷ ଆରମ୍ଭରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ରିଭିଜନ୍ କ୍ଲାସ ହେବ । ପାଠପଢ଼ା ଆରମ୍ଭ ହେବାର ୨ରୁ ୩ ମାସ ମଧ୍ୟରେ ଉକ୍ତ ୮ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ରିଭିଜନ କ୍ଲାସ ହେବ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏହି ସମୟରେ ଛାତ୍ରଛାତ୍ରୀଙ୍କୁ ପୁରୁଣା ପାଠର ରିଭିଜନ କରାଇବେ । ଛାତ୍ରଛାତ୍ରୀଙ୍କ ଦକ୍ଷତାସ୍ତର ବୃଦ୍ଧି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ନିଷ୍ପତ୍ତି ନେଇଛି । ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ଘରୋଇ ସ୍କୁଲଗୁଡ଼ିକରେ ଏହି ନିୟମ ଲାଗୁ ହେବାୟ ତେଣୁ ଏଦିଗରେ ପଦକ୍ଷେପ ନେବା ଲାଗି ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ କୁହାଯାଇଛି । ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ ଯେ ଜୁନ୍ ମାସରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇପାରେ । ଅପରପକ୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ବିନା ପରୀକ୍ଷାରେ ଉପର ଶ୍ରେଣୀକୁ ଉନ୍ନୀତ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । କରୋନା ଯୋଗୁଁ ଗତ ଏକ ବର୍ଷ ହେଲା ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଠପଢ଼ା ହୋଇପାରି ନାହିଁ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଫ୍‌ଲାଇନ୍‌ରେ କୌଣସି ଶିକ୍ଷା ଗ୍ରହଣ କରି ନାହାନ୍ତି । ଅଫ୍‌ଲାଇନ୍‌ରେ ପାଠପଢ଼ା କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲେ ମଧ୍ୟ ତାହା ସରକାରୀ ବିଦ୍ୟାଳୟରେ ଶତ ପ୍ରତିଶତ ସଫଳ ହୋଇନି । ମାତ୍ର ୨୫ ଲକ୍ଷ ଛାତ୍ରଛାତ୍ରୀ ଅନ୍‌ଲାଇନ୍‌ରେ ଶିକ୍ଷା ଗ୍ରହଣ କରିଛନ୍ତି । ଆହୁରି ଅଧାରୁ ଅଧିକ ପିଲା ପାଠପଢ଼ି ପାରି ନାହାନ୍ତି । ତେଣୁ ଉକ୍ତ ଛାତ୍ରଛାତ୍ରୀଙ୍କ ପରୀକ୍ଷା କରିବା ସମ୍ଭବପର ନୁହେଁ । ସେଥିପାଇଁ ଗତବର୍ଷ ଯେଉଁଭଳି ଭାବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିନା ପରୀକ୍ଷାରେ କ୍ଲାସ ପ୍ରମୋସନ ଦିଆଯାଇଥିଲା ଚଳିତବର୍ଷ ମଧ୍ୟ ସେହି ଢାଞ୍ଚା ଆପଣାଯିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ପରୀକ୍ଷା କରିବେ କି ନାହିଁ ସେନେଇ ବିଜ୍ଞପ୍ତିରେ କିଛି ସ୍ପଷ୍ଟ କରାଯାଇ ନାହିଁ ।

# ଏବର୍ଷ କାର୍ଯ୍ୟକ୍ଷମ ହେବ ଆଉ ୩୬ଟି ବ୍ଲକ୍‌ରେ ଆଦର୍ଶ ବିଦ୍ୟାଳୟ

## ୨୧୪ ସ୍କୁଲ୍‌ରେ ୯୯୬ ପଦବି ଖାଲି

**ଭୁବନେଶ୍ୱର :** ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୧୪ଟି ବ୍ଲକ୍‌ରେ ଆଦର୍ଶ ବିଦ୍ୟାଳୟ ଖୋଲିସାରିଛି । ବାକି ଥିବା ୧୦୦ଟି ବ୍ଲକ୍ ମଧ୍ୟରୁ ୩୬ଟି ବ୍ଲକ୍‌ରେ ଆଗାମୀ ଶିକ୍ଷା ବର୍ଷ ୨୦୨୧-୨୨ରୁ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବ । ଅନ୍ୟ ୬୪ଟି ବ୍ଲକ୍‌ରେ କୋଠା ନିର୍ମାଣ କାର୍ଯ୍ୟ ଶେଷ ହେଲେ ପର୍ଯ୍ୟାୟକ୍ରମେ ଖୋଲାଯିବ । ବିଧାନସଭାରେ ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି । ପ୍ରତ୍ୟେକ ବିଦ୍ୟାଳୟରେ ୨୨ଟି ଶିକ୍ଷକ, ଗୋଟିଏ ଲାଇବ୍ରେରିଆନ୍, ଗୋଟିଏ ଜୁନିଅର୍ କ୍ଲର୍କ ଓ ୩ଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ପାଇଁ ମଞ୍ଜୁରୀପ୍ରାପ୍ତ ପଦବି ରହିଛି । ମାତ୍ର ବିଦ୍ୟାଳୟରେ ଶ୍ରେଣୀ ସଂଖ୍ୟା ଅନୁଯାୟୀ ଆବଶ୍ୟକ ପଦବିର




ଆକଳନ କରି ପର୍ଯ୍ୟାୟକ୍ରମେ ପୂରଣ କରାଯାଉଛି । ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ଥିବା ୨୧୪ଟି ବିଦ୍ୟାଳୟରେ ମୋଟ୍ ୫୫୬୪ଟି ମଞ୍ଜୁରୀପ୍ରାପ୍ତ ପଦବି ରହିଛି । ତାହା ମଧ୍ୟରୁ ୩୯୪୦ଟି ପଦବି ପାଇଁ ମାନବ ସମ୍ବଳର ଆବଶ୍ୟକତା ରହିଛି । କିନ୍ତୁ କାମ କରୁଛନ୍ତି ୨୯୪୪ ଜଣୟ ୯୯୬ଟି ପଦବି ଖାଲି ପଡ଼ିଛି ବୋଲି ମନ୍ତ୍ରୀ ଜଣାଇଛନ୍ତି ।

# ଅନ୍‌ଲାଇନରେ ମିଳୁଛି ଜାତିଗତ ପ୍ରମାଣପତ୍ର

**ଭୁବନେଶ୍ୱର :** ଟେକ୍ନୋଲୋଜି କ୍ଷେତ୍ରରେ ଆଗେଇଛି ଓଡ଼ିଶା । ଆଗରୁ ଅନେକ ଗୁଡ଼ିଏ ସେବା ପାଇଁ ଲୋକମାନଙ୍କୁ ବାରମ୍ବାର ତହସିଲ୍, ଆର.ଆଇ ଅଫିସ୍ ଦୌଡ଼ିବାକୁ ପଡୁଥିଲା । ସରକାର ଅଧିକାଂଶ ସେବାକୁ ଡିଜିଟାଲାଇଜେସନ୍ କରିବା ପରେ ଏବେ ଆଉ ଅଫିସରେ ଲାଗୁନି ଲୋକଙ୍କ ଭିଡ଼ । ଅନଲାଇନ୍ ମାଧ୍ୟମରେ ମାତ୍ର କିଛି ମିନିଟରେ ମିଳୁଛି ପ୍ରମାଣ ପତ୍ର । ଜମି ଖଜଣାରୁ ନେଇ ଜାତିଗତ ପ୍ରମାଣପତ୍ର ଯାଏ ସବୁକିଛି ଅନଲାଇନ୍ ମାଧ୍ୟମରେ ହେଉଛି । ବିଧାନସଭାରେ ବିଧାୟକ ଭୂପିନ୍ଦର ସିଂହ ଏନେଇ ପଚାରିଥିବା ପ୍ରଶ୍ନର ଉତ୍ତର ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି । ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଭୁବନଶ୍ୱର ସୂଚନା ଅନୁସାରେ ୨୦୧୯-୨୦ ବର୍ଷରେ ୬ ହଜାର ୭୬୭ଟି ଏବଂ ୨୦୨୦-୨୧ ବର୍ଷରେ ୩୧୭୦ଟି




କୃଷି ଖତିୟାନର ଜମି ଖଜଣା ମୋବାଇଲ୍ ଆପ୍ ଜରିଆରେ ପୈଠ କରାଯାଇଛି । ସମଗ୍ର ରାଜ୍ୟରେ ୧ କୋଟି ୭୧ ଲକ୍ଷ ୨୬ ହଜାର ୫୪୬ଟି ଖତିୟାନ ରହିଛି । ବହୁ ଖତିୟାନରେ ଏକାଧିକ ଚାଷୀଙ୍କ ନାମ ରହିଛି । ସେହିଭଳି ସରକାର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଲାଗି ବିଦ୍ୟାଳୟ ପ୍ରସ୍ଥାନ ପ୍ରମାଣପତ୍ର ସହ ଜାତଗିତ ପ୍ରମାଣପତ୍ର (ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି) ପ୍ରଦାନ କରିବା ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଏନେଇ ସରକାର ସମ୍ପୃକ୍ତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗକୁ ନିର୍ଦ୍ଦେଶନାମା ଜାରି କରିବାକୁ ଅନୁରୋଧ କରିଛନ୍ତି । ଏହାଛଡ଼ା ରାଜ୍ୟ ସରକାର ୫-ଟି' କାର୍ଯ୍ୟକ୍ଷମ ମାଧ୍ୟମରେ ୨୦୧୯ ଡିସମ୍ବର ୨୮ରୁ ଅନଲାଇନରେ ଜାତିଗତ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା କରିଛନ୍ତି । ଏଥିରେ ବର୍ତ୍ତମାନ ଯାଏ ୨ ଲକ୍ଷ ୪୬ ହଜାର ୯୧୯ ଗୋଟି ତଫସିଲଭୁକ୍ତ ଜାତି ପ୍ରମାଣପତ୍ର ଓ ୩ ଲକ୍ଷ ୫୩ ହଜାର ୯୪୪ ଗୋଟି ତଫସିଲଭୁକ୍ତ ଜନଜାତି ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛି । ଉତ୍ତରାଧିକାରୀ ପ୍ରମାଣ ପତ୍ର ବଦଳରେ ଏ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରାଯାଇ ନଥିବା ମନ୍ତ୍ରୀ କହିଛନ୍ତି ।

# କରୋନା କାଳରେ ରାଜ୍ୟକୁ ଫେରିଛନ୍ତି ୧୦ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ

**ଭୁବନେଶ୍ୱର :** କରୋନା ସଂକ୍ରମଣ ସମୟରେ ରାଜ୍ୟକୁ ଅନେକ ପ୍ରବାସୀ ଶ୍ରମିକ ଫେରିଥିଲେ । ସେମାନଙ୍କ ଜୀବିକା ନିରାପତ୍ତା ଏବଂ ରିଲିଫ୍ ବାବଦରେ ସରକାର ବି ଅର୍ଥ ଯୋଗାଇ ସାହାଯ୍ୟ କରିଥିଲେ । ଶ୍ରମିକଙ୍କ ଜୀବିକା ନିରାପତ୍ତା ଖର୍ଚ୍ଚ ବାବଦରେ ବିଧାନସଭାରେ ଖଣ୍ଡପଡ଼ା ବିଧାୟକ ପ୍ରଶ୍ନ ରଖିଥିଲେ । ଯାହାର ଉତ୍ତର ରଖିଛନ୍ତି ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହ । ମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ପ୍ରକାରେ କରୋନା ସଂକ୍ରମଣ କାଳରେ ଗତବର୍ଷ ମେ'ରୁ ଅକ୍ଟୋବର ମାସ ମଧ୍ୟରେ ରାଜ୍ୟକୁ ୧୦ ଲକ୍ଷ ୭ ହଜାର ୩୩୦ ଜଣ ଶ୍ରମିକ ଫେରିଥିଲେ । ଫେରନ୍ତା ଶ୍ରମିକମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ନିର୍ଦ୍ଦିଷ୍ଟ ରହଣି ଅବଧି ପରେ ତୁରନ୍ତ ସହାୟତା ବାବଦକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ପ୍ରତ୍ୟେକଙ୍କୁ ୨ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇଛି । ୨୦୨୦




ଅଗଷ୍ଟ ଶେଷ ସୁଦ୍ଧା ୬ ଲକ୍ଷ ୭୩ ହଜାର ୭୯ ଜଣ ପ୍ରବାସୀଙ୍କୁ ସରକାର ୧୩୪.୬୨ କୋଟି ଟଙ୍କା ବଣ୍ଟନ କରିଛନ୍ତି । ଶ୍ରମିକମାନଙ୍କ ଜୀବିକା ନିରାପତ୍ତା ନିମନ୍ତେ ମନରେଗା, ମିଶନ ଶକ୍ତି ଭଳି ଭଳି ଯୋଜନା ଓ ରାଜ୍ୟ ସରକାର ବିଭିନ୍ନ ବିଭାଗ ଯଥା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାକି, ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ପଛୁଆ ବର୍ଗ ଉନ୍ନୟନ ବିଭାଗ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଅଧିନରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ମାଧ୍ୟମରେ କୋଭିଡ୍-୧୯ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜକୁ ସରକାର କାର୍ଯ୍ୟକାରୀ କରିଛନ୍ତି । ଏହାଛଡ଼ା ସରକାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶିଳ୍ପ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଇତ୍ୟାଦି ବିଭାଗରେ ପ୍ରଚଳିତ ଯୋଜନା ଓ କାର୍ଯ୍ୟକ୍ରମ ଅଧିନରେ ଶ୍ରମିମାନଙ୍କ ଜୀବିକା ନିରାପତ୍ତା ନିମନ୍ତେ ରୋଜଗାର ସୃଷ୍ଟି କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ଏତଦ୍ ବ୍ୟତୀତ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ସକ୍ରିୟ ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ ୧୫୦୦ ଟଙ୍କା ଲେଖାଏଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଦିଆଯାଇଛି । ୨୦୨୦ ଅଗଷ୍ଟ ସୁଦ୍ଧା ଏଭଳି ଭାବେ ୪ ହଜାର ୬୮୯ ଜଣ ଫେରନ୍ତା ପ୍ରବାସୀ ଶ୍ରମିକଙ୍କୁ ସରକାର ସହାୟତା ପ୍ରଦାନ କରିଛନ୍ତି । ପଞ୍ଜିକୃତ ନିର୍ମଣ ଶ୍ରମିକଙ୍କୁ ସହାୟତା ବଣ୍ଟନ ବେଳେ ରାଜ୍ୟ ବାହାରେ ଥିବା ଓ ଘରେ ଅନୁପସ୍ଥିତ ଶ୍ରମିକଙ୍କୁ ସହାୟତା ରାଶି ବ୍ୟାଙ୍କ ଆକାଉଣ୍ଟରେ ଜମ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । କୋଟକଣ କୋହଳ ପରେ ଶ୍ରମିକ ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟକୁ ପଳାଇଥିବା ସମ୍ବନ୍ଧୀୟ ତଥ୍ୟ ବିଭାଗକୁ ମିଳିନଥିବା ମନ୍ତ୍ରୀ କହିଛନ୍ତି ।

# ବଢ଼ିଲା ଲର୍ଣ୍ଣର୍ସ ଲାଇସେନ୍ସ ବୈଧତା ଅବଧି

**ଭୁବନେଶ୍ୱର :** ଗାଡ଼ିଚାଳକଙ୍କ ପାଇଁ ବଡ଼ ଖବର । ବଢ଼ିଲା ଲର୍ଣ୍ଣର୍ସ ଲାଇସେନ୍ସ ବୈଧତା ଅବଧି । ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିବା ଲାଗି ରାଜ୍ୟ ସରକାର ଏହି ଅବଧିକୁ ଆସନ୍ତା ଜୁନ ୩୦ ଯାଏଁ ବଢ଼ି କରିଛନ୍ତି । ଏ ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ଲର୍ଣ୍ଣର୍ସ ଲାଇସେନ୍ସ ଅବଧି ସରୁଥିଲେ ବି ଏହାକୁ ବୈଧ ଧରାଯିବ । ଡିଏଲ ପାଇଁ ଅନେକ ଲର୍ଣ୍ଣର୍ସ ଲାଇସେନ୍ସ ଚାଳକ ଅପେକ୍ଷାରେ ଅଛନ୍ତି । କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ପରିବହନ କମିସନର ଏହି ନିଷ୍ପତ୍ତି ନେଇଛନ୍ତି । ପୂର୍ବରୁ ମାର୍ଚ୍ଚ ମାସ ୩୧ ତାରିଖ ଯାଏଁ ଲର୍ଣ୍ଣର୍ସ ଲାଇସେନ୍ସ ଅବଧି ବୃଦ୍ଧି କରାଯାଇଥିଲା । ଏବେ ଏହାକୁ ଜୁନ ୩୦ ତାରିଖ ଯାଏଁ ବଢ଼ି କରିଛନ୍ତି ରାଜ୍ୟ ସରକାର । ଏହି ସମୟ ମଧ୍ୟରେ ଲର୍ଣ୍ଣର୍ସ ଲାଇସେନ୍ସଧାରୀ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିପାରିବେ । କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନୂଆ ଗାଡ଼ି ଚାଳକଙ୍କ ପାଇଁ ଏଭଳି ସୁବିଧା ଆଣିଥିବା ଏସଟିଏ ପକ୍ଷରୁ ସୂଚନା ଦିଆଯାଇଛି ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୨ - ୨୮ ମାର୍ଚ୍ଚ, ୨୦୨୧

# ଆଶା, ଆଶଙ୍କା ଓ ଜୀବନ

ସାମ୍ପ୍ରତିକ ସମୟରେ ପ୍ରତି ମୁହୂର୍ତ୍ତରେ ମଣିଷ ଯେତିକି ଜ୍ଞାନ ଆହରଣ କରୁଛି, ପ୍ରଯୁକ୍ତି ବିଦ୍ୟାକୁ ଆପଣାର କରିଚାଲିଛି ସେତିକି ସେତିକି ଭୟ ଭିତରେ କାଳାତିପାତ କରିବାକୁ ବାଧ ହୋଇପଡିଛି। କାଳର ନିୟମ ଅଧିକୃତ ଅଞ୍ଚଳରେ ଅକାଳର କଳା ବାଦଲ ଜୀବନ ଆକାଶରେ ଏଭଳି ଆଚ୍ଛାଦିତ ହୋଇଗଲାଣି ଯେ, ତାହାରି ମଧ୍ୟରୁ ସୁଖ, ଶାନ୍ତି ଓ ଆତ୍ମତୃପ୍ତି ପାଇବା ସହଜ ହେଉନାହିଁ। ଯେଉଁଥିପାଇଁ ପ୍ରତି ମୁହୂର୍ତ୍ତରେ ଭିନ୍ନ ଭିନ୍ନ ଆଶଙ୍କା ଜୀବନ ଓ ମୃତ୍ୟୁର ବ୍ୟବଧାନ କେତେ ସ୍ୱଳ୍ପ ତାହା ସୂଚିତ କରିଚାଲିଛି। ତାହା ମହାମାରୀ କରୋନା ଭୟ ହେଉ କି ଦୁର୍ଘଟଣା ମୃତ୍ୟୁ, ହୃଦଘାତ, କର୍କଟ, କିଡ୍‌ନୀ ଅକାମି, ସ୍ନାୟୁଜନିତ ବ୍ୟାଧି ସହ ଅକାଳ ମୃତ୍ୟୁ ଭଳି ଭୟାନକ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରୁଛି। ବିଷ ମିଶା ଖାଦ୍ୟ ଦ୍ରବ୍ୟ, ଭେଜାଲ ଜିନିଷ ଓ ନକଲି ଭଳି ସାମଗ୍ରୀର ବ୍ୟାପକ ପ୍ରଚଳନ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଅନେକ ନୂତନ ଦୁରାରୋଗ ବ୍ୟାଧି ଆମ ଶରୀର ଓ ମନକୁ ନଷ୍ଟ କରିଦେବା ସହ ଦୈନନ୍ଦିନ ଚଳଣିରେ ମଧ୍ୟ ଏହାର ପ୍ରଭାବ ବିସ୍ତାର କରିଚାଲୁଛି। ଦିନକୁ ଦିନ ପ୍ରଦୂଷଣ ସମସ୍ୟା ଏଭଳି ବୃଦ୍ଧି ପାଉଛି ଯେ, ଯେଉଁଥିରେ ନିର୍ମଳ ପବନ ଟିକେ ପାଇବା ମଧ୍ୟ ମୁସ୍କିଲ ହୋଇପଡୁଛି। ସ୍ୱଚ୍ଛ ଅମ୍ଳଜାନ ଟିକେ ପାଇବାକୁ ବା ନିରୋଗ ଭାବେ ବଞ୍ଚିବାକୁ ପ୍ରାକୃତିକ ପରିବେଶ ଖୋଜିବା ଆରମ୍ଭ ହୋଇଗଲାଣି। ସବୁଜ ବଳୟ ମଧ୍ୟରେ ଧୂସର ମରୁଭୂମିର ବିକଳ ଚିତ୍ର ମଣିଷକୁ ଭାରାକ୍ରାନ୍ତ କରିଦେବା ସହିତ ଜୀବନର ଅମୂଲ୍ୟ ମୁହୂର୍ତ୍ତକୁ ପଙ୍କିଳ କରିବା ଦ୍ୱାରା ମଣିଷ ପ୍ରତି ମୁହୂର୍ତ୍ତରେ ପ୍ରତିକୂଳ ପରିସ୍ଥିତି ସହ ବଞ୍ଚିବାର ଅଭିନବ ଉଦ୍ୟମ କରୁଛି। ତଥାପି ଦୁଃଖ, କଷ୍ଟ, କ୍ଳେଶ ଲାଘବ ପାଇଁ ପ୍ରକୃତିଦତ୍ତ ଜ୍ଞାନ ଉପଯୋଗ ବ୍ୟତିରେକ ଅସ୍ୱାଭାବିକ ଆହ୍ୱାନକୁ ସାମ୍ନା କରିଚାଲିଛି। ବୈଷୟିକ ବିକାଶ ସତ୍ତ୍ୱେ ନିଜ ପାଇଁ ଶାନ୍ତିର ସମୟ ବାହାର କରିବା ଆଜି ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଯେଉଁ ଜ୍ଞାନକୁ ନେଇ ଆମେ ଗର୍ବ ଅନୁଭବ କରୁଛେ ସେହି ଜ୍ଞାନ ସାମୟିକ ସୁଖ ଦେବାକୁ ସମର୍ଥ ହେଲେ ବି ଆଧୁନିକତା ସବୁ କ୍ଷେତ୍ରରେ ସହଯୋଗ କରିପାରୁନାହିଁ।

ଈଶ୍ୱର ମଣିଷକୁ ଯଥେଷ୍ଟ ଉପାଦାନ ଦେଇ ସୃଷ୍ଟି କରିଛନ୍ତି। ବୁଦ୍ଧି, ବିବେକ, ଜ୍ଞାନ ଭଳି ଅନେକ ମହନୀୟ ଗୁଣର ଅଧିକାରୀ ଭାବେ ସମାଜ ଓ ପ୍ରକୃତିର ମଙ୍ଗଳ କାମନା ପାଇଁ ପ୍ରେରଣା ମଧ୍ୟ ଦେଇଛନ୍ତି, ହେଲେ ମଣିଷ ନିଜ ଭିତର ଅସଲ ଗୁଣ ପରିପ୍ରକାଶ ନକରି ଏକ ଛଳନାପୂର୍ଣ୍ଣ ଜୀବନ ଜିଇବାକୁ କାହିଁକି ଯେ, ଭଲ ପାଉଛି ତାହା ସଂଶୟ ସୃଷ୍ଟି କରୁଛି। କାରଣ ଜଣେ ମଣିଷ ଆଉଜଣେ ମଣିଷ ପ୍ରତି ଯେଉଁଭଳି ସମ୍ବେଦନଶୀଳ, ନମ୍ର ହେବାକଥା ତାହାର ବିନାଶ ଘଟିଚାଲିଛି। ଯେଉଁ ସନାତନ ଧର୍ମ ଆମର ମୂଳପିଣ୍ଡ ବୋଲି କୁହାଯାଇଛି, ତାହାକୁ ଅନୁସରଣ କରି ଏକ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଭିତରେ ଜୀବଜଗତର ସୁରକ୍ଷା ପ୍ରସଙ୍ଗ ମଧ୍ୟ ଯୋଡି ହୋଇରହିଛି। ହିଂସା, ବିଦ୍ୱେଷ, ଘୃଣା ଭଳି ମାରାତ୍ମକ ବିଚାର ଅସାଧୁ ଜୀବନ ପ୍ରଣାଳୀ ପାଇଁ ସତେଯେମିତି ବାଟ କଢ଼ାଇ ଚାଲିଛି। ଫଳସ୍ୱରୂପ ଜଞ୍ଜାଳ ରୂପକ ଜାଲରେ ମାଛ ସଦୃଶ ମଣିଷ ଛଟପଟ ହୋଇ ଭଲକରି ବଞ୍ଚିବାର ମାର୍ଗ ଖୋଜି ହାରିଯାଉଛି। ଏଭଳି ସବୁ କାହିଁକି ଘଟୁଛି ତାହାର ଅନୁଶୀଳନ ହୁଏତ ଜୀବନର ନୂଆ ଦିଗ ଦେଖାଇ ପାରନ୍ତା, ହେଲେ ଆମର

ସମ୍ପାଦକୀୟ



ତାରକ ମହାନ୍ତି

ପାରିପାର୍ଶ୍ୱିକ ପରିସ୍ଥିତିରେ ଜଟିଳତା ଯୋଗୁ ଏହା ମଧ୍ୟ ଲକ୍ଷ୍ୟଚ୍ୟୁତ। ଅତ୍ୟାଧୁନିକ ଜୀବନ ଶୈଳୀ ହେଉ କି ସଂସ୍କାର ଅଭାବ, ପ୍ରତ୍ୟେକ ମଣିଷ ଏବେ ମାନସିକ ଦୁଶ୍ଚିନ୍ତା, ଅବସାଦ ଓ ଭୟପୂର୍ଣ୍ଣ ଜୀବନ ଅତିବାହିତ କରୁଥିବାର କଥା ସାମ୍ନାକୁ ଆସୁଛି। ଅଧିକାଂଶ ପରିବାରରେ ଅର୍ଥ ଅଭାବ, ସମ୍ପର୍କରେ ଅବନତି ଓ ପ୍ରାଚୁର୍ଯ୍ୟ ହାସଲ କରିବାର ବିଫଳତା ସହ ଅଧିକ କିଛି କରିନପାରିବାର ଆତ୍ମଦହନରେ ବ୍ୟସ୍ତ ବିବ୍ରତ ହୋଇପଡୁଛି। କାହାଠାରୁ ଆତ୍ମତୃପ୍ତିର ହସ ଟିକେ ପାଇବା ମୁସ୍କିଲ। ସବୁଠି ଜଟିଳ ଗଣିତର ସମାଧାନ ପରି କସରତ ଓ ପ୍ରଚେଷ୍ଟା ବଳବତ୍ତର ରହିଛି।

ଅନେକ ସମୟରେ ଶୁଣିବାକୁ ମିଳୁଛି ପିଲାଙ୍କ ଆଚରଣ କଷ୍ଟଦାୟକ ହୋଇପଡୁଛି ଓ ଏହାର କୁପରିଣାମ ବାପା ମା' ପରିବାର ସମାଜ ଭୋଗ କରୁଛି। ପରନ୍ତୁ ଯେଉଁଠି ଶାନ୍ତି ଅବସ୍ଥାନ କରିବା କଥା, ସେଠାରେ କଳହ, ଅଶାନ୍ତି ଓ ବିଦ୍ରୋହ ଦେଖାଦେଉଛି। ପର୍ଯ୍ୟାପ୍ତ ରୋଜଗାର ସତ୍ତ୍ୱେ ପରିବାର ମଧ୍ୟରେ ଶାନ୍ତି ବଜାୟ ରହିପାରୁନାହିଁ। ଏହାର ବିବିଧ କାରଣ ଥିବା ମଧ୍ୟ ଜଣାଯାଏ। କେଉଁଠି ପରିବାର ମୁଖ୍ୟ କୁପଥରେ ଯାଇଥିବା ବେଳେ ଆଉ କେଉଁଠି ପିଲାମାନେ ଅତ୍ୟଧିକ ବିଶୃଙ୍ଖଳିତ ଓ ନିଶାଗ୍ରସ୍ତ ହୋଇପଡିବା ହିଁ ଅସନ୍ତୋଷର ମୂଳ କାରଣ। ଶିକ୍ଷିତ ପିଲା ଉପାର୍ଜନକ୍ଷମ ହେବା ବଦଳରେ ପୈତୃକ ସମ୍ପତ୍ତିରେ କେତେ ସୁଖ କରିହେବ ଓ ଅଧିକରୁ ଅଧିକ ଇଚ୍ଛା ପୂରଣ ହେବ ସେଥିପାଇଁ ସବୁପ୍ରକାର କୁବୁଦ୍ଧି ପ୍ରୟୋଗ କରିବାକୁ ପଛଘୁଞ୍ଚା ଦେଉନଥିବା କାରଣରୁ ଗୃହରେ ଅଶାନ୍ତି ଦେଖାଦେଉଛି। ସମୟର ଆହ୍ୱାନକୁ ସାମ୍ନା କରି ମଣିଷ ନିଜକୁ ସୁଧାରି ନେବାର ଚିନ୍ତାରେ ପାର୍ଥକ୍ୟ ହେତୁ ଦ୍ୱନ୍ଦ୍ୱ, ବିଦ୍ୱେଷ, ହୀନମନ୍ୟତା ଅନ୍ୟତମ କାରଣ ଭାବେ ପରିସ୍ଥିତିରେ ପରିବର୍ତ୍ତନ ଆସୁନାହିଁ। ଯେଉଁ ଆଧାରରେ ନିଜେ ଠିକ ରହି ଅନ୍ୟକୁ ସଠିକ୍ ମାର୍ଗରେ ପରିଚାଳିତ କରିବା କଥା ତାହା ସମ୍ଭବପର ନହେବା ଦ୍ୱାରା ପରିସ୍ଥିତି ଅଧିକ ଜଟିଳ ହୋଇ ଉଗ୍ର ରୂପ ଧାରଣ କରୁଛି। ସଦ୍ୟତମ ଶୁଣିଥିବା ଏକ ଘଟଣା ଏଠାରେ ଉପସ୍ଥାପିତ କରିବା ଉଚିତ ମନେକଲି- ପ୍ରତିଷ୍ଠିତ ନହେଲେ ବି ସମାଜରେ ଜଣେ ମାନ୍ୟଗଣ୍ୟ ଓ ବୁଦ୍ଧିଜୀବୀ ବ୍ୟକ୍ତିଙ୍କର ଏକମାତ୍ର ପୁତ୍ର ବୈଷୟିକ ଶିକ୍ଷା ସମାପ୍ତ ପରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ହେଲେ ଏହି ଚାକିରି ଅଧିକ ଦିନ ତିଷ୍ଠି ନପାରିବାରୁ ଶିକ୍ଷିତ ଯୁବକ ଘରେ ବେକାର ରହୁଥିଲେ। ହେଲେ ଅଧିକାଂଶ ସମୟ ବାହାରେ ବୁଲିବା ସହ ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ପ୍ରଥମେ ପ୍ରଥମେ ବାପା ମା' ଏହି ଘଟଣାକୁ ହାଲୁକା ଭାବେ ନେବା ସହିତ ପୁଅକୁ ତାଗିଦ ମଧ୍ୟ କରିଥିଲେ। ହେଲେ ପୁଅ ଉପରେ ଏହାର କୌଣସି ପ୍ରଭାବ ଦେଖାଦେଉନଥିଲା। ବରଂ ସେ ଅଧିକରୁ ଅଧିକ ଉଚ୍ଛୃଙ୍ଖଳ ହୋଇ ଉଠୁଥିଲା। ଫଳରେ ବିଳମ୍ବିତ ରାତିରେ ଘରକୁ ଫେରୁଥିବାର ଦୋଷ ନ ମାନି ବାପା ମା'ଙ୍କୁ ଦୁର୍ବ୍ୟବହାର କରିଚାଲିଲା। ଏହା ପଛରେ କାରଣ ଏଇଆ ଥିଲା ଯେ, ପିଲାଟି କୁସଙ୍ଗରେ ପଡି ସମ୍ପୂର୍ଣ୍ଣ ନିଶାଗ୍ରସ୍ତ ହୋଇପଡିଥିଲା। ନିଜର ଟଙ୍କାଟିଏ ରୋଜଗାର ନଥିବା ସତ୍ତ୍ୱେ ମା' ବାପାଙ୍କୁ ଧମକ ଦେଇ ଘରୁ ଟଙ୍କା ନେଇଯାଉଥିଲା। ପରିବାରର ମର୍ଯ୍ୟାଦା ଓ ସାମାଜିକ ପ୍ରତିଷ୍ଠା ଦୃଷ୍ଟିରୁ ମା' ବାପା ଏହା ବାହାରେ ପ୍ରକାଶ କରୁନଥିଲେ ମଧ୍ୟ ନିଜ ଭିତରେ ନିଜେ ଅଶାନ୍ତିରେ ଥାଇ ବ୍ୟାଧିଗ୍ରସ୍ତ ହୋଇପଡିଲେ। ହେଲେ ସମ୍ପୃକ୍ତ ଯୁବକ ପିତାମାତାଙ୍କ ସ୍ୱାସ୍ଥ୍ୟ, ଖାଦ୍ୟପେୟ କଥା ଉପରେ ଆଦୌ ଗୁରୁତ୍ୱ ନଦେଇ ଘରର ଆସବାବ ବିକ୍ରି ଓ ମା' ରଖିଥିବା ଗହଣା ବିକ୍ରି କରିବା ଆରମ୍ଭ କରିଦେଲା। ଏଥିରେ ଅତିଷ୍ଠ ହୋଇ ବାପା ମା' ଏହାକୁ ବିରୋଧ କରିବାରୁ ପ୍ରତିଦିନ ଘରେ ତୁମୁଳକାଣ୍ଡ ଘଟୁଥିଲା। ତେଣୁ ଅନନ୍ୟୋପାୟ ବାପା ମା' ଯୁବକଙ୍କୁ ନିଶା ନିବାରଣ କେନ୍ଦ୍ରରେ ବର୍ଷେ ତଳୁ ଭର୍ତ୍ତି କରିଥିଲେ। ହେଲେ ଯେବେ ସମ୍ପୃକ୍ତ ଯୁବକ ଘରକୁ ଫେରିଲା ପ୍ରଥମେ ବାପା ମା'ଙ୍କୁ ପିଟି ପିଟି ଘରୁ ବାହାର କରିଦେଲା ପରେ ସେମାନେ ଏବେ ନିରାଶ୍ରୟ। ତେବେ ସାମ୍ପ୍ରତିକ ସମୟରେ ଏଭଳି ଘଟଣାର ସମାଧାନ କିପରି ହୋଇପାରିବ ତାହା ସମାଜ ବିଚାର କରୁ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବିକାଶ ଆଉ ସୁବର୍ଣ୍ଣପୁର ଜିଲ୍ଲାର ଏକ ବିଶ୍ଳେଷଣ



ସିତାଂଶୁ ଶେଖର ମିଶ୍ର

ଦୁଇହଜାର ଦୁଇଶହ ପଂଚାଷୀ ବର୍ଗ କିଲୋମିଟର ପରିମିତ କ୍ଷେତ୍ରଫଳ ବିଶିଷ୍ଟ ସୁବର୍ଣ୍ଣପୁର ଜିଲ୍ଲା ରାଜ୍ୟର ଏକ ଅନବଦ୍ୟ ନୈସର୍ଗିକ ଜିଲ୍ଲା। ପ୍ରକୃତି ଏଠି ଭରିଦେଇଛି ବିପୁଳ ପ୍ରାକୃତିକ ସମ୍ଭାର। ରାଜ୍ୟର ଏହା ଏକ ମାତ୍ର ଜିଲ୍ଲା ଯାହାକୁ ଚତୁର୍ପାଶ୍ୱରୁ ଘେରିରହିଛି ନଦୀନାଳ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହାର କଳା ସଂସ୍କୃତି ବହୁ ଉଚ୍ଚକୋଟିର। ଏହି ଜିଲ୍ଲାରେ ଅନୁଷ୍ଠିତ ହୋଉଥିବା ଅନ୍ୟନ୍ୟ ଯାତ୍ରା ଲଙ୍କାପୁଡ଼ି ଏହା ରାଜ୍ୟ ତଥା ଦେଶ କିମ୍ବା ବିଶ୍ୱର କୋଣସି ଅ ଳରେ ଦେଖାଯାଏ ନାହିଁ। ଆଉ ଗୋଟାଏ ଯାତ୍ରା ବର୍ଷର ଆଶ୍ୱିନ ମାସର ଅମାବାସ୍ୟା ତିଥିରୁ ଆରମ୍ଭ ହୋଇ ପୂର୍ଣ୍ଣିମାତିଥି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ ବଳି ଯାତ୍ରା ଏହା ମଧ୍ୟ ଏକ ଅନ୍ୟନ୍ୟ ଯାତ୍ରା। ଏକଦା ଏବର ସୁବର୍ଣ୍ଣପୁର ଜିଲ୍ଲା ରାଜାରାଜୁଡା ସମୟରେ ସମୃଦ୍ଧଶାଳୀ ଓ ବାଣିଜ୍ୟର ଏକ ପେଣ୍ଠସ୍ଥଳି ଥିଲା। ଏଠାରେ ଉତ୍ପାଦିତ ସାମଗ୍ରୀ ଦେଶ ବିଦେଶରେ ଖ୍ୟାତି ଲାଭ କରିଥିବା ଜଣାଯାଏ। ଏଠାରେ ଉତ୍ପାଦିତ ସାମଗ୍ରୀ ମଧ୍ୟରେ ମାଟିରେ ତିଆରି ସାମଗ୍ରୀ,ମଠା ଲୁଗା, ମୁଗ ଡାଲି ବିଦେଶକୁ ରପ୍ତାନୀ ହେଉଥିବା ଶୁଣାଯାଏ। ଏହି ଜିଲ୍ଲାର ବହୁ ପ୍ରାଚୀନ ଶୈବପୀଠ ରହିଅଛି ଏହା ସହିତ ବହୁ ପୁରାତନ ମନ୍ଦିର ଓ ମଠ ରହିଅଛି ଯପ୍ରାକୃତିକ ସୌନ୍ଦର୍ଯ୍ୟ ରେ ଭରପୁର ଓ ପର୍ଯ୍ୟଟନ ପାଇଁ ଏହି ଜିଲ୍ଲାରେ ଭରିରହିଅଛି ଅନେକ ଐତିହାସିକ ପୃଷ୍ଠଭୂମି। ଶିଳ୍ପାୟନ ପାଇଁ ଭରିରହିଛି ପ୍ରାକୃତିକ ସମ୍ପଦ ଓ ଭିତ୍ତିଭୂମି ଉପଯୁକ୍ତ କ୍ଷେତ୍ର ମଧ୍ୟ କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ରେଳ ଯୋଗାଯୋଗ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ସ୍ୱାଧୀନତା ର ୭୩ ବର୍ଷ ଓ ଜିଲ୍ଲା ଗଠନର ୨୭ବର୍ଷ ପରେ ପରେ ମଧ୍ୟ ରେଳ ଯୋଗା ଯୋଗ ସ୍ଥାପନ ହୋଇପାରିନାହିଁ। ଯାହାଫଳରେ ବିକାଶ ପଥରେ କିଛି ବାଧା ସୃଷ୍ଟି ହୋଇଛି। ଆମେ ସ୍ୱାଧୀନତା ଲାଭ ପରେ ପରେ ଏହି ଗଡ଼ଜାତ ଅଞ୍ଚଳଟି ବହୁ ଭାବରେ ଅବହେଳିତ ହୋଇଗଲା ଏକଦା ଏକ ସମୃଦ୍ଧ ଶାଳୀ ଗଡ଼ଜାତ ଯୋଉ ଗଡ଼ଜାତ କି ଏକ ସମୟରେ ଜଳପଥରେ ନୌକାର ସହାୟତାରେ ବିଦେଶ ପର୍ଯ୍ୟନ୍ତ ଯାଇ ତାର କାରବାର ବିସ୍ତାର କରିଥିଲା ତାହା ସଙ୍କୁଚିତ ହୋଇଗଲା। ଏହି ଗଡ଼ଜାତର ସୀମାକୁ ସଙ୍କୁଚିତ କରିଦିଆଗଲା। ଆମର ବିସ୍ତୃତ ପଞ୍ଚରା ଏରିଆକୁ ଆମ ଗଡ଼ଜାତ ଏରିଆରୁ କାଢ଼ି ନିଆଗଲା। ସେତିକିରେ ଆମ ଗଡ଼ଜାତ ଅଞ୍ଚଳର ଦୁଃଖ ସରିଲା ନାହିଁ। ସ୍ୱାଧୀନତା ପରେ ପରେ ରାଜ୍ୟର କୃଷକଙ୍କ ହିତକୁ ଦୃଷ୍ଟିରେ ରଖି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ବିଶେଷ ଆଗ୍ରହ କ୍ରମେ ହୀରାକୁଦ ବୃହତ ଜଳ ପ୍ରକଳ୍ପ କାର୍ଯ୍ୟ ଜରୀଆରେ ଏହି ଶୂନ୍ୟପୁର ପାଇଁ ଚାଷୀ ଓ ଚାଷ ଜମିକୁ ଜଳସେଚନ ଯୋଗାଇ ଦିଆଗଲା ଯଦ୍ୱାରା ଏବେକାର ରହିଥିବା ଛଅ ଗୋଟି ବ୍ଲକ ମଧ୍ୟରୁ ଡୁଙ୍ଗୁରିପାଲି ଓ ବିନିକା ଉକ୍ତ ଦୁଇ ଗୋଟି ବ୍ଲକକୁ ଜଳସେଚନର ସୁବିଧା ଉପଲବ୍ଧ କରାଯାଇ ପାରିଥିଲା ଓ ଆଉ ଅନ୍ୟ ଚାରିଗୋଟି ବ୍ଲକକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ବହୁଦିନ ଲାଗିଗଲା। ଜଳସେଚନର ସୁବିଧାତ ଯୋଗାଇ ଦିଆଗଲା ନାହିଁ କି ଯୋଗାଯୋଗ ହେଉ କି ଶିଳ୍ପାୟନ ପାଇଁ ସୁଯୋଗ ସୃଷ୍ଟି କରାଗଲାନାହିଁ, କିନ୍ତୁ ୬୦/୭୦ ଦଶକରେ ଥିବା ସରକାର ସବୁ ମହାନଦୀ ଉପରେ ଆଉ ଏକ ନଦୀବନ୍ଧ ଯୋଜନା ଆରମ୍ଭ କରିଦେଲେ ଓ ଆମ ଅଞ୍ଚଳର ଜନସାଧାରଣଙ୍କୁ ବିସ୍ଥାପିତ କରାଯିବା ଯୋଜନାର ରୂପ ରେଖର ଭୟ ଯେ କେତେ ଭୟଙ୍କର ହୋଇପାରେ ତାହା ହୀରାକୁଦ ଜଳଭଣ୍ଡାରର ନିର୍ମାଣ ସମୟରେ ଜନସାଧାରଣ ଦେଖିଥିଲେ ,ସୁତରାଂ ସେହିସମୟରେ ଉକ୍ତ ଅଞ୍ଚଳରେ ରହୁଥିବା ପରିବାର ସବୁ ରାଜ୍ୟର ଅନ୍ୟ ଜିଲ୍ଲା ସବୁକୁ ଚାଲିଗଲେ ଓ ଏହି ସୁବର୍ଣ୍ଣପୁର ଗଡ଼ଜାତଟି ଶୂନ୍ୟପୁର ହୋଇଗଲା ଯାହାକି ଏବେ ସୋନପୁର ନାମରେ ରହିଛି।

କୃଷି ,ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନ କୋଣସି କ୍ଷେତ୍ରରେ ମଧ୍ୟ ଉକ୍ତ ଅଞ୍ଚଳକୁ ଗୁରୁତ୍ୱ ଦିଆଗଲା ନାହିଁ ଓ ଏକ ଅବହେଳିତ ଉପଖଣ୍ଡର ମାନ୍ୟତା ହୋଇ କେବିକେ ଯୋଜନାରେ ଅନ୍ତର୍ଭୁକ୍ତ ହେଲା କିନ୍ତୁ ସେଥିରେ ମଧ୍ୟ ଏହି ଉପଖଣ୍ଡ ଓ ଅଞ୍ଚଳର ଦୁଃଖ ସରିଲା ନାହିଁ କି ଏହି ଅଞ୍ଚଳର ବିକାଶ ପାଇଁ କୋଣସି ଯୋଜନା ପ୍ରସ୍ତୁତ କରାଗଲାନାହିଁ ଓ ଏକ ଅବହେଳିତ ଉପଖଣ୍ଡ ହୋଇ ପଡ଼ି ରହିଲା। ଅସି ଦଶକରେ ସୋନପୁର ସହରରେ ଏକ ସୁତାକଳର ପ୍ରତିଷ୍ଠା କରାଯାଇ ଏହି ଅଞ୍ଚଳର ବିକାଶ କାର୍ଯ୍ୟର ଶୁଭାରମ୍ଭ କରାଗଲା ଓ ଏହା ଦ୍ୱାରା ଶୂନ୍ୟପୁର ହୋଇଥିବା ସୋନପୁର ଆସ୍ତେ ଆସ୍ତେ ଆଗେଇଲା ଓ ଅଂଚଳର ବେକାରୀଦୁରିକରଣ ଓ ଆର୍ଥିକ ଅଭିବୃଦ୍ଧିରେ କିଛି କାଂଶରେ ମଧ୍ୟ ସହାୟକ ହୋଇପାରିଥିଲା। ଏହିଠାରୁ ଉତ୍ପାଦନ ସୁତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। କଣ ହେଲା କେଜାଣି ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିବା ସୁତାକଳକୁ ଦୀର୍ଘଦିନ ଧରି ବନ୍ଦ କରି ଦିଆଗଲା ଓ ତାପରେ ଏକ ଘୋରଇ ମାଲିକଙ୍କ ହାତକୁ ଟେକି ଦିଆଗଲା। ଏବେ ଏହା ରୁଗ୍ଣ ପ୍ରାୟ ଅବସ୍ଥାରେ ଗତିକରୁଛି ନାମକୁ ମାତ୍ର। ଯୋଉଠି ହଜାର ହଜାର ଶ୍ରମିକ କାର୍ଯ୍ୟରତ ଥିଲେ ଏବେ ମାତ୍ର ୪୦/୫୦ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ଚାଲିଥିବା ଜଣାଯାଏ। ସୁତରାଂ ଏହି ସୂତାକଳ ପୁଣି କେମିତି ତା ପୂର୍ବ ଗୌରବ ଫେରିପାଇବ ଓ ଏହାକୁ ଘୋରଇ ମାଲିକଙ୍କ ହାତରୁ ପୁଣି ଫେରାଇ ଆଣିବାକୁ ହେବ।

ତାପରେ ପରେ ଆଉ କୋଣସି ଶିଳ୍ପାୟନ ପାଇଁ ଭିତ୍ତିଭୂମି ଥିଲେ ମଧ୍ୟ ଗୁରୁତ୍ୱାରୋପ କରାଗଲାନାହିଁ ଓ ଏପଟେ ଥିବା ଏହି ଏକ ମାତ୍ର ଶିଳ୍ପ ସୁତାକଳକୁ ମଧ୍ୟ ବେସରକାରୀ ସଂସ୍ଥାକୁ ଦେବା ଓ ଏହାର ପ୍ରଭାବରେ ଉନ୍ନତିକରଣ ହୋଇ ଏ ଅଞ୍ଚଳର ବିକାଶପଥେ ସହାୟକ ହେବ ବୋଲି ସରକାରଙ୍କ ଯୋଉ ବିଶ୍ୱାସ ରହିଥିଲା ତାହା ମଧ୍ୟ ହୋଇପାରିଲାନାହିଁ। ସଫଳତା ପରିବର୍ତ୍ତେ ବିଫଳତାର ସ୍ୱାଦ ମିଳିଲା। ବେସରକାରୀ ସଂସ୍ଥାର ମାଲିକଙ୍କ ଦିଶାହୀନ ଓ ମନ୍ଦ ଉଦ୍ଦେଶ୍ୟ ମୂଳରୁ ରହିଥିବା କାରଣରୁ ପରିଚାଳନାର ଆରମ୍ଭରୁ ଏହାର ଫଳ କେମିତି ରହିବ ଜ୍ୱଳ ଜ୍ୱଳ ହୋଇ ଦେଖା ଯାଉଥିଲା। କାରଣ ତାକୁ ଠିକ ଭାବରେ ପରିଚାଳନା ନ କରିବା ଫଳରେ ହଜାର ହଜାର ଶ୍ରମିକ ଚାକିରୀ ହରାଇଲେ ଓ ଏହାର ପ୍ରଭାବ ସିଧା ସିଧା ସୋନପୁର ବଜାର ଉପରେ ପଡ଼ିଲା। ସୁତରାଂ ଏହି ଦିଗପ୍ରତି ମାନ୍ୟବର ଆମ ପ୍ରତିନିଧି ବିଧାୟକ ତଥା ମନ୍ତ୍ରୀ ମହୋଦୟ ସହୃଦୟତାର ସହ ଏବେ କିଛି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାର ଜନସାଧାରଣ ଦୃଢ ଆଶାବାଦୀ।

ଏପ୍ରିଲ୧୯୯୩ ମସିହାରେ ଏହା ଯେତେବେଳେ ଏକ ଜିଲ୍ଲାର ମାନ୍ୟତା ଲାଭକଲା ଓ ଜିଲ୍ଲାର ସଦରମହକୁମା ସହିତ ବିରମହରାଜପୁର ଉପଖଣ୍ଡକୁ ଯୋଗାଯୋଗ ପାଇଁ ମହାନଦୀ ଉପରେ ସେତୁ ନିର୍ମାଣ କରାଗଲା ଏହି ଅଞ୍ଚଳ ତଥା ସୋନପୁର/ ସୁବର୍ଣ୍ଣପୁର ବିକାଶପଥେ ତାର ପାଦ ଥାପିବା ଆରମ୍ଭ କଲା। ଏବେ ଜିଲ୍ଲାର ଜନସଂଖ୍ୟା ପାଖାପାଖି ସାତଲକ୍ଷ ହୋଇଥିବା ବେଳେ ଏହାର ଅସି ଭାଗ ଲୋକ କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଅଟନ୍ତି। ଏଥିମଧ୍ୟରୁ ପ୍ରାୟତଃ ପଚାଷଭାଗ ଲୋକ ଶ୍ରମିକ ଶ୍ରେଣୀର ଓ ମୂଲିଆ ଭାବରେ କାର୍ଯ୍ୟ କରନ୍ତି। ତେବେ ଆମ ଜିଲ୍ଲାର କୃଷି ଓ କୃଷକଙ୍କ ପାଇଁ ରହିଥିବା ସର୍ବନିମ୍ନ ସୁବିଧା ଯୋଗାଇ ଦେବାକୁ ଯଥା ସବୁ କ୍ଷେତକୁ ଜଳସେଚନର ସୁବିଧା, ବିହନ ,ସାର ,ଔଷଧ, ଆଧୁନିକ ଜ୍ଞାନ କୌଶଳ ଓ ବୈଷୟିକ ଜ୍ଞାନ ଓ ବୈଜ୍ଞାନିକ ପଦ୍ଧତିରେ ଚାଷ ପାଇଁ ପ୍ରବର୍ତ୍ତାଇବା ,ମୃତ୍ତିକା ପରୀକ୍ଷଣ ଓ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ ଓ ଧାନ ଚାଷ ବାହାରେ ଆମ ଜଳବାୟୁ ଅନୁଯାୟୀ ଅନ୍ୟାନ୍ୟ ଫସଲ କରିବା ପାଇଁ ଜ୍ଞାନ କୌଶଳ ଯୋଗାଇଦେବା ଉଚିତହେବ। ସରକାରଙ୍କ ଯୋଜନାକୁ ଯୋଉମାନେ ସଫଳ ରୂପାୟନ କରନ୍ତି ସେହିମାନଙ୍କ ଆନ୍ତରିକତାର ଅଭାବ ଯୋଗୁ ଆଜି ଚାଷୀ ତାହାର ଚାଷର ମୂଲ୍ୟ ଓ ଉତ୍ପାଦନ କ୍ଷମତା ବୃଦ୍ଧି ଓ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛି। ତେଣୁ ଯୋଜନା ରହି ମଧ୍ୟ ଏହି ଅଞ୍ଚଳ ବିକାଶପଥେ ଆଗେଇ ପାରୁନାହିଁ। ଏଥିପ୍ରତି ଜନସାଧାରଣ ସଚେତନ ହୋଇ ଆଗକୁ ବଢିବାକୁ ହେବ। ଜିଲ୍ଲାର ଦ୍ରୁତ ବିକାଶ ପାଇଁ ରାଜ୍ୟ ସରକାର ଅନେକ ଗୁଡ଼ିଏ ଜନହିତକର ଯୋଜନା ଓ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ଏଥିପାଇଁ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଗମନାଗମନ ଓ ଯୋଗାଯୋଗ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି କହୁଛନ୍ତି ତାହା ନିଶ୍ଚୟ ସ୍ୱାଗତ ଯୋଗ୍ୟ ଅଟେ। ଆମ ଜିଲ୍ଲାର ଗମନାଗମନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣି ପାରିଛି ଓ ଆହୁରି ଅନେକ ବାକି ଅଛି ସେଥିପାଇଁ ମଧ୍ୟ ଯୋଜନା ଆରମ୍ଭ ହୋଇସାରିଛି। ଖୋର୍ଦ୍ଧା ବଲାଙ୍ଗିର ରେଲ ଲାଇନ କାର୍ଯ୍ୟ ମଧ୍ୟ ଏବେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଯାହାସବୁ କଲେ ମଧ୍ୟ ଆମ ଜିଲ୍ଲାର ଭୌଗଳିକ ସ୍ଥିତିକୁ ନେଇ ଯଦି କୋଣସି ଯୋଜନା ପ୍ରଣୟନ ନ ହୁଏ ତାହାହେଲେ ଆଖିଦୃଶିଆ ବିକାଶ ସମ୍ଭବପର ହେବ ନାହିଁ। ସେଥିପାଇଁ ଆମ ଅଞ୍ଚଳର ଥିବା ପର୍ଯ୍ୟଟନ ସ୍ଥଳୀ ସବୁର ଭିତ୍ତିଭୂମିରେ ଉନ୍ନତି କରଣର ଆଶ୍ୟକତା ରହିଛି ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପର ସମ୍ଭାବନା ସୃଷ୍ଟି ହେବ। ଏବେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଆଗ୍ରହ କ୍ରମେ ପାତାଳୀ ଶ୍ରୀକ୍ଷେତ୍ରର ଭିତ୍ତିଭୂମିର ବିକାଶ କାର୍ଯ୍ୟକ୍ରମ ପ୍ରକ୍ରିୟା ଆରମ୍ଭ ହୋଇଛି। ବାକି ରହିଲା ଜିଲ୍ଲାର ରହିଥିବା ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀ ସବୁର ମଧ୍ୟ ଭିତ୍ତିଭୂମିର ବିକାଶ ପ୍ରତି ଗୁରୁତ୍ୱ ରହୁ।

ଗାଁ ପରିମଳ ଧୋବା ତୁଠରୁ ଉକ୍ତିକୁ ଆଧାରକୁ ଯଦି ଆମେ ଦେଖିବା ତାହାହେଲେ ଜିଲ୍ଲା ସଦର ମହକୁମାକୁ ଦେଖିଲେ ଜିଲ୍ଲାର ବିକାଶ ବାରିହୋଉଥିବା କଥା। ସୁତରାଂ ଏହି ମନ୍ଦିର ମାଳୀନ ସୋନପୁର ସହରର ସୌନ୍ଦର୍ଯ୍ୟ କରଣ ପ୍ରତି ଗୁରୁତ୍ୱ ରହୁ। ଏଥିପାଇଁ ମଧ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ଯଥା ମହାନଦୀସେତୁ ଠାରୁ ତେଲନଦୀ ସେତୁ ମଧ୍ୟରେ ରିଂରୋଡ ତଥା ଆଡିବନ୍ଧ ଯୋଜନା, ରାସ୍ତା ପ୍ରଶସ୍ତି କାର୍ଯ୍ୟକ୍ରମ ସବୁ। ଏହାସହିତ ଏହି ସହର ମଧ୍ୟରେ ଥିବା ବନ୍ଧ ପୋଖରୀର ଉନ୍ନତି କରଣ ଓ ସୌନ୍ଦର୍ଯ୍ୟ କରଣ। ଖେଳ କୂଦ ପାଇଁ ଗାନ୍ଧୀ ପଡ଼ିଆ ଓ ରୟଲ ପଡ଼ିଆର ଭିତ୍ତିଭୂମିର ବିକାଶ କରାଯାଇ ଏହାକୁ ଖେଳ କୂଦ ଭଳିଆ ଉପଯୋଗୀ ଓ ପଞ୍ଚରଥ ମନ୍ଦିରର ସୌନ୍ଦର୍ଯ୍ୟ କରଣ ସ୍ୱାଗତ ଯୋଗ୍ୟ ଅଟେ। ଏହା ସହିତ ବିଜୁ ପଟ୍ଟନାୟକ ଛକରୁ ପୌର ପରିଷଦକୁ ଯିବା ରାସ୍ତାର ଡ଼ାହାଣ ପାର୍ଶ୍ୱରୁ ରହିଥିବା ଜବରଦଖଲ ଜାଗାକୁ ଉଚ୍ଛେଦ କରି ଏହି ଜାଗାରେ ଏକ ତ୍ରିତଳ ମହଲା କୋଠା କରି ବର୍ତ୍ତମାନ ରହିଥିବା ବସଷ୍ଟାଣ୍ଡର ନବୀକରଣ କରାଯାଉ। ଉକ୍ତ କୋଠାରେ ତଳ ମହଲାରେ ଯାତ୍ରୀମାନଙ୍କ ପାଇଁ ଆଧୁନିକ ପ୍ରେକ୍ଷାଳୟ, ତାଉପର ମହଲାରେ ବର୍ତ୍ତମାନ ରହିଥିବା ଦୋକାନୀ ମାନଙ୍କୁ ଥଇଥାନ ସହ ହୋଟେଲ ପାଇଁ ଖାଲି ଅନୁମତି ଓ ତାଉପର ରହିଥିବା ଜାଗାରେ ଜିଲ୍ଲାର ପର୍ଯ୍ୟଟନ ସମୂହର ଏକ ସଂଗ୍ରହାଳୟ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିବା ଉଚିତହେବ। ବଜାର ପାଇଁ ଏକ ସ୍ଥାନ ଯୋଗାଇ ଦେବାକୁ ହେବ କାରଣ ପଡ଼ିଆରେ ଏହା ବସିବା ଫଳରେ ଖେଳପଡ଼ିଆର ଅଭାବ ଦେଖାଦେଇଛି।

ଜଳସେଚନ ଓ ଜଳର ସଂରକ୍ଷଣ ନିମନ୍ତେ ଜିଲ୍ଲାର ରହିଥିବା ବିଭିନ୍ନ ପ୍ରକଳ୍ପ ସବୁକୁ ଅନୁମୋଦନ କରି ଜିଲ୍ଲାର କୃଷି ଓ କୃଷକର ଉଉତି ସାଧନ କରାଯାଇପାରିବ। ସବୁ ନଦୀ ନାଳ ମାନଙ୍କରେ ଛୋଟ ଛୋଟ ଆନିକଟ କରିବାକୁ ହେବ। ଏହା ଦ୍ୱାରା ଜଳସେଚନ ସହିତ ଜଳସ୍ତର ବୃଦ୍ଧି ପାଇବ କୁଟୀର ଶିଳ୍ପ ଓ ଗ୍ରୀଷ୍ମ ଋତୁରେ ବୃଦ୍ଧି ପାଉଥିବା ଗ୍ରୀଷ୍ମ ଦାଉରୁ ରକ୍ଷା ମିଳିବ ଓ ପର୍ଯ୍ୟଟନ ଶିଳ୍ପର ସମ୍ଭାବନା ସୃଷ୍ଟି ହେବ। ଏହା କରାଯାଇ ପାରିଲେ ଏ ଜିଲ୍ଲାର ବିକାଶର ଧାରା ଆଉଟିକିଏ ଆଖି ଦୃଶିଆ ଆସିବ। ଏହି ମନ୍ଦିର ମାଳିନୀ ସହରର ସୌନ୍ଦର୍ଯ୍ୟ କରଣ ତଥା ବାହାରୁ ଆସୁଥିବା ଜନସାଧାରଣଙ୍କ ପର୍ଯ୍ୟଟନ ଓ ମନ୍ଦିର ମାଳିନୀ ସହରର ସୂଚନା ପ୍ରଦାନ ପାଇଁ ଏହାର ଚାରି ମୁଖ୍ୟ ଦ୍ୱାରରେ ଚାରିଗୋଟି ସୁସଜ୍ଜିତ ଦ୍ୱାର ସ୍ଥାପନର ଆବଶ୍ୟକତା ରହିଛି। ଏହା ଅଳ୍ପ ଖର୍ଚ୍ଚରେ କରାଯାଇପାରିବ କିନ୍ତୁ ଏହାର ଗୁରୁତ୍ୱ ବହୁତ ବଢିବ ଓ ଜିଲ୍ଲାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ।

ଆମ ଜିଲ୍ଲା ଏକ ଛୋଟ ଜିଲ୍ଲା ଯଦିଓ ଏହା ମଧ୍ୟରେ ରହିଅଛି ତିନୋଟି ପୋରାଞ୍ଚଳ କିନ୍ତୁ ପ୍ରାୟତଃ ନବେଭାଗ ଲୋକ ଗ୍ରାମଚଂଳରେ ରହୁଛନ୍ତି। ସୁତରାଂ ଏହାର ବିକାଶ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଛି ଗ୍ରାମ୍ୟ ସଂସ୍କୃତି ଓ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଉପରେ। ତେଣୁ ସମସ୍ତ ଗ୍ରାମରେ ରହୁଥିବା ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବାକୁ ହେବ। ସମସ୍ତେ କିଭଳି ଭାବରେ ସ୍ୱାବଲମ୍ବି ହୋଇପାରିବେ ତାରି ଉପରେ ନଜର ରଖିବାକୁ ହେବ ଏବଂ ସେହି ଅନୁଯାୟୀ ଯୋଜନା ପ୍ରଣୟନ କରିବାକୁ ହେବ। ଆମ ଜିଲ୍ଲାର ସମସ୍ତ ଗ୍ରାମକୁ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ଗମନାଗମନ, ବିଜୁଳି, ପାନୀୟଜଳ ଯୋଗାଣ, ଯୋଗାଯୋଗ ବ୍ୟବସ୍ଥା, ପ୍ରଯୁକ୍ତି ବିଦ୍ୟାର ଉନ୍ନତିକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ। ଏହାସହିତ ଗ୍ରାମାଞ୍ଚଳରେ ରହୁଥିବା ଅତି ଗରିବ ଲୋକମାନଙ୍କ ପାଇଁ ମଧ୍ୟ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ହେବ। ଲୋକମାନଙ୍କୁ ସ୍ୱାବଲମ୍ବି ହୋଇ ବଞ୍ଚିବାର ଭରସା ଦିଆଯାଇ ଗୋପାଳନ, ପଶୁପାଳନ, ମାଛଚାଷ, କୁକୁଡ଼ା, ଛେଳି, ମେଣ୍ଢି ବତକ ଏହିଭଳିଆ କାର୍ଯ୍ୟକ୍ରମ ସବୁ ନିଷ୍ଠାର ସହିତ ଆରମ୍ଭ କରିପାରିଲେ ଏକ ସମୃଦ୍ଧ ଶାଳୀ ଜିଲ୍ଲା ଭାବରେ ଉଭା ହୋଇ ପାରିବ।

*ସୋନପୁର*

# କୋଚିଂ ମାଫିଆଙ୍କ ରାଜନୀତି



ସୌମେନ୍ଦ୍ର ଜେନା

ସଂପ୍ରତି ଦେଶର କିଛି କୋଚିଂ ଅନୁଷ୍ଠାନ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇବା ଦେଖାଦେଇଛି । କୋରୋନାର କଷ୍ଟକର ସଂକ୍ରମଣକାଳ ଅତିକ୍ରମ କରିବା ଲାଗି ଦେଶ ସଂଘର୍ଷ କରିବା ସମୟରେ ଏହି ସବୁ ଶିକ୍ଷାନୁଷ୍ଠାନ ଦେଶବାସୀଙ୍କୁ ଅଥବା ଛାତ୍ରଛାତ୍ରୀମାନଙ୍କୁ ଧୈର୍ଯ୍ୟ ଓ ସାହସର ଶିକ୍ଷା ଦେବା ବଦଳରେ ବିପଥଗାମୀ କରିବାରେ ବ୍ୟସ୍ତ । ଛାତ୍ରଛାତ୍ରୀ ଓ ଯୁବକମାନଙ୍କ ମଧ୍ୟରେ ଅସନ୍ତୋଷ, ଅଶାନ୍ତି ସୃଷ୍ଟି କରିବା ପାଇଁ ଏବେ ସେମାନେ ବିଭ୍ରାନ୍ତକାରୀ ଶିକ୍ଷା ଦେବାରେ ବ୍ୟସ୍ତ । ଛାତ୍ରଛାତ୍ରୀମାନଙ୍କୁ ଆନ୍ଦୋଳନକାରୀ, ପେଷାଦାର ବିକ୍ଷୋଭକାରୀ ଭାବେ ଗଢିତୋଳିବା ଲାଗି ସେମାନେ ଲାଗିପଡିଛନ୍ତି । ଭିନ୍ନ ଭିନ୍ନ ଦଳର କର୍ମୀ ସୃଷ୍ଟି କରିବାରେ ସେମାନେ ଏବେ ନୂତନ ଦୋକାନ ଖୋଲିବାର ଯୋଜନା କରୁଛନ୍ତି । କାରଣ ଜନମତକୁ ପରିଚାଳନା କରିବାକୁ ଯେଉଁ ଷଡଯନ୍ତ୍ର ହୁଏ ତାକୁ ଭୋଟ ମ୍ୟାନେଜମେଣ୍ଟ କୁହାଯାଏ । ପ୍ରଶାନ୍ତ କିଶୋରଙ୍କ ପରି ଏମିତି ଅନେକ ସଂସ୍ଥା ଏବେ ଗଣତନ୍ତ୍ରକୁ ନିୟନ୍ତ୍ରଣ କରିବାପାଇଁ ଭିନ୍ନ ଭିନ୍ନ ଦଳମାନଙ୍କ ସହ ମିଶି ଏହି ଷଡଯନ୍ତ୍ର ସୃଷ୍ଟି କରିବାରେ ଲାଗିଛନ୍ତି । ଅନେକଗୁଡିଏ ପିଆର୍ ସଂସ୍ଥା (ଲୋକସଂପର୍କ ରକ୍ଷାକାରୀ ସଂସ୍ଥା) ଏବେ ଭିନ୍ନ ଭିନ୍ନ ରାଜ୍ୟରେ ଶାଖାମାନ ଖୋଲି କୋଟି କୋଟି ଟଙ୍କାର ଭୋଟବେପାର କରିବାରେ ବ୍ୟସ୍ତ । ଏହି କ୍ରମରେ କୋଚିଂ ସେଣ୍ଟରମାନେ ପଛରେ ପଡିବେ କାହିଁକି ? ସେମାନେ ପିଲାଙ୍କଠୁ ଲକ୍ଷ ଲକ୍ଷ ଟଙ୍କା ନେଇ କୋଚିଂ ଦେବାପରେ ମଧ୍ୟ ପିଲାମାନେ ଚାକିରୀ ନପାଇ ବଜାରରେ ବୁଲିବା ପରେ ଚାକିରୀଦିଅ, ଚାକିରୀ ଦିଅ ବୋଲି ପାଟିକରି ଆନ୍ଦୋଳନ କରିବାକୁ ଏବେ ପ୍ରୋତ୍ସାହିତ କରୁଛନ୍ତି । ଯେଉଁଠି ଶିକ୍ଷାନୁଷ୍ଠାନ ଥାଇ ମଧ୍ୟ ପିଲାମାନେ ବାହାରେ କୋଚିଂ ନେଉଛନ୍ତି । ପରୀକ୍ଷାରେ ପାସ୍ ହେବା ପାଇଁ ସେମାନେ ଏବେ ଚାକିରୀ ପାଇବା ପାଇଁ ଏହି କୋଚିଂ ସେଣ୍ଟରମାନଙ୍କୁ ଯେମିତି ଅଧିକା ପଇସା ଦେବେ ସେହି ଲକ୍ଷ୍ୟରେ ପାଟନାର କିଛି କୋଚିଂ ମାଷ୍ଟର ଚାକିରୀ ଦିଅ ଆନ୍ଦୋଳନରେ ବ୍ୟସ୍ତ । କଥା ହେଲା ଏହି କୋଚିଂ ମାଫିଆମାନେ ରାଜନୀତି କରିବା ପାଇଁ ଆଗ୍ରହୀ । ପାଠପଢାଇବା ଛାଡି ଏମାନେ ପିଲାମାନଙ୍କ ମଧ୍ୟରେ ରାଜନୀତିକ ସକ୍ରୀୟତା ଏହି ବଢାଇବା ପାଇଁ ଚାହୁଁଛନ୍ତି । ବିହାର ରାଜ୍ୟ ସରକାରଙ୍କ ନିକଟରେ ଏହି ଦାବି ନହୋଇ କେବଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବି କାହିଁକି ଉଠୁଛି ? ଯେତେବେଳେ ତିରିଶରୁ ଅଧିକ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଶାସନ ଚାଲୁଛି, ଦେଶରେ ଭିନ୍ନ ଭିନ୍ନ ଦଳର ସରକାର ରହିଛି, କିନ୍ତୁ ସବୁ ବିଦ୍ୱେଷ ମୋଦିଙ୍କ ବିରୋଧରେ କାହିଁକି ? ଏହାର କାରଣ ହେଲା ଏସବୁ ପଛରେ ରହିଥିବା ବ୍ୟାପକ ଅର୍ଥର ଉତ୍ସ ।

କୋରୋନା କାଳରେ ସାରା ବିଶ୍ୱରେ ସଂଯମତା,ଲୋକଙ୍କୁ ନିୟନ୍ତ୍ରଣ, ଟିକାର ଗବେଷଣା, ସଫଳ ଓ ଶସ୍ତା ଟିକାର ଉତ୍ପାଦନ ତଥା ବିଶ୍ୱବ୍ୟାପି ଯୋଗାଣ, ଚୀନର ସୀମା ଅତିକ୍ରମଣ ଉଦ୍ୟମକୁ ନିୟନ୍ତ୍ରଣ, କୋରୋନା ଚିକିତ୍ସା ପାଇଁ ଔଷଧ ଓ ଅନ୍ୟାନ୍ୟ ଚିକିତ୍ସା ଉପକରଣ ବିଶ୍ୱବାସୀଙ୍କୁ ଯୋଗାଣ, ଆତ୍ମନିର୍ଭର ଭାରତ ମାଧ୍ୟମରେ ସ୍ୱଦେଶୀ ଉତ୍ପାଦନରେ ବୃଦ୍ଧି,ଆର୍ଥିକ ବିକାଶଧାରା ବଜାୟ ରଖିବା ପାଇଁ ସଫଳ ପ୍ରୟାସ ପରି ଅନେକ ପଦକ୍ଷେପ ଗ୍ରହଣ କରି ମୋଦି ସରକାର ପ୍ରଶଂସାର ପାତ୍ର ହୋଇଛନ୍ତି । ବିଶ୍ୱ ମୁଦ୍ରାପାଣ୍ଠିର ଆକଳନ ଅନୁଯାୟୀ ଚଳିତ ବର୍ଷ ଓ ଆସନ୍ତା ବର୍ଷରେ ଭାରତର ଆର୍ଥିକ ବୃଦ୍ଧିହାର ପୃଥିବୀରେ ସର୍ବାଧିକ ରହିବ ବୋଲି ଜଣାପଡିଲାଣି । ଭାରତର ଏହିସବୁ ସଫଳତା ଅନେକ ବ୍ୟକ୍ତି, ଦଳ, କମ୍ପାନୀ ଓ ରାଷ୍ଟ୍ରମାନଙ୍କ ଗାତ୍ରଦାହର କାରଣ ହୋଇଛି । କାରଣ ବ୍ରାଜିଲ ପରି ଦେଶ ପ୍ରଥମେ ଚୀନା ଟିକାଦ୍ୱାରା ବିଶେଷ ଲାଭ ନପାଇବାରୁ ଭାରତରୁ ୩ କୋଟି ଟିକା କ୍ରୟ କଲା । କାନାଡା ପରି ଭାରତର ବିରୋଧୀ ଏବଂ ଖାଲିସ୍ଥାନୀ ସମର୍ଥକ ରାଷ୍ଟ୍ର ଫାଇଜର, ଆଷ୍ଟ୍ରାଜେନିକା, ଜନସନ୍ ଏଣ୍ଡ ଜନସନ୍, ନୋଭାର୍ଟିସ ପରି ସଂସ୍ଥାରୁ ସମୟାନୁଯାୟୀ ଟିକା ନପାଇବାରୁ ଶେଷରେ ବାଧ ହୋଇ ଭାରତ ପାଖରେ ଶରଣ ପଶିଲା । ଆମେରିକା ଓ ଇଉରୋପର ବିରୋଧ ସତ୍ତ୍ୱେ ମୋଦି ଶସ୍ତାରେ ଅନେକ ଗରିବ ରାଷ୍ଟ୍ରକୁ କୋରୋନା ଟିକା ଯୋଗାଣ ଜାରି ରଖିଛନ୍ତି । ଭାରତର ସଂପୂର୍ଣ୍ଣ ସ୍ୱଦେଶୀ ଟୀକା କୋଭାକ୍ସିନ ୮୧ପ୍ରତିଶତ ଲାଭକାରୀ ହେବା ଅନେକଙ୍କୁ ବିସ୍ମିତ କରିଛି । କାରଣ ଆଷ୍ଟ୍ରାଜେନେକା ପରି ଟିକାର ସଫଳତା ହାର ୭୦ ପ୍ରତିଶତ ମଧ୍ୟରେ ସୀମିତ ଥିଲାବେଳେ ବିଦେଶୀ ଟିକାର ମୂଲ୍ୟ ଚାରିରୁ ପାଞ୍ଚହଜାର ପଡୁଛି । ଅଥଚ କୋଭାକ୍ସିନ ଟିକା ମାତ୍ର ତିନିଶହ ଟଙ୍କାରୁ କମ୍ ମୂଲ୍ୟରେ ବିକ୍ରି ହେବା ଅନେକଙ୍କ ଗାତ୍ରଦାହର କାରଣ ହୋଇଛି । ଏହି ଟିକାକୁ କେନ୍ଦ୍ର କରି ଦେଶ ଭିତରେ କଂଗ୍ରେସ ସମେତ ଅନେକ ବିରୋଧୀ ଦଳ ନା ନା ସନ୍ଦେହ ସୃଷ୍ଟି କରି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ବୟାନବାଜି କରିଥିଲେ । କୋରୋନା ସଂକ୍ରମଣ କାଳରେ ବ୍ରାଜିଲ ପରି ଦେଶର ପ୍ରଥମ ସାଟେଲାଇଟକୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରି ଇସ୍ରୋ ଯେମିତି ଶ୍ରଦ୍ଧାର ପାତ୍ର ହୋଇଛି ସେମିତି ଗୋଟିଏ ପରେ ଗୋଟିଏ କ୍ଷେପଣାସ୍ତ୍ରର ପରୀକ୍ଷା କରି ଡିଆରଡିଓ ସମସ୍ତଙ୍କୁ ଚକିତ କରିଦେଇଛି । ବିଦେଶୀ ଧନୀ ଦେଶମାନେ ଏଯାଏଁ କାହାକୁ ମାଗଣାରେ ଟିକା ପ୍ରଦାନ କରିବା ଜଣାଯାଇନାହିଁ । ଅଥଚ ଭାରତ ସରକାର ପଡୋଶୀ ଓ ସହଯୋଗୀ ରାଷ୍ଟ୍ରମାନଙ୍କୁ ମାଗଣାରେ ଲକ୍ଷ ଲକ୍ଷ ଟିକା ପ୍ରଦାନ କରିସାରିଛନ୍ତି । ଆଫ୍ରିକା, ଦକ୍ଷିଣ ଆମେରିକାର ଅନେକ ଗରିବ ଓ ଛୋଟ ଦେଶଗୁଡିକରେ ଟିକାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାଧ୍ୟମରେ ଭାରତର ଟିକା ପ୍ରଦାନ କରାଯିବା ସହ ଭାରତ ମଧ୍ୟ ସିଧାସଳଖ କେତେକ ରାଷ୍ଟ୍ରକୁ ଟିକା ଯୋଗାଣ ଉଦ୍ୟମକୁ ଜାରି ରଖିଛି । ଭାରତରେ ଟିକା ପ୍ରଦାନ କାର୍ଯ୍ୟକ୍ରମ ବିଳମ୍ବରେ ହୋଇ ମଧ୍ୟ ସଫଳତାର ସହ ଜାରି ରହିଛି । ଅନ୍ୟ ଟିକାଗୁଡିକର ତୁଳନାରେ ସ୍ୱଦେଶୀ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ସବୁଠ କମ୍ ଥିବା ଜଣାପଡିଛି । ଭାରତର ଏହିସବୁ ସଫଳତା ଦେଶ ଭିତରେ ଥିବା ବିରୋଧୀ ଏବଂ ଦେଶ ବାହାରେ ଥିବା ଭାରତ ବିରୋଧୀ ଗୋଷ୍ଠୀଙ୍କୁ ଆଦୌ ଭଲ ଲାଗିନାହିଁ । ଯେଉଁ ବାମପନ୍ଥୀ ଗୋଷ୍ଠୀ କୋରୋନା ମହାମାରୀ ଭାରତର ମେରୁଦଣ୍ଡ ସଂପୂର୍ଣ୍ଣ ଭାଙ୍ଗିପକାଇବାର ଆଶା କରୁଥିଲେ, କୋଟି କୋଟି ଲୋକଙ୍କ ମୃତ୍ୟୁ ହେବ ବୋଲି ଆଗୁଆ ଖବର ପ୍ରକାଶ କରିଦେଇଥିଲେ, ତାହା ନ ହେବାରୁ ସେମାନେ ଏବେ ଦୁଃଖରେ ରହିଛନ୍ତି । ଭାରତ ବିରୋଧୀ ଖାଲିସ୍ଥାନୀ, ପାକିସ୍ଥାନୀ, ବହୁରାଷ୍ଟ୍ରୀୟ କମ୍ପାନୀ, କମ୍ୟୁନିଷ୍ଟ ଚୀନ ଆମେରିକାର ଧନୀ ଜର୍ଜ ସୋରୋସଙ୍କ ସମେତ ଅନେକ ୟୁରୋପୀୟ ଗୋଷ୍ଠୀଙ୍କର ଏବେ ଗାତ୍ରଦାହ ପ୍ରବଳ ହୋଇଛି । ସେମାନେ ଗଣମାଧ୍ୟମରେ ସ୍ୱାଧୀନତା, କାଶ୍ମୀରୀ ସନ୍ତ୍ରାସବାଦୀଙ୍କୁ ମାନବିକତା ଆଧାରରେ ଗଣାକରିବା, ଭାରତର କୃଷି ଆଇନ ପରି ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରିବାକୁ ବ୍ୟଗ୍ର । ବିଦେଶୀ ମିଡିଆଠାରୁ ସ୍ୱଦେଶୀ ସାମ୍ବାଦିକ,ଗଣମାଧ୍ୟମ, ରାଜନୈତିକ ଦଳ, ଶ୍ରମିକ, କୃଷକ ସଂଗଠନ, ଟ୍ୱିଟର, ୟୁଟ୍ୟୁବ ଆଦିରେ ଅଧିକ ଗ୍ରାହକ ଥିବା ଲୋକମାନଙ୍କୁ ଭାରତ ସରକାରଙ୍କ ବିରୋଧରେ ପ୍ରଚାର କରିବାକୁ ସେମାନେ ଅର୍ଥ ପ୍ରଦାନ କରୁଛନ୍ତି । ତେଣୁ ସେମାନେ କୌଣସି ରାଜ୍ୟ ସରକାରକୁ ବେରୋଜଗାରୀ ସମସ୍ୟା ପାଇଁ ଦାୟୀ ନକରି କେବଳ ମୋଦିଙ୍କୁ ବ୍ୟକ୍ତିଗତ ଭାବେ ଦାୟୀ କରିବା, ବିବିସିର କାର୍ଯ୍ୟକ୍ରମରେ ମୋଦିଙ୍କ ମାଆଙ୍କ ବିରୋଧରେ ଅଶ୍ଳୀଳ ଭାଷାରେ ଗାଳିଦେବା । ଦିଲ୍ଲୀ ସୀମାନ୍ତ ସିନ୍ଧୁଠାରେ ମହିଳାମାନଙ୍କ ଉଦ୍ଦଣ୍ଡ ନୃତ୍ୟ, ମୋଦିଙ୍କ ମୃତ୍ୟୁ କାମନା କରି ଗାଳି କରିବାପରି ଘଟଣାମାନ ଆମ ଦୃଷ୍ଟିକୁ ଆସିଛି । ଗୋଟିକପରେ ଗୋଟିଏ ରାଜ୍ୟରେ ରାଜନୀତିକ ସଫଳତା ଯୋଗୁ ମୋଦି ବିରୋଧୀଙ୍କ ଚକ୍ଷୁଶୂଳର କାରଣ ହେବାବେଳେ ଭାରତକୁ ସ୍ୱାଭିମାନୀ, ସକ୍ଷମ ଓ ଶକ୍ତିଶାଳୀ କରି ଗଢି ତୋଳିବା କାର୍ଯ୍ୟକୁ ବିଦେଶୀ ଶକ୍ତି ସେମାନଙ୍କ ପାଇଁ ଆହ୍ୱାନ ବୋଲି ବିଚାର କରୁଛନ୍ତି । ତେଣୁ ଦେଶ ଭିତରର ବିରୋଧୀ ଏବଂ ଦେଶ ବାହାରର ବିରୋଧୀ, ସନ୍ତ୍ରାସୀଙ୍କ ସମର୍ଥନାକାରୀ ମୁସଲିମଗୋଷ୍ଠୀ, ଧର୍ମାନ୍ତରଣ କାର୍ଯ୍ୟରେ ଲିପ୍ତ ଖ୍ରୀଷ୍ଟିଆନ ଗୋଷ୍ଠୀ, ବିଦେଶୀ ଅର୍ଥରେ ରୁଟିପରି ଫୁଲିଥିବା ଏନ୍‌ଜିଓ ଗୋଷ୍ଠୀ ଆଦି ଏବେ ମୋଦିଙ୍କ ବିରୋଧରେ ସବୁ ସ୍ତରରେ ଲାଗିପଡିଛନ୍ତି । ସେହିକ୍ରମରେ କୋଚିଂ ମାଫିଆଙ୍କ ଶିକ୍ଷାନୁଷ୍ଠାନ ଏବଂ ସେମାନଙ୍କ ସୋସିଆଲ ମିଡିଆରେ ଅନେକ ଯୁବଗୋଷ୍ଠୀ ଯୋଡି ହୋଇଥିବା ଦୃଷ୍ଟିରୁ ଏବେ ସେମାନେ ମଧ୍ୟ ମୋଦିଙ୍କ ବିରୋଧ ପାଇଁ ପଇସା ଗୋଟାଇବାରେ ଲାଗିପଡିଛନ୍ତି । ପାଟନାର ଖାନ୍‌ସାର ନାମକ ଜଣେ କୋଚିଂ ମାଷ୍ଟର ନିକଟରେ ଅନେକ ଭୁଲ ତଥ୍ୟ ପ୍ରଚାର କରି ଯେଉଁ ଭିଡିଓ ୟୁ ଟ୍ୟୁବରେ ଛାଡିଥିଲେ ସେଥିପାଇଁ କଠୋର ସମାଲୋଚନାର ଶିକାର ହୋଇଛନ୍ତି । କିନ୍ତୁ ତାଙ୍କ ପରି ଅନେକ କୋଚିଂ ମାଷ୍ଟର ଓ ସଂସ୍ଥା ମୋଦି ହଟାଓ ଅଭିଯାନରୁ ଅର୍ଥଲାଭ କରି ନୂଆ ନୂଆ ଢଙ୍ଗରେ ସରକାର ବିରୋଧୀ ପ୍ରଚାର ଚଳାଇଛନ୍ତି । ଆମେରିକା ସଂସଦରେ ଭାରତର ଗଣତନ୍ତ୍ରକୁ ବିରୋଧ କରିବା ପାଇଁ ଯେଉଁ ବିପରୀତ ସ୍ଥାନ ପ୍ରଦାନ କରାଯାଇଛି ତାହା ସରକାରଙ୍କୁ ବିରୋଧ କରିବାକୁ ଉଦ୍ଦିଷ୍ଟ । ମୋଦିଙ୍କ ସହ ଟ୍ରମ୍ପଙ୍କ ସଂପର୍କ ଅତି ନିବିଡ ଥିଲାବେଳେ ବର୍ତ୍ତମାନର ପ୍ରଶାସନ ସେତେବେଳେ ବିରୋଧୀ ପକ୍ଷରେ ଥାଇ ତାକୁ ସମାଲୋଚନା କରୁଥିଲା । ଏବେ ସେମାନେ ଅସଲ ରଙ୍ଗ ଦେଖାଇବାକୁ ଆରମ୍ଭ କରିଛନ୍ତି ।

ସଂପ୍ରତି ଜାତିସଂଘ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୨୦ରେ ସମଗ୍ର ବିଶ୍ୱରେ ବିଦେଶୀ ପୁଞ୍ଜିନିବେଶ ୪୨ ପ୍ରତିଶତ ହ୍ରାସ ପାଇଥିଲା । ସେହି ସମୟରେ ଭାରତରେ ବିଦେଶୀ ପୁଞ୍ଜି ନିବେଶ ୧୩ ପ୍ରତିଶତ ବୃଦ୍ଧି ପାଇଛି । ଗତ ୩୦ବର୍ଷରେ ପୁଞ୍ଜିନିବେଶ ହାର ପୃଥିବୀରେ ସବୁଠୁ ଅଧିକ ହ୍ରାସ ପାଇଛି । ଆମେରିକାରେ ୪୯%, ଇଉରୋପରେ ୧୩୯ ପ୍ରତିଶତ ନିବେଶ ହ୍ରାସ ପାଇଛି । ଚୀନରେ ଏହା ୪% ବୃଦ୍ଧି ପାଇଛି । ଇଉରୋପର ବ୍ରିଟେନ ଏବଂ ଇଟାଲୀ ପରି ଦେଶରେ ନିବେଶହାର ୧୦୦% ହ୍ରାସ ପାଇଛି । ଭାରତର ଏହି ସଫଳତା ଅନେକଙ୍କ ପାଇଁ ଗାତ୍ରଦାହର କାରଣ ହୋଇଥିବାରୁ ଅନେକ ବ୍ୟକ୍ତି ଏବେ ମୋଦିଙ୍କ ସଫଳ ନେତୃତ୍ୱକୁ ଈର୍ଷା କରିବାରେ ଲାଗିପଡିଛନ୍ତି । ତେଣୁ କୋଚିଂ ମାଫିଆମାନେ ମଧ୍ୟ ସେଥିରେ ସାମିଲ ହୋଇଛନ୍ତି । ଦେଶର ଯୁବଗୋଷ୍ଠୀଙ୍କ ସଂଖ୍ୟାଧିକ ମତ ମୋଦିଙ୍କ ସପକ୍ଷରେ ଆଜି ରହିଛି । ମୋଦି ଆଜି ମଧ୍ୟ ଦେଶର ସବୁଠୁ ଅଧିକ ଲୋକପ୍ରିୟ ନେତା ହୋଇ ରହିଛନ୍ତି । ଯୁବଶକ୍ତିଙ୍କ ସଂଖ୍ୟା ଦେଶରେ ସର୍ବାଧିକ ହୋଇଥିବାରୁ ଏହି ଭୋଟର ଗୋଷ୍ଠୀଙ୍କୁ କେନ୍ଦ୍ର ସରକାରଙ୍କ ବିରୋଧୀ କରିବାକୁ ଏବେ ଚାଲିଛି ଷଡଯନ୍ତ୍ର । କିନ୍ତୁ ଅଳ୍ପ କିଛି ଅର୍ଥନେଇ ଯେଉଁମାନେ ଯୁବକମାନଙ୍କୁ ବିପଥଗାମୀ, ଦିଗଭ୍ରଷ୍ଟ ମିଥ୍ୟା ତଥ୍ୟରେ ବିଶ୍ୱାସ ଦେବାକୁ ଲାଗିଛନ୍ତି ସେମାନଙ୍କୁ ବିରୋଧ କରାଯିବା ଆବଶ୍ୟକ ।

*ଭାରତୀୟ ସମ୍ବାଦ ସେବା (ଭାସ)*
*ଭୁବନେଶ୍ୱର-୭୫୧୦୦୩*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**




# ବେଳ ଭଲ ନାହିଁ

**ତୋ**ତେ ଏଇଟା ସକାଳ ହେଇଛି ନା? ଆରେ ଯିଏ ବେପାର କରୁଛି ପଇସାଟିଏ ଲାଭ ମିଳିଲେ ସକାଳ କ'ଣ ରାତି ଅଧରେ ବି ଆସି ସମାନ ହେବ। ତୁ ଯାଆ,ମୁଁ ତାକୁ କାଲି ରାତିରୁ କହିଥିଲି, ସେ ତୋତେ ଦେଇଦେବ।

କାଲି ରାତିଠାରୁ ଆଣି ରଖି ଦେଇଥାଆନ୍ତି ଯେ, ତମେ ଶଳେ ଟ୍ରଲିବାଲା ତ ଏଠି ସରକାରୀ ଚାକିରିଆ ହୋଇଗଲଣି। ସଞ୍ଜ ଗଡିଗଲେ କାହାରି ଜଣକର ଦେଖା ମିଳିବ ନାହିଁ। ଦିନମାନ ଟ୍ରଲି ଉପରେ ଶୋଇ ଶୋଇ ହାୱା ଖାଇବା ପଛେ ରେଟ୍‌ରୁ ଟିକେ କମ୍ ହେଲେ ଯିବନି- କ'ଣ ନା ଆମ ଆସୋସିଏସନ୍ ଧରିବ। ତମକୁ ବେପାର ନ ମିଳିବା ଦିନ ତ ତମ ଆସୋସିଏସନ ତ ଆସି ବେପାର ଦେଇ ଯାଉଛି, ନୁହେଁ? ହଉ ଛାଡ଼- ତମର ସେ ନୁଖୁରା ଧନ୍ଦାରେ ମୁଣ୍ଡ ପୂରାଇ ମୋର ଲାଭ ନାହିଁ। ତୁ ଯେମିତି ହେଇଯିବୁ ହେଇ ଆସିବୁ। ତୁ ଆସିଲେ ବରଂ ଏଠି ଚା' ଜଳଖିଆ ଖାଇନେବୁ। ହଁ-ମାଧ ସାହୁ ଦୋକାନକୁ ଗଲାବେଳେ ଆମ ଘରବାଟେ ଟିକେ ମୁହଁ ମାରିଦେଇଯିବୁ। ରାଧୁଆ ମାଆକୁ କହିବୁ ରାଧୁଆକୁ ଓ ଆମର ସେ ଭଣଜାଟାକୁ ଟିକେ ଜଲ୍‌ଦି ପଠାଇ ଦେବ। ଆଜିର କାଉଳିକୁ ଆଉ ଦୁଇଜଣ ନହେଲେ ସମ୍ଭଳା ପଡିବନି।

ପ୍ରାତଃ ଭ୍ରମଣରେ ବାହାରିଥିଲେ ସୁଦର୍ଶନ ବାବୁ। ଏ ପ୍ରାତଃ ଭ୍ରମଣ ତାଙ୍କର ପୁରୁଣା ଅଭ୍ୟାସ। ଭୁବନେଶ୍ୱରରେ ଚାକିରି କାଳଠୁ। ସଚିବାଳୟର ଜୁନିୟର ଆସିଷ୍ଟାଣ୍ଟରୁ ଅଣ୍ଡର ସେକ୍ରେଟାରୀ ଯାଏ ଉଠିଲେ। ମାଟ୍ରିକ ପାଶରେ ଆଉ ବା କେତେ ଉଠି ଥାଆନ୍ତେ? ହେଲେ ତାଙ୍କର ଜ୍ଞାନ ଗାରିମା ଦେଖିଲେ କିଏ ବା କହିବ ସେ ମାଟ୍ରିକ୍ୟୁଲେଟ୍ ବୋଲି। ଏବେକାର ବି.ଏ. ଏମ୍.ଏମ୍ ବାଲା ବି ତାଙ୍କର କୋଉ ଗୁଣକୁ ସରି? ଗାଆଁରେ ସେ ଆସି ରହିବା ଦିନଠୁ ଯାହାର ଯେତେ ଯେଉଁଠି ସରକାରୀ ସ୍ତର କାମ ଯଥା-ବଦଳି ପାଇଁ ରିପ୍ରେଜେଣ୍ଟେସନ, ଚାକିରି ପାଇଁ ଦରଖାସ୍ତ, ସସ୍‌ପେଣ୍ଡ ଅର୍ଡରରେ ଥିବା ଚାର୍ଜସିଟ୍‌ର ଉତ୍ତର ଏପରିକି ଗାଆଁରେ ଉନ୍ନୟନ ପାଇଁ ସରକାରୀ ଦପ୍ତରମାନଙ୍କୁ ଯାଉଥିବା ଦରଖାସ୍ତ ପାଇଁ ମଧ ତାଙ୍କ ପାଖରେ ଭିଡି ଜମେ।

ଚାକିରି କାଳ ମଧରେ ତାଙ୍କ ସାଙ୍ଗ ଲୋକମାନେ କିଏ କ'ଣ କରି ପକାଇଲେ। ଅଥଚ ଯାଙ୍କୁ ଲନ୍ଦଫନ୍ଦ ଧନ୍ଦା ମାଲୁମ୍ ନଥିବାରୁ ଏଇ କିଛି କରିପାରିଲେ ନାହିଁ। କରିବା ଭିତରେ କେବଳ ଏତିକି କରିଥିଲେ ତିନିଟା ଛୁଆଁଙ୍କୁ ଯୋଗ୍ୟ କରିଥିଲେ। ବଡ ପୁଅ ଇଞ୍ଜିନିୟର ଆଇଆଇଟି ଖଡଗପୁରରେ ଅଧାପକ। ସାନ ପୁଅ ଡାକ୍ତର ଭୁବନେଶ୍ୱରରେ, ଝିଅ ଅଧାପିକା ହୋଇଥିଲା। ବାହା ହେବା ପରେ ଏଠିକା ଚାକିରି ଛାଡି ସ୍ୱାମୀ ସହିତ ବିଦେଶ ଯାଇ ସେଠି ଅଧାପନା କରୁଛି।

ଏତେସବୁ ଯୋଗ୍ୟ ସନ୍ତାନ ତିଆରି କଲା ପରେ ବୁଢ଼ାର ଦୁଃଖ ଏତିକି ଯେ କେହି ତାଙ୍କୁ ଠିକଣା ସମୟରେ ପଚାରୁ ନାହାନ୍ତି। ଭୁବନେଶ୍ୱରରେ ରହୁଥିବା ସାନପୁଅ ଓ ତା' ସ୍ତ୍ରୀ ଉଭୟ ଡାକ୍ତର। ରିଟାୟାର୍ଡ ପରେ ତା' ପାଖରେ କିଛିଦିନ ଥିଲେ। ହେଲେ ଶାଶୁ ବୋହୂଙ୍କର ଜମା ପଡିଲା ନାହିଁ। ଅବସ୍ଥା ଅଣାୟତ୍ତ ହେବା ପୂର୍ବରୁ ସେ ଖେଳଜିଲେ ଗୋଟିଏ ବିକଳ୍ପ। ଯୋଗକୁ ଗାଆଁରେ ରହୁଥିବା ସାନଭାଇ ପ୍ରସ୍ତାବ ଦେଲା ଆସି ଗାଆଁରେ ରହିବା ପାଇଁ। କହିଲା ଗାଆଁରେ ଜମି ଜମା ଅଛି। ତମର ପୁତୁରାମାନେ ଅଛନ୍ତି। ସେମାନେ ବି ତ ତମର ପୁଅ ପରି। ଏମାନଙ୍କ ପାଖରେ ନ ରହିଲେ ନାହିଁ, ସେମାନଙ୍କ ପାଖକୁ ଚାଲ।

ସେହି ଏକା ଦଶା ହୋଇପାରେ ଗାଆଁରେ ଭାବି ପ୍ରଥମେ ଟିକିଏ ଦ୍ୱନ୍ଦ୍ୱରେ ଥିଲେ। ତେଣୁ ସାନଭାଇକୁ କହିଲେ ମୁଁ କାହାରି ଉପରେ ବୋଝ ହେବାକୁ ଆଉ ଚାହୁଁନି। ମୁଁ ଯଦି ଗାଆଁରେ ସ୍ୱାଧୀନ ଭାବରେ ରହେ ତୋ'ର କିଛି ଆପତ୍ତି ଅଛି କି?

ସାନଭାଇ କହିଲା- ତମେ ତ ନିଜେ କହିଥିଲ ଆମେ ଦୁଇଭାଇ। ଜଣେ ଗାଆଁରେ ରହୁଛି ଆଉ ଜଣେ ବାହାରେ। ତେଣୁ ଆମେ ବଞ୍ଚିଥିବା ଯାଏ ଆମ ଘରେ ପାଚେରି ନ ବସିବା ଉଚିତ୍। ପରସ୍ପର ଦାୟ ଦରକାର, ସୁଖ ଦୁଃଖରେ ଠିଆ ହେବା। ନିଜ କର୍ମ ନେଇ ନିଜେ ରହିବା। ତମର ସେ କଥାକୁ ମୁଁ ଆଜିଯାଏ ମାନି ଆସିଛି। ଆଉ ତମେ ଯଦି ଏବେ ଚାହୁଁଛ ପାଚେରି ବସୁ ବୋଲି ଏଇଟା ତମର ଖୁସି। ମାତ୍ର ମୁଁ କଥା ଦଉଛି ଗାଆଁରେ ତମର କୌଣସି ଅସୁବିଧା ହେବନାହିଁ। ତମର ଯଦି କୌଣସି ଅସୁବିଧା ମୋ ନଜରରେ ପଡିଲା, ତମେ କିଛି କହିବା ଆଗରୁ ମୁଁ ସେ ବ୍ୟବସ୍ଥା କରିଦେବି।

ସାନଭାଇ କଥା ଉପରେ ଭରସା ରଖି ସୁଦର୍ଶନ ବାବୁ ଚାଲି ଆସିଲେ ଗାଆଁକୁ। ସେହି ଯାହା ଆସିଛନ୍ତି, ଆଉ କେବେ ଫେରିନାହାନ୍ତି ଭୁବନେଶ୍ୱର ଆଡେ।

(କ୍ରମଶଃ)



## [illegible] କବିତା

# ଅପେକ୍ଷା



**ଶାନ୍ତନୁ କୁମାର ସର**

**ଗୁ**ରୁବାରୀ ସବୁଦିନେ
ଅପେକ୍ଷା କରେ ଢେର୍ ରାତିଯାଏ
କେତେବେଳେ ତା'ର ମଦ୍ୟପ ସ୍ୱାମୀ ଫେରିବ,
ନୂଆ ନୂଆ ଭାବୁଥିଲା ମରଦ ପିଲା ତ
ଟିକିଏ ପିଇ ଦେଲେ କ୍ଷତି କଣ?
ଗୁରୁବାରୀ ପ୍ରତିବାଦ କରେ
ତା'ର ଉଦାସୀ ଆଖିରେ
ଦିପଦ କଡା କଥା କହେ
ଆକଟ କରେ,ମାଡ ଗାଳି ଖାଏ,
କାନ୍ଥରେ ଗାରଟାଣେ ଗୁରୁବାରୀ,
ଏ ମାସରେ କେତେଥର
ମାତାଲ ହେଇଛି ତା ମଦ୍ୟପ ସ୍ୱାମୀ।
ଏଥର ଚାଲାକ୍ ହେଲାଣି,ବୁଝିଲାଣି,
ରାତିର ମାତାଲ ସ୍ୱାମୀ
ଦିନସାରା କାକୁସ୍ଥ ସେବକ,
ବଶମ୍ବଦ,କୃତାର୍ଥ ପ୍ରେମିକ।
ମହାବାତ୍ୟା ହଠାତ ଆସିଲା
ଗୁରୁବାରୀ ଘରକାନ୍ଥ ଧୋଇ ହୋଇ ଗଲା,
ଲିଭିଗଲା ମଥାର ସିନ୍ଦୂର।
ପାଣି ଆଉ ପବନର ଖେଳ
ସଂପର୍କର ସେତୁବନ୍ଧ ଭାଙ୍ଗି
ଦେଇଗଲା-ଉଜୁଡିଗଲା
ତାର ପ୍ରେମ ଓ ପ୍ରଣୟର ପଉଷ ଫସଲ।
ଗୁରୁ ବାରୀ ତା ସ୍ୱାମୀର ପୁରୁଣା
ଲୁଗା ଦିଖଣ୍ଡକୁ ଜାବୁଡି ଧରେ-
ଗୁଣୁଗୁଣୁ ହୋଇ କେତେ କଣ କହି,



ହସେ, କାନ୍ଦେ-ସେ କନା ଦିଖଣ୍ଡରେ
ବନ୍ଧା ହୋଇଛି ପରା ତା'ର
ଆତ୍ମ ପରିଚିତି ଆଉ ସୁରଭିତ
ସ୍ୱପ୍ନର ସ୍ୱାକ୍ଷର।
ତାର ସ୍ୱପ୍ନ ହୀନ ନିଦ ଓ
ନିଦ ହୀନ ରାତିକୁ ନେଇ
ସେ ବଞ୍ଚିଛି-ସେ ସବୁ ଆଡେ ଚାହେଁ
କାହାକୁ ଦେଖି ପାରେନା।
ହେଇତ ତା ଗେରସ୍ତ କହୁଛି
ଗୋଲାପୀ ରଙ୍ଗର ଶାଢ଼ୀଟା ପିନ୍ଧି ପକା,
ତୋତେ ଭାରି ମାନିବ
ଚମକି ପଡେ ଗୁରୁବାରୀ।
ସେ ବର୍ତ୍ତମାନ
ଦପ୍ ଦପ୍ କରୁଥିବା
ଦୁଃଖର ଦୀପଟିଏ,
ତା' ନିଶ୍ୱାସରେ ଦୀର୍ଘଶ୍ୱାସ।
ସେ କେତେ ରାଣ ଖାଇଛି
କାନିରେ ଗଣ୍ଠି ପକେଇଛି
ଏଥର ତା ସ୍ୱାମୀ ଫେରିଲେ
ଯେତେ ମଦ ପିଇଲେ ବି
ଧିକାରୀ କହିବନି,
କାନ୍ଥରେ ଆଉ କେବେ ଗାର ଟାଣିବନି।

*ପ୍ରାକ୍ତନ ଅଧକ୍ଷ*
*ଅନୁଗୋଳ କଲେଜ,ଅନୁଗୋଳ*

# ବସା



**ଲଳିତ ମୋହନ ମିଶ୍ର**

ମନରେ ଅନେକ ଆଶା ଭରସା ରଖିଛି ନୟନୀ। ଲୋଭ, ମୋହ, ଆସକ୍ତିରେ ଭରିରହିଛି ତାର ଭଲ ପାଇବା। ଏତେ ବଡ ବିପତ୍ତିରେ ଭାଙ୍ଗି ଯାଇ ପୁଣି ଅଣ୍ଟା ସଳଖି ଠିଆ ହୋଇଛି। ବେଳେ ବେଳେ ମନରେ ପ୍ରଶ୍ନ ଆସେ ଧରାଶାୟୀ ହୋଇଯିବ ନାହିଁ ତ ଆମର ବସା। କାରଣ ଝଡ ବାତ୍ୟା ବର୍ଷା ପବନରେ ବିପଦପୂର୍ଣ୍ଣ ବସାଟି ସଦା ଦୋହଲୁଛି। ମଳୟ ପବନ ତା ପାଇଁ ଦାଉ ସାଧୁଛି। କାଳଜୟୀ ଝଡ। ଅସ୍ତିତ୍ୱ ଚେତେଇ ଦେଉଛି , ପୂର୍ବ କଥା ଭୁଲିଯାଅ ନାହିଁ। ଆନମନା ହୁଏ ମନ। ସୁତାଏ ଖିଅରେ ଅଟକି ରହିଛି ଏ ବସା।

ସେଦିନ ଡାକ୍ତରଖାନାରୁ ଫେରୁଥାଏ ଅଦ୍ୱୈତ। ସାଙ୍ଗରେ ଥାଏ ନୟନୀ। ଦୁହେଁ ଘରକୁ ଫେରୁଥାନ୍ତି। ଜୀବନ ସାଥି ହେବାର ଏହା ଭିତରେ ଦୁଇବର୍ଷ ବିତିଗଲାଣି। ଅଦ୍ୱୈତ ସଡକ ଦୁର୍ଘଟଣାରେ ବିପଦାସନ୍ନ ପ୍ରାୟ ଥିଲା। ମୃତ୍ୟୁ ମୁଖରୁ ନବ ଜୀବନ ପାଇଛି। ବାପା ମାଆଙ୍କର ଅନିଚ୍ଛା ସତ୍ତ୍ୱେ ବିବାହ କରି ଥିବାରୁ ଗାଁ ବାହାରେ କୁଡିଆଟିଏ କରି ରହୁଛି। ଏତେ ବଡ ବିପତ୍ତି ହୋଇ ଥିଲେ ମଧ ଦୁହେଁ ବିପଦକୁ ଧୈର୍ଯ୍ୟର ସହ ମୁକାବିଲା କରିଛନ୍ତି। ଅଦ୍ୱୈତ ମଧ ଭରସା ଦେଇଛି ନୟନୀକୁ। ବାଧକ ସାଜୁଛି ଅଭାବ। ଆର୍ଥିକ ଅନଟନରେ ଦୁହେଁ ଭାଙ୍ଗି ପଡୁଛନ୍ତି। ଅଣ୍ଟା ସଳଖିବାକୁ ଦୁହେଁ ଚେଷ୍ଟା କରୁଛନ୍ତି।

ଲକ୍ ଡାଉନ୍ ସମୟରେ କମ୍ପାନୀ ଚାକିରୀରୁ ବାହାର ଦେଇଛି। ରୋଜଗାର ନାହିଁ। ଆର୍ଥିକ ଅବସ୍ଥା ଏତେ ଶୋଚନୀୟ ଯେ ଓଳିଏ ଖାଇଲେ ଓଳିଏ ଉପାସ ଏଭଳି ପରିସ୍ଥିତି। ଏବେ ମଧ ସମୟ ସାଥି ଦେଉନାହିଁ। କରଜ ଆଣି ଚଳୁଛି। ସୁଝିବା କଷ୍ଟ ହୋଇ ପଡୁଛି। ଅସମଞ୍ଜସ୍ୟ ପରିସ୍ଥିତିରେ ଗତି କରୁଥାନ୍ତି ଦୁହେଁ। ହଠାତ୍ ଅଦିନିଆ ବର୍ଷାଟା କେଉଁଠି ଥିଲା କେଜାଣି.... ପ୍ରବଳ ବେଗରେ ଝଡ ବତାସ ସହିତ ମାଡି ଆସିଲା।

ଦୁହେଁ ରାସ୍ତା କଡରେ ଥିବା ଏକ ରେଷ୍ଟ ହାଉସ୍‌କୁ ଉଠିଗଲେ। ପ୍ରବଳ ବୃଷ୍ଟିପାତ ହେବାରେ ଲାଗିଲା। ତା ସାଙ୍ଗକୁ ପବନ। ଅଦୂରରେ ଥିବା ଗୋଟିଏ ବୃକ୍ଷକୁ ଲକ୍ଷ୍ୟ କରୁଥିଲେ। ନିଜ ବସାକୁ ଫେରୁ ଥାଆନ୍ତି ପକ୍ଷୀ ଦମ୍ପତି ବର୍ଷାରେ ଭିଜିଭିଜି। ଭାବୁ ଥାଆନ୍ତି ଓଦା ପର ଝାଡ଼ିଝୁଡ଼ି ହୋଇ ଆରାମରେ ବସାରେ ଶୋଇ ପଡିବେ। ହେଲେ ଗଛ ପାଖରେ ପହଞ୍ଚିଲା ବେଳକୁ ବସାଟି ତାଙ୍କର ନ ଥାଏ। ଅବିଶ୍ରାନ୍ତ ବର୍ଷା ଓ ପବନରେ ଭାଙ୍ଗି ରୁଜି ଯାଇଥାଏ ବସାଟି।



ତଥାପି ସେମାନେ ସାହସ ନ ହରେଇ ବର୍ଷାରେ ଭିଜିଭିଜି ଦୋଳାୟମାନ ଗଛ ଡାଳରେ ବସି ଥାଆନ୍ତି। ବର୍ଷା ଟିକିଏ ଥମିଲେ ପୁରୁଷ ପକ୍ଷୀଟି ବାହାରକୁ ଉଡିଯାଇ କାଠିକୁଟା ନେଇ ଆସେ। ମା' ପକ୍ଷୀଟି ବସା ସଜାଡିବାରେ ଲାଗି ପଡେ। କେଉଁଠି ଥାଏ ସେ ଅମାନିଆ ବର୍ଷା... ପୁଣି ଝଡ ବତାସ ସହିତ ମାଡି ଆସେ। ତିଆରି ହୋଇଥିବା ବସାକୁ ପୁନଶ୍ଚ ଭାଙ୍ଗି ରୁଜି ଦିଏ। ଏମିତି ଯେତେ ଥର ସେମାନେ ବସାକୁ ସଜାଡୁ ଥାଆନ୍ତି ଅମାନିଆ ବର୍ଷା ସେମାନଙ୍କୁ ଦାଉ ସାଜୁଥାଏ, ତଥାପି ସେମାନେ ଭାଙ୍ଗି ପଡନ୍ତିନି। ଲୁହ ଗଡାନ୍ତିନି ବରଂ ସାହସ ବାନ୍ଧି ମନକୁ ସୁଦୃଢ଼ କରନ୍ତି।

ଇତି ମଧ୍ୟରେ ଅନ୍ଧାର ଘନେଇ ଆସେ। ନୟନୀ ଓ ଅଦ୍ୱୈତ ଏ ଦୃଶ୍ୟକୁ ଅତି ସୂକ୍ଷ୍ମ ଭାବରେ ଦେଖୁଥାନ୍ତି ବିଚାର କରୁଥାନ୍ତି। ବର୍ଷାର ପ୍ରକୋପ ଆହୁରି ବଢ଼ିଚାଲେ। ପକ୍ଷୀ ଦୁହେଁ ଅଦୂରସ୍ଥ ଏକ ବିରାଟ ଦ୍ରୁମର କୋରଡ଼ରେ ଆଶ୍ରୟ ନିଅନ୍ତି। ଦୁହେଁ ଦୁହିଁଙ୍କ ଉପରେ ଲୋଟି ପଡି କେତେ କ'ଣ ଭାବୁ ଥାଆନ୍ତି। ନୟନୀ ଓ ଅଦ୍ୱୈତ ଅନ୍ଧାର ବଢ଼ିବା ଭୟରେ ଓଦା ହୋଇ ଘରକୁ ଫେରନ୍ତି। ଏ ବର୍ଷା ଓ ପବନ ସିନା ସେମାନଙ୍କର ବସାକୁ ଭାଙ୍ଗିଦେଲା , ହେଲେ ତାଙ୍କ ମନ ଭିତରେ ଥିବା ନୀଡ଼ ରଚିବାର ଅଦମ୍ୟ ସାହସକୁ କଣ ଭାଙ୍ଗିଦେଇ ପାରିବ?

ଅନ୍ୟ ଏକ ଦିନ ସେ ବାଟରେ ଫେରିବା ବେଳେ ଦେଖନ୍ତି..... ବର୍ଷା ଆଉ ନ ଥାଏ। ପକ୍ଷୀ ଦମ୍ପତି ପୁଣି ଅଣ୍ଟା ଭିଡି ବସା ସଜାଡିବାରେ ଲାଗିଥାନ୍ତି, ହେଲେ ତାଙ୍କର ବହୁ ଦିନର ଆଶ୍ରୀତ ଗଛଟି ସେଠାରେ ଆଉ ନ ଥାଏ। ଅଦ୍ୱୈତ ଓ ନୟନୀ ଏ ଦୃଶ୍ୟକୁ ଦେଖି ଭାବି ହେଉଥାନ୍ତି। ସତରେ ବିଚିତ୍ର ଏ ସଂସାର। ଝଡ ବତାସ ସିନା ସେମାନେ ରହୁଥିବା ବସାକୁ ଭାଙ୍ଗି ଦେଲା କିନ୍ତୁ ହୃଦୟରେ ବାସ କରିଥିବା ନିଡକୁ କ'ଣ ? ଏ ଝଡ ବତାସ ଭାଙ୍ଗି ଦେଇ ପାରିବ?

*ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ*
*ଚନ୍ଦ୍ରଗିରି, ଗଜପତି, ୯୪୩୭୯୮୫୮୬୬*

# ପ୍ରିୟତମ



**ଅନୀତା ପାଣି**

**ପା**ଶେ ନାହିଁ ଦୂରେ ନାହିଁ
ରହିଛ ଗୋ ଗଭୀରରେ...
ହେ ପ୍ରିୟତମ....।
ଯେଉଁଠି ନ ଛୁଏଁ ମନ
କେବଳ ହୃଦୟ ସୁରେ
ଗାଇ ଗାଇ ତୁମ ଗୀତି ଝୁରେ।
ଔଷଧିକୁ ନିନ୍ଦେ ତୁମ
ମିଠା ହସ, ମିଠା ଭାଷ
ଅସ୍ୱାଦୀୟ ଅଙ୍ଗୀକାର,
ବ୍ୟଥିତ ବଚନେ ମାଗେ,
ତୁମ ସତ୍ତା, ତୁମ ଛାୟା, ତବ ଅଙ୍ଗେ
ମିଶି ଯିବା ଲଗ୍ନଟିଏ ମାତ୍ର।
କାଲି ସୁଖ ଆଜି ଦୁଃଖର
ଘମାଘୋଟ ଅନ୍ଧକାର
ସମୟର ଅନ୍ତରାଳେ
ଖୋଜ ତୁମକୁ ଅନ୍ତରାୟ ଅନ୍ତସ୍ୱର
ପ୍ରତ୍ୟୟ ପ୍ରଣଧି କରି।
ଅବିଶ୍ଲେଷିତ ଅବୟବ ତୁମେ



ବିଶ୍ୱପା ବିଶ୍ୱପ୍ରେମିକ,
ଭାବରେ ଅଳକନନ୍ଦା ତୁମେ
ଅନୁଭବେ ଅଳକାପୁରୀ
ମାନସେ ଅର୍ଯ୍ୟମା ସମ
ଆରୁଣିକ ଚେତନା ଦେଇଥାଅ ଭରି।

ମନର କ୍ଳାନ୍ତପଣେ, ଜୀର୍ଣ୍ଣ ଏ ଶରୀରରେ
ଔଜଲ୍ୟହୀନ ପ୍ରାଣେ ଅଶ୍ରୁର ଉତ୍ତାପ,
ଆତ୍ମ ପକ୍ଷୀ କେବଳ ଚାହେଁ
ଚିନ୍ତାରେ ନୁହେଁ ଚିନ୍ମୟରେ
ତୁମେ ଫେରିଆସ।
ମନର ମାଧବୀ ଡାଳେ
ଶବ୍ଦ ଲୁଚକାଳି ଖେଳେ
ଲେଖିବାକୁ ନିତ୍ୟ ନୂତନ କଥନିକା,
ଆସ ଫେରି ଆସ ଥରେ
ଜୀବନ ଦୀପ ଲିଭିଯିବା ଆଦ୍ୟ ପ୍ରହରରେ
ଅବା ପତନ ହେବା ଆଗରୁ
ବିଶ୍ୱାସର ଯବନିକା।

*ସାଉଥ୍ ବଲଣ୍ଡା, ତାଳଚେର*

# କବିତାର କଥା

(ଭାଗ-୧୧)



**ଉମାକାନ୍ତ ରାଉତ**



# ଯୁକ୍ତିରୁ ମିଳେନାହିଁ ଶବ୍ଦ

ପ୍ରକୃତି, ପରିବେଶ, ମଣିଷ, ସମାଜ ଓ ସମାଜବାଦକୁ ଆଧାର କରି ରାଶି ରାଶି କବିତାର ସ୍ତବକ ଗଢ଼ି ଚାଲିଲେ ଅନନ୍ତ, ଗୋଦାବରୀଶ, ରାଧାମୋହନ, ରାଧାନାଥ , କବିଶେଖର ଚିନ୍ତାମଣି, ବାଞ୍ଛାନିଧି ,ଗଙ୍ଗାଧର ଓ ଫକୀରମୋହନ ଆଦି ଅନୁଭବି କାବ୍ୟକାରମାନେ। ପ୍ରାୟ ସତୁରି ଦଶକ ଆଡ଼କୁ ଋଣ ସୂତ୍ରରେ ଅଣାଯାଉଥିବା ଜୀବନାନୁଭୂତି ସେଥିରେ ନଥିଲା। ସେଥିରେ ଥିଲା ବାସ୍ତବ ଜୀବନାନୁଭୂତିର କ୍ଳେଶ,ଶ୍ଳେଷ ଓ ସମ୍ଭାବନା। ଆଧୁନିକତାର ଲେସ୍ ମାତ୍ର ଗୁଣ ନଥାଇ, ଆଧୁନିକ ଶୈଳୀରେ ଲେଖାଯାଉଛି ବୋଲି ଦାବି କରାଯାଉଥିବା ଆହରିତ କବିତାଗୁଡ଼ିକ ଭଳି କାବ୍ୟଦୋଷ ସେମାନଙ୍କର ଅନୁଭବସିଦ୍ଧ ରଚନାରେ ନଥିଲା।

ବିଶ୍ୱସାହିତ୍ୟରୁ ପ୍ରେରଣା ଗ୍ରହଣ କରିଛି ବୋଲି କହି ବୁଲୁଥିବା ସାହିତ୍ୟିକଙ୍କର ରଚନାରେ ଆନ୍ତରିକତା ହିଁ ପ୍ରାୟତଃ ନଥାଏ ; ଥାଏ କେବଳ ଚାତୁରୀ ଓ ପ୍ରବଞ୍ଚନା। ହେଲେ ସେମାନଙ୍କ କ୍ଷେତ୍ରରେ ତାହା ଥିଲା ଠିକ୍ ଓଲଟା। ଯୁକ୍ତିରେ ଜଣେ ଗଡ଼ ଜିତିଯାଇପାରେ, ହେଲେ ସେଥିରୁ ଶବ୍ଦଟିଏ ମିଳେନାହିଁ। ପାଣ୍ଡିତ୍ୟପୂର୍ଣ୍ଣ ତର୍କରେ ବିଶ୍ଲେଷଣ କରାଯାଇପାରେ, ହେଲେ ସେଥିରେ ସମ୍ବେଦନାର ଲେସ୍ ମାତ୍ର ସ୍ପର୍ଶ ନଥାଏ। ଆତ୍ମମ୍ଭରିତାର ପାରିଲାପଣ ଯୋଗୁ ଅହଂକୁ ଈଶ୍ୱର ବୋଲି ଉପସ୍ଥାପିତ କରାଯାଇପାରେ, ନିଜକୁ ଆତ୍ମଘୋଷିତ ଚିନ୍ତକ ଏବଂ ଦ୍ୱିତୀୟ ଈଶ୍ୱର ବୋଲି ଆଡମ୍ବରୀୟ ପ୍ରଚାର କରାଯାଇପାରେ ; ହେଲେ ସେଥିରେ ନା ଥାଏ ଆତ୍ମୀୟତା ନା ଭୋଗ କରିହୁଏ ଅସ୍ମିତା।

ଆଧୁନିକତା ଆଉ କ'ଣ କି?

ଏହା ସମୟର ପ୍ରବହମାନତା ପ୍ରତି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ନୁହେଁ କି? ଏହା ପ୍ରବହମାନତାରେ ଭାସିଯାଉଥିବା ଅନ୍ୟାୟ, ଅନୀତି, ଦୁରାଚାର, ଭୋକ, ଭୟ, ଭ୍ରଷ୍ଟାଚାର, କଳୁଷତା, ପାରିପାର୍ଶ୍ୱିକ ବିପର୍ଯ୍ୟୟ , ମୂଲ୍ୟବୋଧର ସଂକଟ, ପରିବେଶ ଧ୍ୱଂସତା ତଥା ବିଯୁକ୍ତାତ୍ମକ ଉପାଦାନ ବିପକ୍ଷରେ ବର୍ତ୍ତମାନକୁ ନାୟକତ୍ୱରେ ଅଭିଷିକ୍ତ କରିବାର ଏକ ଇଚ୍ଛାଶକ୍ତି ଓ ପ୍ରେରଣା ନୁହେଁ କି? କବିତାରେ ଅନୁରଣିତ ହୋଇ ଉଠୁଥିବା ଏହି ଧାରା ଊନବିଂଶ ଶତାବ୍ଦୀର ଅଷ୍ଟମ ଦଶକ ବେଳକୁ କ୍ରମେ ଶିଥିଳ ହେବାକୁ ଲାଗିଲା। ବ୍ୟକ୍ତିବାଦର ପ୍ରବଳ ଉତ୍ଥାନ ଓ ଅମଲାତନ୍ତ୍ରିକ ମାୟାଜାଲର ପ୍ରହେଳିକା ସାର୍ବଜନୀନ ଜୀବନକୁ ଏମିତି କାବୁ କରି ରଖିଲା ଯେ, ପ୍ରତିଷ୍ଠିତ କାବ୍ୟସ୍ରଷ୍ଟାଙ୍କ ଲେଖାରେ ଆଉ ମଣିଷର କଥା ଦେଖିବାକୁ ମିଳିଲା ନାହିଁ। ସାମନ୍ତବାଦୀ ଆଟୋପର ଖୋଳପା ଭିତରେ ସାଧାରଣ ମଣିଷର କଥା ଘୋଡ଼େଇ ହୋଇ କବିତାର ଚେହେରା ପାଂଶୁଳ ହେବାକୁ ଲାଗିଲା। ମାନବିକତାର ସୁରଧ୍ୱନିରେ କାବ୍ୟ କବିତାର ପଂକ୍ତିମାନ ଛନ୍ଦାୟିତ ହେବା ବଦଳରେ ସମ୍ରାଟ୍ ଓ ସାମନ୍ତମାନଙ୍କର ଶୃଙ୍ଖଳା ଜୟଜୟକାର କରିବାକୁ ପଥଭୁଲା କବି ସପନରେ ମାୟାମୃଗର ସୁନେଲି ମୃଗ ଆଙ୍କିବାରେ କବିତାର ସ୍ୱରକୁ ସୀମିତ କରିବାକୁ ଲାଗିଲା। ସେଥିପାଇଁ ମାଟିକୁ ବୁଝିଥିବା ଅନୁଭବି କବି ସଚ୍ଚିଦାନନ୍ଦ ରାଉତରାୟ ଲେଖିଲେ...

ଅମର ହୋଇବ କାଳର କବଳେ
ଯେଣୁ, ଜଣକର ନାମ
ଲକ୍ଷ ବେନାମି ଜୀବନରେ ତେଣୁ
ଗଢ଼ା ହେଲା ଶମଶାନ
ଦେଖିଲା ଜଗତ ବିରାଟ ଦେଉଳ
ଘୋଷିଲା ରାଜାର ଜୟ
ପଣ୍ଡିତ କହେ ଦେଶର କୁଆଡ଼େ
ଲେଖା ଏଥି ପରିଚୟ

ଆହୁରି ମଧ ଧୂଳିମାଟିର ଘସାମଜା ଜୀବନର ଶ୍ରଦ୍ଧାଶୀଳ ଅଭିବ୍ୟକ୍ତି କ୍ରମଶଃ କବିତାରୁ ବିଦାୟ ନେବାର ଆଶଙ୍କା ସୃଷ୍ଟି ହେଲା। ବିବେକର ଡାକ, ଚେତନାର ଆହ୍ୱାନ ଓ ପେଟର ଭୋକ ଅପେକ୍ଷା ଇନ୍ଦ୍ରିୟର ସୁଖ ଓ ଦେହର ଭୋକ ମୁଖ୍ୟ ବିଭବ ରୂପେ କବିତାରେ ଉଭା ହେଲେ। ସର୍ବଜନ ସୁଖାୟ, ସର୍ବଜନ ହିତାୟ ନୁହେଁ, ସମାଜର ସାମଗ୍ରିକ ସ୍ୱରକୁ ନେଇ ନୁହେଁ, ବରଂ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠି ଅବା ବ୍ୟକ୍ତିଙ୍କ ମଉଜ ମଜଲିସ୍ ପାଇଁ , ସାମନ୍ତିୟ ତୁଷ୍ଟିକରଣପାଇଁ ଲେଖାଗଲା ଅନ୍ତଃପୁରଯୋଗ୍ୟ ରାଶି ରାଶି ସୈରବାଦୀ ଦେହସର୍ବସ୍ୱ କବିତା .....

ମୁଁ ଗୋ ସନ୍ତରି ନଭ ନୀଳରେ
ରଚି ରସର ପରିଧି ନୃତ୍ୟ
ତବ ଭୁଜ ବଲ୍ଲରୀ ବନ୍ଧେ
ପୀନ ଉରଜରେ ହେବି ଲୁପ୍ତ
ମୁଁ ଗୋ ମତୁଆଲା ହୋଇ ସଘନେ
ଘନ ଜଘନେ ହୋଇବି ସୁପ୍ତ
ତମ ଓଠରୁ ଚିପୁଡ଼ି ମଦିରା
ମୁଁ ଯେ ଆନନ୍ଦେ ହୋଇବି ଅଧିରା....
ଇତ୍ୟାଦି.... ଇତ୍ୟାଦି.....

ସେଥିପାଇଁ ପରବର୍ତ୍ତୀ ସମୟର ବିପ୍ଳବୀ କବି ପ୍ରତିକ୍ରିୟା ପ୍ରକାଶ କରି ଲେଖିଲେ .....

ଏଠି ଲେଖାହୁଏ ମାଟିର ମଣିଷ
ମଣିଷ ତ ଏଠି ମାଟି
ତାକୁ କି କହିବ ଯାହାର ରହିଛି
ଚାଷ ଜମି ବାରବାଟି
ଗହଣା ଭିତରେ ନିମକାଠି ଭଳି
ଛ'ମାଣ ଆଠ ଗୁଣ୍ଠ
ବୋଲି ସଫେଦ ଖଣ୍ଡାୟତର
ନିଜି ତରବାରୀ ବେଣ୍ଟ
ଗଣ୍ଡୁଷ ଜଳେ ମଣ୍ଡୁକ ଜାଣେ
ପୃଥିବୀ କେବଳ କୂପ
ତା' ମନ ମଦନ ମନ୍ଦିର ନେଇ
ନିତି ଯିଏ ଦେବ ଧୂପ
ସେଇ ତା'ର ବଡ଼ କବି
ପ୍ରଦୀପ ଲିଭାଅ ବୋଲି ଯେ କହିବ
ଶ୍ଳଥ କରିବାକୁ ନିବି

କହିବା ବାହୁଲ୍ୟ ଯେ ଯୁକ୍ତି ଓ ତର୍କରେ ପାଣ୍ଡିତ୍ୟର ଅହଂ ଥାଏ, ପ୍ରଦର୍ଶନର ଉଦ୍ଦେଶ୍ୟ ଥାଏ, ନିଜ ମତକୁ ସାବ୍ୟସ୍ତ କରିବାର ଅଭିପ୍ରାୟ ଥାଏ (ତାହା ଠିକ୍ ହେଉ କି ଭୁଲ୍ ହେଉ, ସମାଜଭିମୁଖୀ ହେଉ କି ସ୍ୱସ୍ୱାର୍ଥସର୍ବସ୍ୱ ହେଉ)। ତେଣୁ ସେଥିରେ ଚାଲାକି ଓ ଚତୁରତାର ସମସ୍ତ କଳାକୌଶଳକୁ ଆପଣେଇ ନେବାର ମସୁଧା ଥାଏ। ସୁତରାଂ ତାହା ଅନେକାଂଶରେ ଅମଲାତାନ୍ତ୍ରିକ କାୟିଦାକୁ ଯୁକ୍ତି ସାବ୍ୟସ୍ତର ମାର୍ଗ ହିସାବରେ ଆପଣେଇ ନେବାକୁ ବାଧ। ସେଥିରେ ନଥାଏ ଭାବ ଅବା ଭାବାବେଗର ଲେସମାତ୍ର ଚିହ୍ନ। ତେଣୁ ନଥିପତ୍ରରୁ ସାଉଁଟା ଶବ୍ଦରେ ତାହା ଫଟା ଢୋଲ ପରି ଢାଉଁ ଢାଉଁ ଶୁଭେ ସିନା,ସେଥିରୁ ଶବ୍ଦଟିଏ ମିଳିବାର ସାମାନ୍ୟତମ ସମ୍ଭାବନା ନଥାଏ।

ଅନ୍ୟ ପକ୍ଷରେ ଶକ୍ତିଶାଳୀ ଆବେଗରୁ ଉଚ୍ଛ୍ୱାସ ହିଁ ଶବ୍ଦର ଗନ୍ତାଘର। କହିବାର ଆବଶ୍ୟକତା ନାହିଁ ଯେ Poetry is the spontaneous overflow of powerfull feeling . ପୂର୍ବରୁ କହିସାରିଛି ଯେ ଅନୁଭବଜନିତ ବିଶ୍ୱାସ ଓ ବିଶ୍ୱାସଜନିତ ଅନୁଭବ ହିଁ କବିକର୍ମର ଏନ୍ତୁଡ଼ିଶାଳ। ସୁତରାଂ ଏଠାରେ ଭାବ ହିଁ ମୁଖ୍ୟ ବିଭବ ହୋଇଥିବାରୁ, ଭାବସାଗରର ମନ୍ଥନରୁ ଶବ୍ଦର ଅମୃତ ନିଃସୃତ ହେବା ସ୍ୱାଭାବିକ।

ଅତଏବ ଯୁକ୍ତିରୁ କସ୍ମିନକାଳେ ମିଳେ ନାହିଁ ଶବ୍ଦଭାବ, କେବଳ ଭାବ ହିଁ ଶବ୍ଦର ଗନ୍ତାଘର।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଗାଁରୁ ସହର



**ଦେବେନ୍ଦ୍ର ଶତପଥୀ**

**ଆ**ହାକି ଦୁର୍ଲଭ ସହରୀ ଜୀବନ
ମନେ ଭରିଥିଲା କେତେଯେ ନିଶା,
କୋଠା ଗାଡି ସଂଗେ ପାର୍କ ଭ୍ରମଣ
ହୋଟେଲ ମୋଟେଲ ଟାଣେ ପଇସା।
ହାୟରେ ବିଧାତା ଜାଣିତ ନଥିଲି
ବୃଥା ହେଲା ମୋର ଏ ଜୀବନ,
ଭିଟାମାଟି ଛାଡି ସହର ଆସିଲି
ଭୋଗୁଅଛି ଏଠି ରୋଗ କଷଣ।
ଗାଁ ମୋର ଥିଲା ସରସ ସୁନ୍ଦର
ବାଡି ପରିବାକୁ ସୁନୁସୁନିଆଁ,
ମଦରଙ୍ଗା ଅବା କାନିସିରି ଶାଗ
ପଖାଳ କଂସାକୁ କେତେ ବଢ଼ିଆ।
ସେଉଳ ଝୋଳକୁ କେରାଣ୍ଡିର ଭଜା
ବିଲ କଙ୍କଡାକୁ କଉ ବେସର



ଜାମୁକୋଳି ସଂଗେ ପଣସ ପିଜୁଳି
ପୋଡପିଠା ସଂଗେ ଲହୁଣୀ ସର।
ସହରେ ଖାଇଲି ଫାଷ୍ଟଫୁଡ୍ ଖାଦ୍ୟ
ମଟନ ତନ୍ଦୁର ଚିଲି ଚିକେନ୍
ଅସୁର ପରାୟ ହେଲା ମୋର ବପୁ
ସୁଗାର ହାର୍ଟ ରୋଗ ଲଭିଛି ଜାଣ।
ଦେଖ ଭାଇ ଆମ ସହରୀ ଜୀବନ
କେତେ ରଙ୍ଗେ ଝଲସୁଛି,
ସାଙ୍ଗ ସାଥି ଛାଡି କୁକୁର ସହିତ
କେତେ କଥା ମୁହିଁ ଆଜି ହେଉଛି।

*ଭୁବନେଶ୍ୱର*

## ସୃଷ୍ଟି ଓ ସ୍ରଷ୍ଟା

### ଅଗ୍ନିଗର୍ଭା

***କବି : ବିରଞ୍ଚି ନାରାୟଣ ପଣ୍ଡା***
***ପ୍ରକାଶକ : ପରାଗ ସାହିତ୍ୟ ସମିତି,ବିଜମରା, କଳାହାଣ୍ଡି***
***ମୂଲ୍ୟ : ୧୦୦ ଟଙ୍କା , ପୃଷ୍ଠା : ୧୨୮***




ମାଟିର କବି ବିରଞ୍ଚି ନାରାୟଣ ପଣ୍ଡା କଳାହାଣ୍ଡି ମାଟିର ସୁଯୋଗ୍ୟ ସନ୍ତାନ ଓ ଓଡ଼ିଆ ସାହିତ୍ୟର ଜଣେ ଶ୍ରେଷ୍ଠ ସାଧକ। ଦରିଦ୍ର କୁଡିଆର ଶାଗ ପଖାଳ ତାଙ୍କୁ ଆଗକୁ ବଢ଼ିବାର ଯେଉଁ ପ୍ରେରଣା ଦେଇଛି, ସେହି ଅନୁଭୂତି ହିଁ ତାଙ୍କ କବିତାରେ ଫୁଟି ଉଠିଛି। କବିଙ୍କ ଭାଷାରେ – 'ଅହଂକାରର ଫଳକରେ / ଲେଖା ନ ହେଉ ମୋର ଆସ୍ଫାଳନ, ହଠାତ୍ ସମ୍ମାନ ପ୍ରାପ୍ତିର ମୋହରେ / ଅପଶବ୍ଦର ତୀର ଯୋଖି / ହେବାକୁ ମୁଁ ଚାହିଁବିନି ଚର୍ଚ୍ଚିତ ନାୟକ।' କଲମ ମୁନରେ ରାଜାଙ୍କୁ ପ୍ରଶ୍ନ ପଚାରିବାର ସାମର୍ଥ ରଖିଥିବା କବି ବିରଞ୍ଚି ନାରାୟଣ ପଣ୍ଡାଙ୍କ 'ଅଗ୍ନିଗର୍ଭ' କବିତା ପୁସ୍ତକରେ ଶୈଶବରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଭେଟୁଥିବା ଅନେକାନେକ କାହାଣୀର ଅବତାରଣା କରାଯାଇଛି। ନିଃସନ୍ଦେହରେ ଏହା କବିଙ୍କର ଏକ ସଫଳ ସୃଷ୍ଟି, ଯାହା ପାଠକୀୟ ଆଦୃତ ନିଶ୍ଚୟ ଲାଭ କରିବ।

# ‘ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ ହେଉ ହୋ, ମୁଣ୍ଡାରୀ ଭାଷା’



**ଭୁବନେଶ୍ୱର :** ଆଦିବାସୀମାନଙ୍କ ଦ୍ୱାରା ବହୁଳ ବ୍ୟବହାର ହେଉଥିବା ଭାଷା ହୋ ଏବଂ ମୁଣ୍ଡାରୀକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ ପାଇଁ ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଇଛି । ଏହି ଭାଷାଗୁଡ଼ିକୁ ସମ୍ବିଧାନରେ ସାମିଲ୍‌ର ବହୁଳ ଆବଶ୍ୟକତା ରହିଥିବା ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଜେଡି ବିଧାୟିକା ବାସନ୍ତୀ ହେମ୍ବ୍ରମ ଏବଂ ବିଜେଡିର ସାଧାରଣ ସମ୍ପାଦିକା ଶ୍ରୀମୟୀ ମିଶ୍ର। ସାମ୍ବାଦିକ ସମ୍ମିଳନୀରେ ବିଜେଡିର ଏହି ତିନି ନେତା ଦର୍ଶାଇଛନ୍ତି ଯେ ଗୋଟିଏ ଜାତିର ପରିଚୟ ପାଇଁ ଭାଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଓଡିଶା ଜନସଂଖ୍ୟାର ୨୨.୮୫ ପ୍ରତିଶତ ଅନୁସୂଚିତ ଜନଜାତି ହୋଇଥିବାବେଳେ ୧୩ ପ୍ରକାରର ବିଲୁପ୍ତପ୍ରାୟ ଜନଜାତିଙ୍କ ସହିତ ମୋଟ୍ ୬୨ ପ୍ରକାର ଜନଜାତି ଏଠାରେ ବସବାସ କରୁଛନ୍ତି । ହୋ ଏବଂ ମୁଣ୍ଡାରୀ ଭାଷାକୁ ସମ୍ବିଧାନରେ ସାମିଲ ପାଇଁ ଦୀର୍ଘଦିନରୁ ରାଜ୍ୟର ଆଦିବାସୀମାନେ ଦାବିକରି ଆସୁଛନ୍ତି । ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଦୁଇଟି ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ ପାଇଁ କହିଛନ୍ତି । ଓଡିଶା ଓ ଝାଡଖଣ୍ଡରେ ବସବାସ କରୁଥିବା ପ୍ରାୟ ୧୦ଲକ୍ଷ ବ୍ୟକ୍ତି ହୋ ଭାଷା ବ୍ୟବହାର କରନ୍ତି । ସମ୍ବିଧାନରେ ସାମିଲ ହୋଇଥିବା ସାନ୍ତାଳି ପରେ ହୋ ହେଉଛି ଓଡିଶାର ଆଦିବାସୀଙ୍କ ପ୍ରଚଳିତ ଦ୍ୱିତୀୟ ବୃହତ୍ ଭାଷା । ସେହିଭଳି ମୁଣ୍ଡା ଏବଂ ମୁଣ୍ଡାରୀ ଆଦିବାସୀ ସମ୍ପ୍ରଦାୟର ୬ଲକ୍ଷରୁ ଅଧିକ ଲୋକ ମୁଣ୍ଡାରୀ ଭାଷା ବ୍ୟବହାର କରନ୍ତି । ଓଡିଶାରେ ବ୍ୟବହୃତ କେତେକ ଆଦିବାସୀ ଭାଷା ରହିଛି ଯାହା ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ ପାଇଁ ଯୋଗ୍ୟ । ତେଣୁ ଏହି ଦୁଇ ଭାଷା ହୋ ଏବଂ ମୁଣ୍ଡାରୀକୁ ସମ୍ବିଧାନରେ ସାମିଲ ପାଇଁ ବିଜେଡି ପକ୍ଷରୁ ଦୃଢ ଦାବି କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଇଂରେଜ ସମୟରୁ ଭାଷା ପାଇଁ ସଂଗ୍ରାମ ଜାରି ରହିଛି । ସାଢେ ୪ କୋଟିରୁ ୧ କୋଟି ମାତୃଭାଷାକୁ ଅଲଗା ଭାବେ ବ୍ୟବହାର କରନ୍ତି । ସେ କୋଶଳୀ, ହୋ, ମୁଣ୍ଡାରୀ, ଭୂମିଜ ପରି ଭାଷା । ରାଜନୈତିକ ଦଳ ନିର୍ବାଚନ ଇସ୍ତାହାରରେ ଏହାକୁ ଉଲ୍ଲେଖ କରିଥିଲେ, ହେଲେ କଲେନି । ଏଥିପାଇଁ ଏକ ବିଶେଷଜ୍ଞ କମିଟି ହୋଇଥିଲା ଓ କମିଟି ତାହାର ରିପୋର୍ଟ ଦେଇଛି । ଆମେ ସବୁ ସାମ୍ବିଧାନିକ ପ୍ରକ୍ରିୟା ସାରିଛୁ । ଏ ସଂକ୍ରାନ୍ତରେ ଆମେ ରାଷ୍ଟ୍ରପତିଙ୍କୁ ଭେଟିବୁ । ତାଙ୍କର ଏହି କ୍ଷମତା ଅଛି ବୋଲି ସେ କହିଛନ୍ତି । ସେହିଭଳି ବିଧାୟିକା ଶ୍ରୀମତୀ ହେମ୍ବ୍ରମ କହିଛନ୍ତି ଯେ ଭାରତରେ ୩୦ ଲକ୍ଷ ଓ ଓଡ଼ିଶାରେ ୧୦ ଲକ୍ଷ ହୋ ଭାଷା ବ୍ୟବହାର କରନ୍ତି । ଏହାକୁ ମାନ୍ୟତା ନ ମିଳିଲେ, ଆଗାମୀ ଦିନରେ ଏହା ଲୋପ ପାଇଯିବ। ଶ୍ରୀମତୀ ମିଶ୍ର କହିଛନ୍ତି ଯେ କୋଶଳୀ ବହୁତ ମିଠା ଭାଷା । ୭୫ ଲକ୍ଷ ଲୋକ ଏହି ଭାଷା କହନ୍ତି । କୋଶଳୀରେ ରାମାୟଣ, ମହାଭାରତ ରଚନା କରାଯାଇଛି । ଏହି ଭାଷା ମନକୁ ପ୍ରଫୁଲ୍ଲିତ କରେ । ନୂଆଖାଇ ଭେଟଘାଟ ସାରା ଦେଶରେ ଆଦୃତ । ଲୋକ ଏହି ଭାଷାକୁ ଆଗେଇ ନେବାକୁ ଚାହୁଁଛନ୍ତି । କେନ୍ଦ୍ର ସରକାର ଏହାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରନ୍ତୁ । ଆମ ପଶ୍ଚିମ ଓଡ଼ିଶାରୁ ଅନେକ ବିଜେପି ସାଂସଦ ଅଛନ୍ତି । ସେମାନେ ଏହି କଥା ସଂସଦରେ ଉଠେଇଲେ, ରାଜ୍ୟବାସୀ ଧନ୍ୟ ହେବେ । ପଶ୍ଚିମ ଓଡିଶାରେ ନିୟମିତ ଭାବେ ଏହି ଭାଷାରେ ପ୍ରବନ୍ଧ, କର୍ମଶାଳା, ଗୋଷ୍ଠିଗତ ଆଲୋଚନା ଏବଂ କବିତା ପାଠ ଆଦି ଆୟୋଜିତ ହେଉଛି । ପଶ୍ଚିମ ଓଡିଶାରେ ପ୍ରାଥମିକ ଶ୍ରେଣୀରେ କୋଶଳୀ ଭାଷାରେ ପଢାଇବା ଲାଗି ବୁଦ୍ଧିଜୀବୀମାନେ ଦାବି କରୁଛନ୍ତି । ତେଣୁ ଯେଉଁଠାରେ ପିଲା ଓଡିଆ ଭାଷା ବୁଝିପାରୁ ନାହାନ୍ତି ସେଠାରେ ଏହା ଅଧାରୁ ପାଠ ଛାଡିବା ହ୍ରାସ କରିବ । ତେଣୁ କୋଶଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ନିୟମିତ ଭାବେ ଦାବି ହୋଇ ଆସୁଥିବା ବିଜେଡି ପକ୍ଷରୁ କୁହାଯାଇଛି।

# ଜଗତସିଂହପୁର ଓକିଲ ସଂଘ ନିର୍ବାଚନକୁ ନେଇ ବିବାଦ



**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲାରେ ୪ଗୋଟି ବିଧାନ ସଭା ଆସନ କୁ ବିଜେଡି ହାତେଇ ନେଇଥିବା ବେଳେ ଜିଲ୍ଲା ଓକିଲ ସଂଘ ନିର୍ବାଚନରେ ବିବାଦ ଦେଖା ଦେଇଛି। ଯାହା ଫଳରେ ଦୁଇ ଜଣ ପାର୍ଥୀଙ୍କ ମଧ୍ୟରେ ଜୋରଦାର୍ ଲଢେଇ ହେଉଥିବାର ସମ୍ଭାବନା ସୃଷ୍ଟି ହେଉଛି। ଆସନ୍ତା ୨୭ ତାରିଖରେ ୩୪୦ ଜଣ ଓକିଲ ନିଜର ମତଦାନ ଦେବା ପାଇଁ ସ୍ଥିରିକୃତ ହୋଇଥିବା ବେଳେ କାହା ସପକ୍ଷରେ ଭୋଟ୍ ଦେବେ ତାହା ନେଇ ଓକିଲ ସଂଘ ପକ୍ଷରୁ ସନ୍ଦେହ ସୃଷ୍ଟି ହୋଇଛି। ଚଳିତ ବର୍ଷ ଓକିଲ ସଂଘ ନିର୍ବାଚନରେ ସଭାପତି ପଦବୀ ପାଇଁ କଂଗ୍ରେସ ଦଳ ତାର ପ୍ରାର୍ଥୀ ଦେଇ ନଥିବା ବେଳେ ବିଜେଡି ପକ୍ଷରୁ ଆଇନଜିବୀ ସୁବ୍ରତ ଶତପଥୀ ଓ ବିଜେପି ପକ୍ଷରୁ ଆଇନଜିବୀ ଗଗନ ଚନ୍ଦ୍ର ଦାଶ ମଧ୍ୟରେ ଦ୍ୱିମୁଖୀ ଲଢେଇକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ବିଜେଡି ଦଳର ଗୋଷ୍ଠି କନ୍ଦଳ ଏହି ଓକିଲ ସଂଘ ନିର୍ବାଚନରେ ବି ପ୍ରଭାବ ପଡିବାର ଆଂଶଙ୍କା ଥିବାବେଳେ ବିଜେପିର ପ୍ରାର୍ଥୀ ଆଡକୁ ଉଭୟ କଂଗ୍ରେସ ଓ ଅସନ୍ତୁଷ୍ଟ ବିଜେଡି ଭୋଟ୍ ହାତେଇ ନେବାର ସମ୍ଭାବନା ସୃଷ୍ଟି ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଗତ ବର୍ଷ ନିର୍ବାଚନ ଗୁଡିକରେ ବି ବିଜେଡି ସମର୍ଥୀତ ପ୍ରାର୍ଥୀ ପରାଜୟ ବରଣ କରନ୍ତି କାରଣ ବିଜେଡି ଅସନ୍ତୁଷ୍ଟ ଓକିଲ ସଂଘ ପକ୍ଷରୁ ଡମି ପ୍ରାର୍ଥୀ ଠିଆ କରାଇ ଏହାର ଫାଇଦା ଉଠାନ୍ତି। କେବଳ ଓକିଲ ସଂଘ ପକ୍ଷରୁ ନୁହେଁ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଆଇନଜିବୀ ଶ୍ରୀ ଦାଶଙ୍କ ସପକ୍ଷରେ ସ୍ରୋତ ବହୁଥିବାର ଜଣାପଡିଛି। ଅତ୍ୟନ୍ତ ନିଷ୍ଠାପର, ଭଦ୍ର, ଆମାୟିକ ଓ ରଘୁନାଥପୁର ବ୍ଲକ୍ ଅଂଚଳର ବାସିନ୍ଦା ହୋଇଥିବାରୁ ସେ ବି ଧରାଧରପୁର ଗ୍ରାମ ପଂଚାୟତର ସମିତିସଭ୍ୟ ଭାବେ ବିଜୟ ଲାଭ କରିଥିବାରୁ ଜିଲ୍ଲାର ସବୁଆଡେ ତାଙ୍କର ପ୍ରଭାବ ରହିଛି। ଜଣେ ଓକିଲ ଭାବରେ ନୁହେଁ ବିଭିନ୍ନ ଅଂଚଳର ଲୋକମାନେ କୌଣସି ଦୁର୍ଦ୍ଦିନ ଅବସ୍ଥାରେ ପଡିଲେ ସାହାଯ୍ୟ ଯୋଗାଇ ଦେବାର ସେ ଏକ ସଫଳ ବ୍ୟକ୍ତିତ୍ୱର ପରିଚୟ ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ଓକିଲ ସଂଘ ପକ୍ଷରୁ ସଭାପତି ପ୍ରାର୍ଥୀ ପାଇଁ ଦୁଇଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଉପ-ସଭାପତି ପ୍ରାର୍ଥୀ ପାଇଁ ଦୁଇ ଜଣ ଓ ସଂପାଦକ ପ୍ରାର୍ଥୀ ପାଇଁ ମଧ୍ୟ ଦୁଇଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସବୁଠାରୁ ଖୁସିର କଥାଯେ ଚଳିତ ବର୍ଷ କୋଷାଧକ୍ଷ ପଦବୀ ଓ ଉପ-ସଂପାଦକ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ନଯାଇ ଦୁଇଜଣ ଓକିଲ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। କୋଷାଧକ୍ଷ ପଦବୀରେ ଦୁର୍ଯ୍ୟୋଧନ ରାଉତ ଓ ଉପ-ସଂପାଦକ ଭାବେ ଜ୍ଞାନ ରଞ୍ଜନ ମହାନ୍ତି ମନୋନିତ ହୋଇଛନ୍ତି। ଓକିଲ ସଂଘ ନିର୍ବାଚନକୁ ନେଇ ଜିଲ୍ଲାରେ ଦଳିୟ ନେତା ଓ କର୍ମୀ ମାନଙ୍କ ଆସର ଜମିଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଡିଚାଲିଛି ...

ସେଥିପାଇଁ ଏସବୁ ରାଜ୍ୟରେ ନୂଆ କଟକଣା ଲାଗୁ କରାଯାଇଛି। ତେବେ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ତଥ୍ୟ ଅନୁଯାୟୀ ଏଯାବତ ଦେଶରେ ୪ କୋଟିରୁ ଅଧିକ ଲୋକ ଟିକା ନେଲେଣି। ତେବେ ଓଡ଼ିଶାରେ ଗତ ଦେଢ଼ମାସରୁ ଉର୍ଦ୍ଧ୍ୱ ସମୟ ଧରି କରୋନା ସଂକ୍ରମଣ ନିୟନ୍ତ୍ରଣ ଭିତରେ ରହିଥିଲେ ହେଁ ଗତ କିଛିଦିନ ହେଲା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରାଜ୍ୟରେ ଧୀରେ ଧୀରେ କରୋନା କାୟା ବିସ୍ତାର କରିବା ଆରମ୍ଭ କଲାଣି। ରାଜ୍ୟ ସରକାର କରୋନା ସଂକ୍ରମଣକୁ ଦମନ କରିବା ଲାଗି ଟେଷ୍ଟିଂ ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ପ୍ରତିଦିନ ୨୬ ହଜାର ଟେଷ୍ଟିଂ କରିବା ଲାଗି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ରାଜ୍ୟରେ କରୋନା ସଂକ୍ରମଣ କ୍ରମଶଃ କାୟା ମେଲାଉଛି। ତେଣୁ ସଂକ୍ରମଣ ରୋକିବାକୁ ଆଗକୁ ଚେକିଂ ଏବଂ ଚଢ଼ାଉ ଜୋରଦାର ହେବ ବୋଲି କହିଛନ୍ତି ଏସ୍ଆରସି ପ୍ରଦୀପ୍ତ ଜେନା। ରାଜ୍ୟରେ ଏବେ ହୋଲି ଓ ଦୋଳ ପାଇଁ କଟକଣା ଜାରି ହୋଇଛି। ଏହାସହ ଚେକିଂ ଜୋରଦାର କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଏସ୍ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ପୁଣି ଆସିଲାଣି, ତେଣୁ ସମ୍ବେଦନଶୀଳ ରାଜ୍ୟରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖାଯାଇଛି। ବିମାନବନ୍ଦରରେ ମଧ୍ୟ ମସ୍ତ ଯାତ୍ରୀଙ୍କ ସ୍କ୍ରିନିଂ କରାଯାଉଛି। ଏହାସହ ସରପଞ୍ଚଙ୍କୁ କୁହାଯାଇଛି ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖି ତଥ୍ୟ ଦେବା ପାଇଁ। ଓଡ଼ିଶାରେ ନାଇଟ୍ କର୍ଫ୍ୟୁ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଏସ୍ଆରସି ପ୍ରଦୀପ୍ତ ଜେନା। ଦେଶରେ କରୋନା ସଂକ୍ରମଣ ହୁହୁ ହୋଇ ବଢୁଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଚିଠି ଲେଖାଯାଇଛି। ଲୋକମାନେ ଯେମିତି ଠିକ୍ ଭାବେ କରୋନା କଟକଣା ମାନି ମାସ୍କ ପିନ୍ଧିବେ, ନିୟମିତ ହାତ ଧୋଇବେ ଓ ସାମାଜିକ ଦୂରତା ପାଳନ କରିବେ, ତା'ର ବ୍ୟବସ୍ଥା କଡ଼ିକଡ଼ି କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଲୋକମାନେ ଠିକ୍ ଭାବେ କରୋନା ସଂକ୍ରମଣକୁ ରୋକିବା ପାଇଁ ଜାରି କଟକଣାକୁ ପାଳନ କରୁନାହାନ୍ତି। ବିଶେଷ କରି ଭିଡ଼ ଜମୁ ଥିବା ସ୍ଥାନରେ ଲୋକଙ୍କ ବେପରୁଆ ଆଚରଣ ପାଇଁ ସଂକ୍ରମଣ ବଢୁଛି ବୋଲି କେନ୍ଦ୍ର ସରକାର କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଚିବ ଅଜୟ ଭଲ୍ଲା ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଲେଖିଥିବା ଚିଠିରେ କହିଛନ୍ତି ଯେ ୫ ମାସ ହେଲାଣି ଦେଶରେ କରୋନା ସଂକ୍ରମଣ ଆଶତୀତ ଭାବେ ହ୍ରାସ ପାଇବାରେ ଲାଗିଥିଲା। ଦୈନିକ ସଂକ୍ରମଣ ଠାରୁ ଆରମ୍ଭ କରି ଆକ୍ଟିଭ କେସ୍ ସବୁ ରାଜ୍ୟରେ କମିଥିଲା। କିନ୍ତୁ କିଛି ସପ୍ତାହ ହେଲା ଦେଖିବାକୁ ମିଳୁଛି ଯେ ପୁଣିଥରେ କରୋନାର ସଂକ୍ରମଣ ଗ୍ରାଫ ଉପର ମୁହାଁ ହୋଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ସଂକ୍ରମଣ ନିୟମିତ ଭାବେ ବଢ଼ିବାରେ ଲାଗିଛି। ସମୀକ୍ଷାରୁ ଜଣାପଡ଼ିଛି ଯେ କରୋନା ପାଇଁ ଜାରି କଟକଣାକୁ ଠିକ୍ ଭାବେ ପାଳନ କରାଯାଉ ନଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଆଗକୁ କରୋନା ସଂକ୍ରମଣ ବିବାର ମଧ୍ୟ ଆଶଙ୍କା ରହିଛି। ସେହିପରି ବିଭିନ୍ନ ପର୍ବପର୍ବାଣୀ ମଧ୍ୟ ଆସୁଛି। ଏହି ସମୟରେ ଆମକୁ ଅଧିକ ସତର୍କ ରହିବାର ଆବଶ୍ୟକ ରହିଛି। ତେଣୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ କରୋନା କଟକଣାକୁ କଡ଼ାକଡ଼ି ଭାବେ କେମିତି ପାଳନ କରାଯିବ, ତା'ର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରନ୍ତୁ।

### କଟକଣା ମଧ୍ୟରେ ...

ମେଲଣ ଆୟୋଜନ କରାଯାଇପାରିବ। ଦୋଳଯାତ୍ରା ସମୟରେ ସାରା ରାଜ୍ୟରେ ଆୟୋଜିତ ଧାର୍ମିକ ଓ ସାଂସ୍କୃତିକ ସମାବେଶ ଉପରେ କଟକଣା ଲଗାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୨୮ ଓ ୨୯ ତାରିଖରେ ସର୍ବସାଧାରଣ ସ୍ଥାନରେ ହୋଲି ଉତ୍ସବ ପାଳନକୁ ନିଷିଦ୍ଧ କରାଯାଇଛି। ଲୋକମାନେ ନିଜ ଘରେ ପରିବାର ଲୋକଙ୍କ ସହ ହୋଲି ଉତ୍ସବ ପାଳନ କରିପାରିବେ। ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବା ମ୍ୟୁନିସିପାଲ କମିସନର ଅତିରିକ୍ତ କଟକଣା ଲଗାଇପାରିବେ।

### ଦିଗହରା ପଶ୍ଚିମ ...

ସେହିପରି ସନ୍ତୋଷ ସିଂ ସାଲୁଜା କହିଛନ୍ତି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ୬ଜଣ ସାଂସଦ ସଭ୍ୟ ମନୋନୀତ ହେବା କଥା। ଏବେ ମାତ୍ର ୨ଜଣ ଅଛନ୍ତି। ସେହିପରି ୧୦ଜଣ ବିଶେଷଜ୍ଞଙ୍କ ମଧ୍ୟରୁ ଏବେ ମାତ୍ର ଜଣେ ଅଛନ୍ତି। ବଲାଙ୍ଗିରରେ ଅଫିସ ଖୋଲା ହେଲା, ସାଇନବୋର୍ଡ ଲାଗିଛି କିନ୍ତୁ ଅଛନ୍ତି ଜଣେ ପିଅନ ଓ ଜଣେ ଡାଟା ଏଣ୍ଟ୍ରି ଅପରେଟର। ତେଣୁ ସରକାରଙ୍କ ଆନ୍ତରିକତା କେତେ ବୋଲି ପ୍ରଶ୍ନ କରିଛନ୍ତି ସେ। ସେହିପରି କଂଗ୍ରେସ ବିଧାୟକ ଅଧିରାଜ ପାଣିଗ୍ରାହୀ କହିଛନ୍ତି ଯେ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ୨୧ ବର୍ଷ ହେଲା ଗଠନ ହେଲାଣି। କିନ୍ତୁ କିଛି ଲକ୍ଷ୍ୟ ନାହିଁ। ରାସ୍ତା ତିଆରି ହେଉଛି, ୟୁସି ବି ଦିଆଯାଉଛି, କିନ୍ତୁ ରାସ୍ତା ହଜିଯାଉଛି। ଖୋଜିଲେ ପ୍ରୋଜେକ୍ଟ ମିଳୁନାହିଁ। ଭୂତ ରାସ୍ତା ତିଆରି କରୁଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଲଟିଛି ବିଜେଡି କର୍ମୀଙ୍କ ଥଇଥାନ କେନ୍ଦ୍ର। ଏବେ ଏହା ପାଦେ ଆଗକୁ ଯାଇଛି। ପ୍ରଶାସନିକ ଅଫିସରଙ୍କ ଥଇଥାନ କେନ୍ଦ୍ର ପାଲଟିଛି। ଦାଦନଙ୍କ ପାଇଁ ଗୋଟିଏ ବି ଯୋଜନା ହେଉନାହିଁ। କୋଭିଡ୍ ମହାମାରୀ ସମୟରେ ଦାଦନ ଖଟିବାକୁ ଲୋକେ ଗଲେଣି। ଗାଁ ଖାଁ ଖାଁ ଲାଗୁଛି। ଗୋଟିଏ ବି ସ୍କୁଲ ଘର ହୋଇନାହିଁ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ହଜାରେ କୋଟି ଦାବି କଲେ ମାତ୍ର ମିଳୁଛି ୨୦୦ କୋଟି। ସେହିପରି ବିଜେପି ବିଧାୟକ ମୁକେଶ ମହାଲିଙ୍ଗ କହିଥିଲେ, ପଶ୍ଚିମ ଓଡ଼ିଶାର ସବୁଠୁ ଅନୁନ୍ନତ ଜିଲ୍ଲା ହେଉଛି ଦେବଗଡ। କିନ୍ତୁ ବିଜେଡି ବିଧାୟକ ଥିବା ଉନ୍ନତ ବ୍ଲକକୁ ଅନୁଦାନ ମିଳୁଛି, ମାତ୍ର ଅନୁନ୍ନତ ବ୍ଲକକୁ ଟଙ୍କା ଦିଆଯାଉନି। ଦେବଗଡ ଜିଲ୍ଲା ପାଇଁ ସେ ସ୍ୱତନ୍ତ୍ର ପ୍ୟାକେଜ୍ ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ ମନ୍ତ୍ରୀ ପଦ୍ମନାଭ ବେହେରା ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ ପରଠାରୁ ୧୬୪୨.୫୨ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। ୨୦୦୮-୦୯ ଆର୍ଥିକ ବର୍ଷରେ ୫୦ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଉଥିବା ବେଳେ ଏବେ ୨୦୦ କୋଟି ଟଙ୍କା ଅନୁଦାନ ଦିଆଯାଉଛି। ଖୁବ୍‌ଶୀଘ୍ର ପରିଷଦର ପୁନର୍ଗଠନ ହେବ। ଖାଲିଥିବା ସଭ୍ୟ ପଦ ଗୁଡିକ ଖୁବ୍‌ଶୀଘ୍ର ପୂରଣ ହେବ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ଖୋଲିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆସିପାରୁନଥିବାରୁ ଅଫିସ ଖୋଲିପାରୁନି ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି।

### ରାଜ୍ୟର ବିକାଶ ପାଇଁ ...

‘ପୂର୍ବୋଦୟ ମିଶନ’ରେ ପୂର୍ବ ଭାରତକୁ ପ୍ରାଥମିକତା ଦେଉଥିବା ବେଳେ ଏହାର ଅଗ୍ରଣୀ ସ୍ଥାନରେ ଓଡ଼ିଶା ରହିଛି। ଓଡ଼ିଶାରେ ଉପକୂଳ ରାଜପଥ, କେନ୍ଦ୍ରାପଡ଼ାରେ ସର୍ବବୃହତ ଇସ୍ପାତ୍ କାରଖାନା ପ୍ରତିଷ୍ଠା, ମହାନଦୀ ମୁହାଁଣରେ ନଦୀଭିତିକ ବନ୍ଦର, ବିଭିନ୍ନ ବନ୍ଦରସମୂହର ବିକାଶ, ରାଜ୍ୟରେ ପେଟ୍ରୋଲିୟମ ଶିଳ୍ପ, ଏଲଏନଜି ଟର୍ମିନାଲ ଓ ଏଲପିଜି କ୍ଷେତ୍ରର ସାମଗ୍ରିକ ଭିତିଭୂମିର ବିକାଶ ପାଇଁ ଭାରତ ସରକାର ସମ୍ପୂର୍ଣ୍ଣ ସହଯୋଗୀ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତି ଭାରତୀୟବାସୀଙ୍କ ବିଶ୍ୱାସନୀୟତା ବଢିଛି। ପଶ୍ଚିମବଙ୍ଗରେ ବିକାଶର ଦାୟିତ୍ୱ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ସରକାର ନେଇଛନ୍ତି । ଆଜିର ଦିନରେ ଆମେ ପଶ୍ଚିମବଙ୍ଗରେ ଶତପ୍ରତିଶତ ସରକାର କରିବୁ ବୋଲି ମୋର ଦୃଢ଼ ବିଶ୍ୱାସ । ସୂଚନାଯୋଗ୍ୟ ଯେ, କନକ ନ୍ୟୁଜ “ସମୃଦ୍ଧ ଓ ବିକଶିତ ଓଡିଶା ପାଇଁ ଆଗାମୀ ଦିନରେ କ'ଣ କଳ୍ପନା ରହିବା ଦରକାର” ଭଳି ଶୀର୍ଷକରେ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଶ୍ରୀ ପ୍ରଧାନ କନକ ନ୍ୟୁଜ୍ ଏବଂ ପ୍ରତିଷ୍ଠାତାଙ୍କୁ କୃତଜ୍ଞତା ଜଣାଇଥିଲେ।

### କରୋନା ପାଇଁ ...

ଦେଶରେ ଗରିବ ଲୋକଙ୍କ ସଂଖ୍ୟା ବଢ଼ିଛି। ପାଖାପାଖି ୭.୫ କୋଟି ଲୋକ ଏବେ ଦୈନିକ ୧୬୦ ଟଙ୍କା ହାରାହାରି କମିଥିବା ପିଉ ରିସର୍ଚ୍ଚ ସେଣ୍ଟର କହିଛି। ସେହିପରି ବର୍ଷକ ମଧ୍ୟରେ ଦେଶରେ ପେଟ୍ରୋଲ ଦର ୧୦% ବଢ଼ିଛି। ଯାହାର ପ୍ରଭାବ ଦରମା, ରୋଜଗାର ଆଦି ଉପରେ ପଡିବା ପରେ ପରିବାର ଉପରେ ପଡିଛି। ସୂଚନାଯୋଗ୍ୟ, ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ପରେ ମୋଟ ଉପରେ ୬.୬ କୋଟି ମଧ୍ୟବିତ୍ତ ପରିବାରର ପ୍ରଭାବିତ ହୋଇଥିବା ଜଣାପଡିଛି। ହେଲେ ୯.୯ କୋଟି ପ୍ରଭାବିତ ହେବେ ବୋଲି ପୂର୍ବାନୁମାନ ହୋଇଥିଲା।

### କଳା-ଜ୍ୱର...

ଭୁବନେଶ୍ୱର, କଟକ, ରାଉରକେଲା, ଗଜପତି, ଗଞ୍ଜାମ ଭଳି ସ୍ଥାନରେ ସେରୋ ସର୍ଭେ ହୋଇଥିଲା। ଏପରିକି କିଛି ସ୍ଥାନରେ ଏକାଧିକ ଥର ସର୍ଭେ କରାଯାଇଛି। ତେଣୁ ଆରଏମ୍ଆରସି ପାଖରେ ସଂଗୃହୀତ ନମୁନାର ସିରମ ରହିଛି। ତେଣୁ ଏହାକୁ ବ୍ୟବହାର କରି କଳା-ଜ୍ୱର ସମ୍ପର୍କରେ ଜାଣିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। କଳା-ଜ୍ୱର ସାଧାରଣ ଭାବେ ଲେସମାନିଆ ଡୋନୋଭାନି ପାରାସାଇଟ୍ ଦ୍ୱାରା ହେଉଥିବା ବେଳେ ସ୍ୟାଣ୍ଡ ମାଛି ଦ୍ୱାରା ଏହା ବ୍ୟାପିଥାଏ। କଳା-ଜ୍ୱରରେ ପୀଡିତ ରୋଗୀକୁ ମାଇ ସ୍ୟାଣ୍ଡ ମାଛି କାମୁଡିବା ପରେ ଅନ୍ୟକୁ କାମୁଡିଲେ ତାହା ବ୍ୟାପିବାକୁ ଆରମ୍ଭ କରିଥାଏ। କଳା-ଜ୍ୱର ଯୋଗୁଁ ଜ୍ୱର ହେବା ସହିତ ଓଜନ କମିବା, ରକ୍ତ ହୀନତା ଓ ଯକୃତ ଓ ପ୍ଲିହା ଫୁଲି ଯାଇଥାଏ। ଠିକ୍ ସମୟରେ ଚିକିତ୍ସା ନକଲେ ରୋଗୀ ପ୍ରାଣ ହରାଇବା ନିଶ୍ଚିତ। ସେହିପରି ସ୍କ୍ରବ୍ ଟାଇଫସ୍ ଟିଙ୍କ ଦ୍ୱାରା ବ୍ୟାପିଥାଏ। ଏଥିରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ ଶରୀରରେ ଜ୍ୱର ସହିତ ଘା' ସୃଷ୍ଟି ହୋଇଥାଏ। ଯଦିଓ କିଛିବର୍ଷ ପୂର୍ବରୁ ଓଡ଼ିଶାରେ ଏହାର ଉପସ୍ଥିତ ନ ଥିଲା, ହେଲେ ନିକଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଏକାଧିକ ଲୋକଙ୍କଠାରେ ଏଭଳି ରୋଗ ନଜରକୁ ଆସୁଥିବା ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍କ୍ରବ୍ ଟାଇଫସର ସ୍ଥିତି ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କୌଣସି ତଥ୍ୟ ନାହିଁ। ତେଣୁ ପରୀକ୍ଷା ପରେ ଏହାର ସ୍ଥିତି ସମ୍ପର୍କରେ ସ୍ପଷ୍ଟ ହୋଇପାରିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି। ଆରଏମ୍ଆରସି ଏହି ଦୁଇ ରୋଗର ପରୀକ୍ଷା କରିବା ଲାଗି ସହମତି ପ୍ରକାଶ କରିଥିବା ସୂଚନା ମିଳିଛି।

### ଜରୁରୀକାଳୀନ ...

୨୫୦୦ ପଦବୀର ବନ୍ଦୋବସ୍ତ କରିଛନ୍ତି। ଏହି ନୂତନ ବ୍ୟବସ୍ଥା ଫଳରେ ଏବେ ପ୍ରଚଳିତ ପୋଲିସ-୧୦୦, ଅଗ୍ନିଶମ-୧୦୧ ଓ ଆମ୍ବୁଲାନ୍ସ-୧୦୮/୧୦୨ ନମ୍ବର ଗୁଡିକ ୧୧୨ ନିଃଶୁଳ୍କ ନମ୍ବର ସହିତ ପର୍ଯ୍ୟାୟ କ୍ରମେ ସମନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ନୂତନ ବ୍ୟବସ୍ଥା ଉପରେ ସନ୍ତୋଷ ବ୍ୟକ୍ତ କରି କହିଛନ୍ତି ଯେ, ଏହି ବ୍ୟବସ୍ଥାରେ ଭଏସ୍ କଲ୍, ଏସ୍ଏମ୍ଏସ୍, ପ୍ୟାନିକ୍ ଏସ୍ଓଏସ୍ ଅନୁରୋଧ ଏବଂ ୱେବ୍ ଅନୁରୋଧ ମଧ୍ୟ ସ୍ୱତନ୍ତ୍ର ଭାବରେ ବିକଶିତ ୧୧୨ ଇଣ୍ଡିଆ ଆପ୍ ମାଧ୍ୟମରେ ବିଭିନ୍ନ ତଥ୍ୟ ଗ୍ରହଣ କରିବାର ସୁବିଧା ରହିଥିବା ୨୪ ଘଣ୍ଟିଆ ସେବା ଉପଲବ୍ଧ ହେବ। ଆପଦକାଳୀନ ଦ୍ରୁତ ସେବା କେନ୍ଦ୍ରଟି ଜିଲ୍ଲାସ୍ତରରେ ୩୪ଟି ଜିଲ୍ଲା ସମନ୍ୱୟ କେନ୍ଦ୍ର ସହିତ ଡିଜିଟାଲ ମାଧ୍ୟମରେ ସଂଯୁକ୍ତ ହୋଇଛି ଏବଂ ଠିକଣା ଭାବରେ ଆପଦକାଳୀନ ସେବା ସହାୟକ ଯାନଗୁଡିକ ପ୍ରସ୍ତୁତ ରହିଛି। ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ୧୧୨ ଇଣ୍ଡିଆ ମୋବାଇଲ୍ ଆପ୍ ଡାଉନ୍‌ଲୋଡ୍ କରିବା ଏବଂ ବିପଦ ସମୟରେ ନିଜ ନିଜ ଅଞ୍ଚଳର ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ୧୧୨ ସ୍ୱେଚ୍ଛାସେବୀ ଭାବରେ ପଞ୍ଜୀକୃତ ହେବାକୁ ଅନୁରୋଧ ଜଣାଇଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ ଜେନା, ସ୍ୱାସ୍ଥ୍ୟ ସଚିବ ପି.କେ ମହାପାତ୍ର, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଅଭୟ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ, ଗୃହ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ହଂସୁଆ ନଦୀରେ ...

ଘଟଣା ଦେଖିବାକୁ ମିଳିଥିଲା। କର୍ମୀମହଲରେ ଅସନ୍ତୋଷ ଦେଖାଦେଲାବେଳେ ରଘୁନାଥପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ କଳାବାଦଲ ଭାବେ କର୍ମୀମାନଙ୍କ ଆଡକୁ ଭାସିଆସି ବୁଝାସୁଝା କରିଥିଲେ। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ଏପରି ଘଟଣାକୁ ନେଇ କର୍ମୀମହଲରେ ଘୋର ଅସନ୍ତୋଷ ଦେଖାଯିବା ସହିତ ଫୁସୁରୁଫାସର ହେଉଥିଲେ ଯେ, କଳାବାଦଲ ବାସିଲା ମାନେ ବର୍ଷା ଆସିବାର ସମ୍ଭାବନା ସୃଷ୍ଟି ହେଲାଣି। ଭୁବନେଶ୍ୱର ଘରିକାଳୁରେ ରହୁଥିବା ଏହି କଳାବାଦଲ ନେତାଜଣଙ୍କୁ ପଂଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ତାଙ୍କୁ ଦେଖିବାକୁ ଏପରି ମିଳୁଛି । ରଘୁନାଥପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ତାଙ୍କ ନିର୍ବାଚନ ବେଳେ କଂଗ୍ରେସ କର୍ମୀ ଓ ନେତାମାନଙ୍କ ମିଶି ବ୍ଲକ୍ ଅଧ୍ୟକ୍ଷ ହେବାରେ ସକ୍ଷମ ହୋଇଥିଲେ। ସେହିପରି ୨୦୨୨ପଂଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ବିଜେଡି କର୍ମୀମାନଙ୍କ ମଧ୍ୟରେ ଲଢେଇ ଲାଗିବାପରି ମନେ ହେଉଥିଲା। ନିମନ୍ତ୍ରୀତ ଅତିଥିମାନେ ଉପସ୍ଥିତ ଥିବା ବେଳେ ଚିକିଣିଆ ଗ୍ରାମପଂଚାୟତର ସରପଂଚ ସର୍ମିଷ୍ଠା ସ୍ୱାଇଁଙ୍କ ନାମ ଫଳକରେ ନଥିବାକୁ ନେଇ ଅସନ୍ତୋଷ ଉଗ୍ରରୂପ ଧାରଣ କରିଥିଲେ। ସ୍ଥାନୀୟ ଲୋକ ଅଡି ବସିଥିଲେ ଯେ ଆମ ସରପଂଚଙ୍କ ଉଦ୍ୟମ ଫଳରେ ପୋଲର ଶିଳାନ୍ୟାସ ହେଉଥିବା ବେଳେ ତାଙ୍କୁ କାହିଁକି ଅବହେଳା କରାଗଲା ବୋଲି। ଏହି ଶିଳାନ୍ୟାସ ସମୟରେ ରଘୁନାଥପୁର ବ୍ଲକ୍ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ ଓ ଜିଲ୍ଲାପରିଷଦ ସଭ୍ୟା ଡେଜାଲିନ୍ ମହାପାତ୍ରଙ୍କ ମଧ୍ୟରେ ମତାନ୍ତର ଦେଖିବାକୁ ମିଳୁଥିବା ବେଳେ ବ୍ଲକ୍ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଏଥିରେ ହସ୍ତକ୍ଷେପ କରି ଦଳୀୟ ଶୃଙ୍ଖଳା ମାନି ପଂଚାୟତ ନିର୍ବାଚନକୁ ସାମ୍ନା କରିବାକୁ ଉପସ୍ଥିତ ଥିବା କର୍ମୀମାନଙ୍କୁ ବୁଝାଇଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସାଂସଦଙ୍କ କର୍ମୀ ଓ ତ୍ରିପାଠୀ ସେନାମାନଙ୍କ ଦବ୍‌ଦବା ଦେଖିବାକୁ ମିଳିଥିଲା। ଏହି ଶିଳାନ୍ୟାସ ସଭାଟିରେ ସବୁଠାରୁ ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଥିଲା ଚିକିଣିଆଁ ପାଖଗାଁ ବରଡ଼ାଗେଞ୍ଜ ମୌଜାରୁ ଆସିଥିବା କିଛି ଲୋକଙ୍କ ଦୁଃଖ, ଦୁର୍ଦ୍ଦଶା ଶୁଣିବାପରେ। ଏହି ବରଡାଗେଞ୍ଜ ମୌଜାଟିରେ ପ୍ରାୟତଃ ଅନୁସୂଚିତ ଜାତି ଶ୍ରେଣୀର ୧୮ଜଣ ଅଧିବାସୀମାନେ ବାସକରନ୍ତି। ଏହି ମୌଜାରେ ଦଳିତ ଶ୍ରେଣୀର ଲୋକମାନେ ରେସନ ସାମଗ୍ରି, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ, ଡାକ୍ତରଖାନା, ଖାଦ୍ୟସାମଗ୍ରି, ପନିପରିବା ଓ ମୂଲପାତି ଯିବା ପାଇଁ ଏହି ହଂସୁଆରେ ପାରିହୋଇ ଯିବାକୁ ପଡିଥାଏ। ଏହି ସ୍ଥାନରେ ଏକ ପୋଲ ନିର୍ମାଣ ପାଇଁ ସେତେବେଳର କିଶୋରନଗରର ବିଧାୟକ ତଥା ବର୍ତମାନର ପଂଚାୟତରାଜ ଓ ଆଇନ୍ ବିଭାଗ ମନ୍ତ୍ରୀ ଥିବା ପ୍ରତାପ ଜେନା ୨୦୦୯ ମସିହାରେ ଏକ ଫଳକ ମାରି ଶିଳାନ୍ୟାସ କରିଥିଲେ। ଆଜକୁ ୧୨ ବର୍ଷ ବିତିଯାଇଥିଲେ ବି ଶିଳାନ୍ୟାସ ପୋଲଟିର କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏଥିପାଇଁ ସ୍ଥାନୀୟ ଅଧିବାସୀ ମୁଖ୍ୟମନ୍ତ୍ରୀ, ଜଳସମ୍ପଦ ମନ୍ତ୍ରୀ, ବହୁ ବିଧାୟକ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ବି ଆଜି ପର୍ଯ୍ୟନ୍ତ ପୋଲଟି ନିର୍ମାଣ ହୋଇପାରିନାହିଁ। ଏହି ଦଳିତ ଶ୍ରେଣୀର ବ୍ୟକ୍ତିମାନେ ହାତରୁ ଖର୍ଚ୍ଚ କରି ଏହି ହଂସୁଆ ନଦୀ ଉପରେ ବାଉଁଶ ଝରା ବାନ୍ଧି ଯାତାୟତ କରିଥାନ୍ତି। ବର୍ଷାଦିନରେ ଏହି ହଂସୁଆରେ ପ୍ରବଳ ବର୍ଷା ପାଣି ହେବାରୁ ବାଉଁଶ ଝରା ଦେଇ ଯିବା ସମ୍ଭବ ହୁଏ ନାହିଁ। ଏଘଟଣାକୁ ଦେଖିଲେ ଯୋପରି ମନେ ହେଉଛି ଯେ ଚିକିଣିଆଁ ମୌଜାର ଶିଳାନ୍ୟାସ ଘଟଣା ବି ଏକ ପ୍ରହସନରେ ପରିଣତ ହେବ । ଯଦି ବରଡା ଗେଞ୍ଜ ପୋଲଟି ବର୍ଷାରତୁ ପୂର୍ବରୁ କରାନଯାଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେଠାରେ ସ୍ଥାନୀୟ ବାସିନ୍ଦା ଶଙ୍କର ଭୋଇ, ରାମଚନ୍ଦ୍ର ବେହେରା, ବଳରାମ ରଥ, ଚନ୍ଦ୍ରମଣି ଭୋଇ, ମାଗୁ ରଥ, ରାଜକିଶୋର ଦାସ ଓ ଭାଗ୍ୟଧର ରଥ ପ୍ରମୁଖ ଦାବୀ କରିଛନ୍ତି। ଏହି ପୋଲଟି କରାନଗଲେ ଆଗାମୀ ପଞ୍ଚାୟତ ନିର୍ବାଚନ ବେଳକୁ ପରିସ୍ଥିତି ଭୟଙ୍କର ରୂପ ଧାରଣ କରିବ ବୋଲି ସାଧାରଣରେ ଆଲୋଚନା ହେଉଥିଲା।

# ସ୍ୱଚ୍ଛ ଗ୍ରାମ ସବୁଜ ଗ୍ରାମ ସମ୍ପର୍କିତ ପ୍ରଶିକ୍ଷଣ କର୍ମଶାଳା




**ନବରଙ୍ଗପୁର :** ନବରଙ୍ଗପୁର ବ୍ଲକ ଅନ୍ତର୍ଗତ ଦଶପୁର ଗ୍ରାମରେ ନେହେରୁ ଯୁବକେନ୍ଦ୍ର ଓ ବିଜୟ କ୍ଲବ ଦଶପୁର ମିଳିତ ଆନୁକୂଲ୍ୟରେ ‘ସ୍ୱଚ୍ଛ ଗ୍ରାମ ସବୁଜ ଗ୍ରାମ’ ସମ୍ପର୍କିତ ଏକ ଦିନିକିଆ ଯୁବ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନାଆଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା, ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଅଧକ୍ଷା ନବରଙ୍ଗପୁର ମହାବିଦ୍ୟାଳୟ ଭେଙ୍କେଟେଶ୍ୱରୀ, ବରିଷ୍ଠ ଅଧାପକ ନବରଙ୍ଗପୁର ମହାବିଦ୍ୟାଳୟ ଦିଲୀପ ହୋତା, ଓକିଲ ସିରାଜଉଦ୍ଦିନ ଅହମ୍ମଦ, ବକ୍ତା ଭାବରେ ବି.ରମେଶ ପ୍ରମୁଖ ଯୋଗଦେଇ ଦିନିକିଆ କର୍ମଶାଳାର ଶୁଭ ଉଦ୍ଘାଟନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ନିଆଲ ତାଙ୍କ ବକ୍ତବ୍ୟରେ ସ୍ୱଚ୍ଛ ଗ୍ରାମ ସବୁଜ ଗ୍ରାମ ସମ୍ପର୍କିତ କର୍ମଶାଳାର ଆଭିମୁଖ ଉପରେ ଆଲୋକପାତ କରି ବିଶେଷକରି ଯୁବଗୋଷ୍ଠୀ ଗାଆଁର ସ୍ୱଚ୍ଛତା ଓ ପରିବେଶକୁ ସବୁଜ ସୁନ୍ଦର ଭାବରେ ଗଢ଼ିତୋଳିବା ସହିତ ଗ୍ରାମର ସର୍ବାଙ୍ଗୀନ ବିକାଶ ପଥରେ ଥିବା ଗୁରୁଦାୟିତ୍ୱ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ସାହୁ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖି କରି ଯୁବଗୋଷ୍ଠୀ ପାଇ କ୍ରୀଡାର ଆବଶ୍ୟକତା ଉପରେ ପରାମର୍ଶ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଶ୍ରୀମତୀ ଭେଙ୍କେଟେଶ୍ୱରି ମଣିଷର ପରିବର୍ତ୍ତନ ସହିତ ଜଳବାୟୁର ପରିବର୍ତ୍ତନ ଉପରେ ଉଲ୍ଲେଖ କରି ଯୁବଗୋଷ୍ଠୀ ସଚେତନ ହୋଇ ପରିବେଶର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଅଧାପକ ଶ୍ରୀ ହୋତା ପ୍ରତ୍ୟେକ ଗାଁରେ ବରଗଛ ତଥା ନିଜ ଘର ବାଡ଼ିରେ ମୁନିଗା, ଲେମ୍ବୁ ଗଛ ଲଗାଇ ଗାଁ ପରିବେଶକୁ ସ୍ୱଚ୍ଛ, ସବୁଜ ସୁନ୍ଦର କରି ଗଢ଼ିତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଓକିଲ ଶ୍ରୀ ଅହମ୍ମଦ ଗାଁର ବିକାଶ ଓ ପରିବେଶ ସୁରକ୍ଷା ଉପରେ ଯୁବକମାନଙ୍କ ପ୍ରମୁଖ ଭୂମିକା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବକ୍ତା ଶ୍ରୀ ରମେଶ ଦିନିକିଆ ସ୍ୱଚ୍ଛ ଗ୍ରାମ ସବୁଜ ଗ୍ରାମ କର୍ମଶାଳାର ଆଭିମୁଖ୍ୟ ଉପରେ ଉଲ୍ଲେଖ କରି ନେହେରୁ ଯୁବ କେନ୍ଦ୍ର ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୟ ଯୁବ କ୍ଲବ ଦଶପୁରର କର୍ମକର୍ତ୍ତା ପରିଚାଳନା କରିଥିଲେ।

## ନରସିଂହପୁର ସାମ୍ବାଦିକ ସଂଘର ସାଧାରଣ ନିର୍ବାଚନ

# ଦେବଦତ୍ତ ମଳୟ କୁମାର ସଭାପତି ମନୋନୀତ



**ନରସିଂହପୁର :** ନରସିଂହପୁର ସାମ୍ବାଦିକ ସଂଘର ସାଧାରଣ ନିର୍ବାଚନ ୨୦୨୧ ରବିବାର ଇନ୍ଦ୍ରଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସମସ୍ତ ସଦସ୍ୟ ଉପସ୍ଥିତି ରହି ନିର୍ବାଚନର ସାଂଗଠନିକ କାର୍ଯ୍ୟକମ ପରିଚାଳନା କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ଗଣେଷ ଚନ୍ଦ୍ର ସାହୁ, ସୁଚାରୁ ରୂପେ ନିର୍ବାଚନ ପରିଚାଳନା କରିଥିଲେ। ସଦସ୍ୟ ମାନଙ୍କର ବିଭିନ୍ନ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ଉକ୍ତ ନିର୍ବାଚନରେ ଦେବଦତ୍ତ ମଳୟ କୁମାର ବରାଳ ସଭାପତି, ପ୍ରମୋଦ କୁମାର ରାଉତ କାର୍ଯ୍ୟକାରୀ ସଭାପତି, ଶାନ୍ତନୁ କୁମାର ଗାଆଣ ଉପ ସଭାପତି, ଭୁପେନ କୁମାର ଦାସ ସାଧାରଣ ସମ୍ପାଦକ, ରଘୁନାଥ ସ୍ୱାଇଁ ସହ ସମ୍ପାଦକ, ସୁବାସ ଚନ୍ଦ୍ର ନାୟକ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ସଂଘର ଉପଦେଷ୍ଟା ବିପିନ ବିହାରୀ ପଣ୍ଡା, ଅଜୟ କୁମାର ପଣ୍ଡା, ରମେଶ ଚନ୍ଦ୍ର ପାଢୀ, ଭଗବାନ ମଲ୍ଲୀକ, ମେଘନାଥ ପାତ୍ର, ବିନୋଦ କୁମାର ସାହୁ, ଶିବ ସୁନ୍ଦର ଦାସ, ଲକ୍ଷରାଜ ବେହେରା, ସୁଶାନ୍ତ କୁମାର ବାଇ, ଅମୀର କୁମାର ମାହୁନ୍ତ, ଦୁଷ୍ମନ୍ତ କର ପ୍ରମୁଖ ଉପସ୍ଥିତି ଥିଲେ। ଉପଦେଷ୍ଟା ଦ୍ୱୟ ଶ୍ରୀ ପଣ୍ଡା ନିର୍ବାଚିତ ପଦାଧିକାରୀ ମାନଙ୍କୁ ଗୋପନୀୟତାର ଶପଥ ପାଠ କରାଇଥିଲେ। ନିର୍ବାଚିତ କର୍ମକର୍ତ୍ତା ଅଭିଭାଷଣ ରଖିଥିଲେ।

# ହୋଲିପର୍ବ



ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଜୈମିନୀ ମିମାଂସାରେ ଏକ ଅଧ୍ୟାୟ ହୋଲିକାଧିକରଣ ନାମରେ ରହିଛି। କର୍ମକାଣ୍ଡରେ ଏହା ଗ୍ରହଣ କରାଯାଏ। କାମ୍‌ଶାସ୍ତ୍ର ପ୍ରଣେତା ବାତ୍ସାୟନ ପାରମ୍ପରିକ ଉତ୍ସବ ମହୋତ୍ସବ ମାଳାରେ ହୋଲାକାକୁ ଶ୍ରେଷ୍ଠତ୍ୱ ଆସନ ଦେଇଛନ୍ତି। ଲିଙ୍ଗ ପୁରାଣ ଫାଲଗୁନ ପୂର୍ଣ୍ଣିମାକୁ ଫାଲଗୁନିକା ନାମରେ ବୟାନ କରିଛନ୍ତି। ବରାହ ପୁରାଣ ଏହି ପର୍ବକୁ ପାଟବାସ ବିଳାସିନୀ ନାମରେ ନାମିତ କରିଛନ୍ତି। ଭବିଷୋତ୍ତର ପୁରାଣରେ ଯୁଧିଷ୍ଠିର ମହାରାଜଙ୍କର ଏହି ସମୟର ପର୍ବ କାରଣ ମହିମା ପୃଚ୍ଛାରେ ଭଗବାନ ଶ୍ରୀକୃଷ୍ଣ ଉତ୍ତର ଦେଇଥିଲେ ସେ ବହୁ ବିଗତ କାଳର କଥା ରାଜା ରଘୁଙ୍କ ରାଜ୍ୟକାଳ। ରାଜା ପ୍ରଜାଙ୍କ ଗୁହାରି ସବୁବେଳେ ଶୁଣିଥାନ୍ତି। ଥରେ ପ୍ରଜାମାନେ ତାଙ୍କୁ ଗୁହାରି କରିବା ପାଇଁ ମେଳି ହୋଇ ଆସି ରାଜ ସଭାରେ ତାଙ୍କ ମତ ଉ□ାପନ କଲେ ଯେ, ରାଜ୍ୟରେ କୋଣେ ଅନୁକୋଣରେ ‘ଢୁଣ୍ଡା’ ନାମକ ରାକ୍ଷସୀ ପିଲାଙ୍କୁ ଦିନରାତ୍ରୀ ଡରାଉଛି ଫଳରେ ପିଲାମାନେ ଶୁଖି ଜୀର୍ଣ୍ଣଶିର୍ଣ୍ଣ ଦେଖାଯାଉଛନ୍ତି। ଏହାର ତୁରନ୍ତ ପ୍ରତିକାର ରାଜାଙ୍କ ଦ୍ୱାରା କରାଯିବା ଦରକାର, ରାଜାଙ୍କ ପ୍ରଶ୍ନ ହେଲା ଏହି ଢୁଣ୍ଡା କିଏ? ରାଜ ପୁରୋହିତ ଏ ବିଷୟରେ ଅବଗତ ଥିଲେ ସେ ରାଜାଙ୍କୁ ବୁଝାଇଲେ ଯେ ମହାରାଜ ଏହି ଢୁଣ୍ଡା ମାଳିନର କନ୍ୟା। ଏକ ରାକ୍ଷସୀ। ଶିବ ଆରାଧନାରେ ସେ ବରପ୍ରାପ୍ତ। ସେ ଅସ୍ତ୍ର-ଶସ୍ତ୍ର ଥଣ୍ଡା, ଗରମ ବର୍ଷାରେ ମରି ନପାରେ। ଦେବ ମାନବଙ୍କ ଦ୍ୱାରା ସେ ଇତି ହୋଇନପାରେ। ସେ ବାଲ୍ୟକ୍ରୀଡ଼ାରତ ଶିଶୁ ମାନଙ୍କୁ ସେ ଭୟଭୀତ କରାଇଥାଏ।

ଫାଲଗୁନ ପୂର୍ଣ୍ଣିମା, ଯେଉଁ ଦିନ ସମ୍ପୂର୍ଣ୍ଣ ଶୀତ ଋତୁର ଶେଷ ଗ୍ରୀଷ୍ମ ଋତୁ ଆରମ୍ଭ ସେହି ଦିନ ସବୁ ଲୋକ ଏକତ୍ର ହୋଇ ନଡ଼ା ଘାସ କାଠି, ଡାଙ୍ଗ, କାଠଖଣ୍ଡ ଏକତ୍ର କରି ସ୍ତୁପ ଆକାରରେ ରଖି ପୁରୋହିତ ଦ୍ୱାରା ରାକ୍ଷୋଘ୍ନ ମନ୍ତ୍ରରେ ଅଗ୍ନୀ ସଂଯୋଗ କରାଇବେ ଓ ଲୋକ ଆନନ୍ଦରେ ପିଲାମାନଙ୍କ ସହ ହରିବୋଲ ହୁଳହୁଳି ଶବ୍ଦ ସହିତ, ହାସ୍ୟ ଖୁସି ମନାଇବେ। ତେବେ ସର୍ବ ଦୁଷ୍ଟାପହ ହୋମରେ ଏହି ରାକ୍ଷସୀ ଭୟଭୀତ ହୋଇ ଇତି ହୋଇଯିବ। ଚକ୍ରବର୍ତ୍ତୀ ରଘୁରାଜ ଏପରି ଅନୁଷ୍ଠାନ ଗ୍ରାମେ ଗ୍ରାମେ କରିବାକୁ ଆଦେଶ ଦେବା ସହିତ ରାଜକୋଷରୁ ଏ ପାଇଁ ଅର୍ଥାଦି ବ୍ୟବସ୍ଥା ଓ କାଠିକୁଟା ସଂଗ୍ରହରେ ଥିବା ରାଜକାନୁନରେ କଇଚି ସଂସ୍କାର ଜାହିର କରିଦେଲେ। ସେହି ଫାଲଗୁନ ପୂର୍ଣ୍ଣିମାରୁ ଏଇ ଢୁଣ୍ଡା ଉତ୍ପାତକାରିଣୀ ରାକ୍ଷସର ଅନ୍ତ ଦିନକୁ ହୋଲିକା ଜ୍ୱଳନ ଦିନ ରୂପେ ପାଳନ କରାଗଲା। ଚୈତ୍ର କୃଷ୍ଣ ପ୍ରତିପଦ ହୋଲିକା ଦହନ ପର ଦିନ ହୁଏ ହୋଲିକା ଦହନ ଭସ୍ମକୁ ଲୋକେ ସଂଗ୍ରହ କରି ତାକୁ ମୁଣ୍ଡରେ, ଭକ୍ତିରେ ଲଗାଇ ଘର ବାହାର ପ୍ରାଙ୍ଗଣରେ ବର୍ଗାକାର କ୍ଷେତ୍ରରେ ମଣ୍ଡଳକାଟି ରଖି ସ୍ୱ ସ୍ୱ ପୁରୋହିତ ଦ୍ୱାରା ମନ୍ତ୍ର ଉଚ୍ଚାରଣରେ କାମ ପୂଜା। ଏଥିରେ ରୋଗମୁକ୍ତ ଏକ ବର୍ଷ ପର୍ଯ୍ୟନ୍ତ ରହିବା ଚେଷ୍ଟା ଜଡ଼ିତ। ଢୁଣ୍ଡା ରାକ୍ଷସୀର ଏକ ନାମ ନୁହେଁ ଅଛି ଆଉ କେତେକ ନାମ ଯଥା ଶୀତୋଷ୍ଣା, ଅସୃକ୍ତା, ସନ୍ଧିଜା, ଅରୁକୁଣ୍ଡା, ହୋଲାକ। ଶୀତଋତୁ ବସନ୍ତଋତୁ ସନ୍ଧିକାଳରେ ଛୋଟ ବାଳକ ବାଳିକାଙ୍କର ସ୍ୱାସ୍ଥ୍ୟରେ ଅନେକ ପ୍ରକାର ବିକାର ବାହାରେ ପୁଣି ସମ୍ୱତ୍ସର ଆରମ୍ଭ ଧନିଷ୍ଠା ନକ୍ଷତ୍ର ରବି ପାର ସମୟରେ ସବୁ ବର୍ଷ ହୁଏ ଏପାଇଁ ଯେଉଁ ସନ୍ଧି ସଂଘାତ ସମୟ ସେ ସମୟରେ ତିନି ଋତୁର ଶେଷ କାଳ ଅନ୍ୟ ତିନି ଋତୁର ଆରମ୍ଭ କାଳ ଶିଶୁମାନେ ଋତୁଚକ୍ରରେ ପାପ ହୋଇନିଅନ୍ତି ଫଳରେ ରୋଗରେ ପଡ଼ନ୍ତି। ଏ ସମୟରେ ମାନସିକ ଶକ୍ତି ସବଳ ପାଇଁ ଓ କେତେକ ଔଷଧିଗୁଣ ସମ୍ପନ୍ନ ପ୍ରସାଦ ନୈବେଦ୍ୟ କରି ଭୋଜନ ଅଂଶରେ ରଖାଇବା ପାଇଁ ଚିକିତ୍ସକମାନେ ବ୍ୟବସ୍ଥା କରାଇଛନ୍ତି। ଆମ ଓଡ଼ିଶାରେ ଏ ପର୍ବ ଅବିର, ରଙ୍ଗ ଖେଳରେ ଜଡ଼ିତ ହୋଲିକା ଦହନ ପ୍ରକ୍ରିୟା ରାଧାକୃଷ୍ଣ ଦୋଳ ବିମାନ ଗ୍ରାମ୍ୟ, ସାହି ପରିକ୍ରମା କରି ମନ୍ଦିରକୁ ଫେରିବା ବାଟାରେ ହୋଲିକା ଦହନ କାର୍ଯ୍ୟ କରାଯାଏ। ତାକୁ ମେଣ୍ଢା କୁଡ଼ିଆ କୁହାଯାଏ। ପ୍ରକୃତରେ ଏହି ଢୁଣ୍ଡାକୁ ଆମ ରାଜ୍ୟରେ ମେଣ୍ଢା କୁହାଯାଇଥାଇପାରେ। ଦୋଳ ମେଳଣରେ ଏ ସଂଯୁକ୍ତ ଏକ ପଂକ୍ତି ପ୍ରସାଦ ଲାଗିବା ବ୍ୟବସ୍ଥା ରହିଛି। ଦୋଳ ପୂର୍ଣ୍ଣିମା ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମଦିନକୁ ତାଙ୍କର ରାଧାକୃଷ୍ଣ ଉପାସନାକୁ ରାଜା ପ୍ରତାପରୁଦ୍ରଙ୍କ କାଳରୁ ରାଜାନୁଗତିଧର୍ମ ଯୋଗୁ ଓ ରାଜାଙ୍କର ପ୍ରିୟଗୁରୁ ଖୋଦ ଚୈତନ୍ୟଦେବ ହୋଇଥିବାରୁ ସମଗ୍ର ରାଜ୍ୟରେ ଏହି ପର୍ବ ଅତି ଆନନ୍ଦ ଭାଇଚାରାରେ ପାଳନ ହୋଇଆସୁଛି। ଖଇ, ଉଖୁଡ଼ା, ଖଜା, ଶାକର, ଭଜାଚଣା, ନଡ଼ିଆପାତି, ପାଚିଲା କଦଳୀ, ପଣା, ପଇଡ଼ ଏସବୁ ପ୍ରସାଦର ଉତ୍ସକୁ କଞ୍ଚା ମାଟିର ସରାରେ ଏସବୁ ପଦାର୍ଥ ଦେବ ଉଦ୍ଦେଶ୍ୟରେ ଭୋଗ ଲାଗିବେ। ଘଣ୍ଟ ଘଣ୍ଟା କାହାଳୀ ଢ଼ୋଲ ମହୁରୀ ବାଦ୍ୟ ଗହଣରେ ଏକ ରାଜ ଉପଚାରରେ ଦେବ ଉପଚାରରେ ରାଧାକୃଷ୍ଣଙ୍କ ଗସ୍ତ ଗ୍ରାମ୍ୟ ଦେବ ମନ୍ଦିରରୁ ଏସବୁ ସହିତ କୀର୍ତ୍ତନ ଦଳ ସହ ବାହାରି ଗ୍ରାମ୍ୟର ଗୃହକୁ ଗୃହ ଗସ୍ତ ନିର୍ଦ୍ଦେଶ ରହିଛି। ଅତି ସାତ୍ତ୍ୱିକ ଆନନ୍ଦରେ ପ୍ରତ୍ୟେକ ଘରୁ ପାଖଘରକୁ ଠାକୁରଙ୍କର ଅନୁଗାମୀ କରିବା ଏକ ପରମ୍ପରା ରହିଛି। ଏଥିରେ ପ୍ରତିବେଶୀ ସହିତ ଶାନ୍ତି ସ୍ଥାପନ ହେବା ସହିତ ସବୁ ପାଖ ଗ୍ରାମରୁ ଦୋଳାରେ ଆସୁଥିବା ରାଧାକୃଷ୍ଣ ମେଳଣ ପଡ଼ିଆ ଏକ ବିଶେଷ ପର୍ବ ଅନୁଭବ ସ୍ଥାନ। ଏଠାରେ ଗ୍ରାମ୍ୟ ସହ ଗ୍ରାମ୍ୟ ବିବାଦ ଇତି ହୁଏ। ରଙ୍ଗ ହୋଲି ଅବିରରେ ହାସ୍ୟ କୌତୁକ ରାଗ କ୍ରୋଧର ଇତି କରିଦିଏ। ହୃଦୟରୁ ଶତୃତା ଭୁଲି ଯିବାକୁ ପଡ଼େ। ଠାକୁର ଆସୁଛନ୍ତି ଏକଥା ସତ୍ୟ ବୋଧ ଲୋକ, ସେ ଦିନ ମନେ କରନ୍ତି। ତା ସହିତ ସେ ରାଜ ଉପଚାର ଦେବ ଉପଚାରକୁ ଦେଖିଲେ ଏହା ଯେ ସତ୍ତ୍ୱିକ ପରିବେଶର ରାଜକୀୟ ଆଡ଼ମ୍ବର ବୁଝାଯାଏ। ଚାମର, ପଙ୍ଖା, ଠାକୁରଙ୍କ ସହିତ ରହିଥାଏ। ବିମାନ କାନ୍ଧିଆ, ମସାଲ ବା ବହୁତିଧାରୀ, କାହାଳୀ ବାଦକ, ଘଣ୍ଟୁଆ, ଢ଼ୋଲିଆ, ମହୁରିଆ ବିମାନ ଆଗେ ଆଗେ ରାସ୍ତାଘାଟ ସଫାକରି ପତାକାଧାରୀ କୀର୍ତ୍ତନିଆଁ, ଦେବ ପୂଜକ ବିପ୍ରଗଣ ଏମାନେ ଯେ ରାଜକର୍ମଚାରୀ ଥିଲେ ଏମାନେ ଠାକୁରଙ୍କ ସେବା ପାଇଁ କର୍ମଚାରୀ ଏକଥା ତଳେଇ ଚାହିଁଲେ ବୁଝାପଡୁଛି। ତେବେ ଗୁଲାପି ଲାଲ ରଙ୍ଗ ହୋଲିରେ ବ୍ୟବହାର ମୁଖ୍ୟତଃ କରାଯାଏ। ଗୁଲାଲ କହିଲେ ଗୁଲାପି ରଙ୍ଗକୁ ବୁଝାଏ। ଏହି ସବୁ ରଙ୍ଗ ପ୍ରସ୍ତୁତି ଏବେ ରାସାୟନିକ ରଙ୍ଗରେ ଏବେ ଶସ୍ତାରେ ହେଉଛି। ପ୍ରକୃତରେ ଏହା ଶରୀରର ଚର୍ମରେ ବାଜିଲେ କ୍ଷତିକର ମୁଣ୍ଡରେ ଚୁଟିରେ ଜମିଲେ କ୍ଷତିକର, ଚକ୍ଷୁରେ ବାଜିଲେ ବି ଚକ୍ଷୁ ନଷ୍ଟ ଆଶଙ୍କା ଅଛି। ଏହା ପୂର୍ବେ ଶସ୍ୟର ମିନ୍ ଗୁଣ୍ଡ ବା ଚୂର୍ଣ୍ଣରେ ଯଥା ଅଟା, ଚାଉଳ ଚୁନାରେ ଅବିର ପ୍ରସ୍ତୁତ କରାଯାଉଥିଲା। ଏବେ ସୁରକୀ ଇଟାଗୁଣ୍ଡରେ ଏମିତିକି ନଦୀ ବାଲିରେ ଏହା କେମିକାଲ ରଙ୍ଗରେ ତିଆରି ହେଉଛି। ବଣିକ ମାନେ ଧନ ଇଚ୍ଛାରେ ରହୁଛନ୍ତି। ସମାଜରେ ଲୋକଙ୍କର ଧନ ଜୀବନ ପ୍ରତି ତାଙ୍କର ନିଘା ନାହିଁ। ଏଥିପାଇଁ ପ୍ରତ୍ୟେକ ସଚେତନ ହୁଅନ୍ତୁ। ଶସ୍ତା ଦ୍ରବ୍ୟ ନକିଣି ଶୁଦ୍ଧ ମହଙ୍ଗା ଦ୍ରବ୍ୟ କିଣନ୍ତୁ ଓ ଏଇ ହୋଲିରଙ୍ଗ ଏପରି ପରୀକ୍ଷା କରି କିଣି ବ୍ୟବହାର କରନ୍ତୁ।



ସମ୍ପାଦକ ‘ନିୟତି’
ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୦୩୧୨୫୩

# ‘ବିରୋଧୀଙ୍କୁ ନାଲି ଆଖି ଦେଖାଇବା ବନ୍ଦ କରନ୍ତୁ ରାଜ୍ୟ ସରକାର’




**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ରାଜ୍ୟବ୍ୟାପୀ ଚାଲିଥିବାବେଳେ ପ୍ରଥମେ ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଏହାକୁ ବିରୋଧ କରାଯାଇଥିଲା । ଶାସକ ଦଳ କର୍ମୀମାନେ ଏଥିରେ କ୍ରୋଧାନ୍ୱିତ ହୋଇ ସାଧାରଣ ଲୋକଙ୍କୁ ଭୟ ଦେଖାଇବା ପାଇଁ ଜାନୁଆରୀ ୨ ତାରିଖରେ ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେପି ନେତା କୁଳମଣି ବରାଳ ଏବଂ ତାଙ୍କ ସହଯୋଗୀ ଦିବ୍ୟ ସିଂ ବରାଳଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ । ଏହି ହତ୍ୟାକାଣ୍ଡ ଷଡଯନ୍ତ୍ରରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ହାତ ଥିବା ସତ୍ତ୍ୱେ ପୋଲିସ ତାଙ୍କୁ ଗିରଫ କରିବା ତ ଦୂରର କଥା ତାଙ୍କୁ ଏଯାବତ୍ ତଦନ୍ତ ପରିସରଭୁକ୍ତ କରୁନାହିଁ । ମାହାଙ୍ଗା ଡବଲ ମର୍ଡରରେ ସଂପୃକ୍ତ ୧୩ ନମ୍ବର ମୁଦାଲା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଗିରଫ ଦାବିରେ ବିଜେପି ପକ୍ଷରୁ ବିଧାନସଭା ଘେରାଓ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କୁଳମଣି ବରାଳ ଏବଂ ବିଜେପି ନେତା ଶାରଦା ପ୍ରଧାନ ସ୍ୱର ଉଠାଇଥିଲେ । ଏହି ଘଟଣାରେ ଶାସକ ଦଳ ନେତାଙ୍କ ପୋତ୍ସାହନରେ ବିଜେଡି କର୍ମୀମାନେ ରାଜନୈତିକ ପ୍ରତିହିଂସା ପରାୟଣ ହୋଇ ଜାନୁଆରୀ ୨ ତାରିଖ ଦିନ ବରିଷ୍ଠ ବିଜେପି ନେତା କୁଳମଣି ବରାଳ ଏବଂ ତାଙ୍କ ସହଯୋଗୀ ଦିବ୍ୟ ସିଂହ ବରାଳଙ୍କୁ ନିର୍ମମ ଭାବେ ହତ୍ୟା କଲେ । ହତ୍ୟାପରେ ବିଜେପି ପକ୍ଷରୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଂଚାୟତରେ ପ୍ରତିବାଦ କରି ସଦଭାବନା ସଭା ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ବିଜେପି ନେତା ବିକାଶ ଜେନାକୁ ମଧ ହତ୍ୟା କରାଯାଇଥିଲା । ଅପରପକ୍ଷେ ଏହି ସବୁ ହତ୍ୟାକାଣ୍ଡର ମୁଖ୍ୟ ଆସାମୀ ପ୍ରଫୁଲ ବିଶ୍ୱାଳଙ୍କୁ ହତ୍ୟା କରି ଦୁର୍ଘଟଣାର ରୂପ ଦେବା ପଛରେ ଶାସକ ଦଳ ମନ୍ତ୍ରୀ ପ୍ରତାପ ଜେନାଙ୍କ ହାତ ରହିଛି ବୋଲି ମୃତକ ପରିବାର ଲୋକ ଅଭିଯୋଗ କରିବା ପରେ ବି ପୋଲିସ ଚୁପ୍ ବସିଛି । ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାଁ ଏତଲାରେ ଥିବା ସତ୍ତ୍ୱେ ଶାସକ ଦଳ ଚାପରେ ପୋଲିସ ତାଙ୍କୁ ତଦନ୍ତ ପରିସରଭୁକ୍ତ କରୁନାହିଁ । ଏହା ବିରୁଦ୍ଧରେ ଜାନୁଆରୀ ୮ ତାରିଖରେ ରାଜ୍ୟ ସଭାପତିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧୀ ଦଳ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ । ୧୦ ଦିନ ଭିତରେ ଘଟଣାର ତଦନ୍ତ କରି ମନ୍ତ୍ରୀ ପ୍ରତାପ ଜେନାଙ୍କୁ ତଦନ୍ତ ପରିସରଭୁକ୍ତ କରିବେ ବୋଲି ପୋଲିସ ଡିଜି ବିଜେପି ପ୍ରତିନିଧୀ ଦଳକୁ ପ୍ରତିଶୃତି ଦେଇଥିଲେ । କିନ୍ତୁ ରାଜ୍ୟ ପୋଲିସ ପ୍ରଶାସନ ଅଭିଯୁକ୍ତ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସୁରକ୍ଷା ଦେଇଚାଲିଲେ । ଅପରପକ୍ଷରେ ଶାସକ ଦଳ ଇଙ୍ଗିତରେ ପୋଲିସ ପ୍ରଶାସନ ମାହାଙ୍ଗା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେପି ନେତା ଶାରଦା ପ୍ରଧାନଙ୍କୁ ମିଥ୍ୟା ମକୋଦ୍ଦମାରେ ଫସାଇବା ପାଇଁ ଚକ୍ରାନ୍ତ କରିଛି । ଏଥିରୁ ପୋଲିସ ପ୍ରଶାସନ ରାଜ୍ୟ ସରକାରଙ୍କ ଗୋଡାଣିଆ ଓ ହାତବାରେସୀ ସାଜିଛି ବୋଲି ପ୍ରମାଣିତ ହୋଇଛି । ଏହାର ପ୍ରତିବାଦରେ ଗତ ୧୭ ତାରିଖ ଠାରୁ କଟକ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କ ନେତୃତ୍ୱରେ ଏକ ପଦଯାତ୍ରା ମାହାଙ୍ଗାରୁ ବାହାରି ଆଜି ବିଧାନସଭା ଘେରାଓ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା । ଆଜି ରାମମନ୍ଦିର ଛକରୁ ବିଶାଳ ଶୋଭାଯାତ୍ରା ବାହାରି ଲୋୟର ପିଏମଜି ଠାରେ ପହଂଚି ପ୍ରତିବାଦ କରିଥିଲା । ରାଜ୍ୟରେ ସାଧାରଣ ଲୋକ ନ୍ୟାୟ ପାଉନାହାଁନ୍ତି । ଏହା ପାଇଁ ବିଧାନସଭା ଆଗରେ ଆତ୍ମହୁତି ଦେବା ପାଇଁ ସେମାନେ ଏକ ଉପଯୁକ୍ତ ସ୍ଥାନ ଭାବେ ଗ୍ରହଣ କରିଛନ୍ତି । ସାଧାରଣ ଜନତା ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ଆସ୍ଥା ହରାଇଛନ୍ତି ବୋଲି ପ୍ରମାଣିତ ହୋଇଛି । ନାଲି ଆଖି ଦେଖାଇ ବିରୋଧୀଙ୍କୁ ଡରାଇବା ବନ୍ଦ କରନ୍ତୁ ରାଜ୍ୟ ସରକାର ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ମାହାଙ୍ଗା ଡବଲ ମର୍ଡର ଘଟଣା ଓ ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି ପ୍ରସଙ୍ଗରେ ବିଧାନସଭାରେ ଅନେକ ଥର ଆଲୋଚନା ହୋଇଛି । ପବିତ୍ର ବିଧାନସଭା ଗୃହକୁ ହତ୍ୟା ଅଭିଯୁକ୍ତ ମନ୍ତ୍ରୀ ପ୍ରତାପ ଜେନା ଅପବିତ୍ର କରିଛନ୍ତି । ଆଗାମୀ ଦିନରେ ଅପବିତ୍ର କରିଥିବା ମନ୍ତ୍ରୀ ପ୍ରତାପ ଜେନାଙ୍କ ବିରୁଦ୍ଧରେ ଏହି ଲଢେଇ ବିଧାନସଭା ଭିତରେ ଏବଂ ବାହାରେ ଜାରି ରହିବ ବୋଲି ବିରୋଧୀ ଦଳ ଉପନେତା ଶ୍ରୀ ବିଷ୍ଣୁ ସେଠୀ କହିଛନ୍ତି । ବଂଟନରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ଓ ମାହାଙ୍ଗା ଡବଲ ମର୍ଡରରେ ସଂପୃକ୍ତ ଥିବା ମନ୍ତ୍ରୀ ପ୍ରତାପ ଜେନା ଗିରଫ ନହେବା ପର୍ଯ୍ୟନ୍ତ ବିଜେପି ରାଜରାସ୍ତାରେ ଲଢେଇ କରିବ ।

# ବିପଦଶଙ୍କୁଳ ଅବସ୍ଥାରେ ଗଛ ଓ ଡାଳ



**ନବରଙ୍ଗପୁର :** ନବରଙ୍ଗପୁରର ପୃଥକ ପୃଥକ ସ୍ଥାନରେ ପୁରୁଣା ଗଛ ଓ ଡାଳ ବିପଜ୍ଜନକ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଏହି ଗଛ ଗୁଡିକ ଯୋଗୁଁ ଧନ ଜୀବନର ହାନୀ ଘଟିବାର ଆଶଙ୍କା ରହିଛି। ନବରଙ୍ଗପୁର କଲେଜ ପରିସରରେ ସ୍ଥିତ ତଥା ଜିଲ୍ଲା କୋର୍ଟ ସମ୍ମୁଖରେ ଥିବା ଏକ ଶୁଖିଲା ଗଛ କଲେଜ ରୋଡ୍ ରାସ୍ତା କଡରେ ରହିଛି। ଯାହା ଯେ କୌଣସି ସମୟରେ ରାସ୍ତା ଉପରେ ଢଳି ପଡିବାର ଆଶଙ୍କା ରହିଛି। ଗଛର ମୂଳ ଭାଗରେ ନିଆଁ ଲାଗି ନଷ୍ଟ ହୋଇଥିବାବେଳେ ଏହା ସଂପୂର୍ଣ୍ଣ ଶୁଖି ଯାଇଛି। ଏହି ରାସ୍ତା ନବରଙ୍ଗପୁର ସହର ଓ ନନ୍ଦାହାଣ୍ଡି ବ୍ଲକକୁ ସଂଯୋଗ କରୁଥିବା ମୂଖ୍ୟ ରାସ୍ତା। ଏହାଛଡା ଏହି ରାସ୍ତା ଉପରେ ଜିଲ୍ଲା ଅଦାଲତ,ନବରଙ୍ଗପୁର କଲେଜ ଆର୍ଟସ୍ ବ୍ଲକ,ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ, ନୀଳାମ୍ବର ଗ୍ୟାସ ଗୋଦାମ ଭଳି ପ୍ରମୂଖ ସଂସ୍ଥା ରହିଥିବା ବେଳେ ଦୈନନ୍ଦିନ ବହୁ ସଂଖ୍ୟାରେ ଲୋକ ଯାତାୟତ କରିଥାନ୍ତି। ଗ୍ରୀଷ୍ମ ଋତୁରେ ଛାଇ ପାଇଁ ଏହି ରାସ୍ତା କଡରେ ଓକିଲଙ୍କ ଠାରୁ ମହକିଲଙ୍କ ପର୍ଯ୍ୟନ୍ତ ଭିଡ ଜମିଥାଏ। ଏଭଳି ସ୍ଥିତିରେ ଏହି ଗଛ ଢଳି ପଡିଲେ ରାସ୍ତା ଅବରୋଧ ହେବା ସହ ଧନ ଜୀବନ ହାନୀ ହେବା ଆଶଙ୍କା ରହିଛି। ସେହିଭଳି ସହରର ଘୋରାମୁଣ୍ଡା ବନ୍ଧ ପାର୍ଶ୍ୱରେ ଥିବା ଏକ ପୁରୁଣା ବରଗଛର ଡାଳ ଘୋରାମୁଣ୍ଡା ରାସ୍ତା ଉପରେ ବିପଦଜ୍ଜନକ ଅବସ୍ଥାରେ ରହିଛି। ସଂପୃକ୍ତ ଡାଳ ଦିନକୁ ଦିନ ତଳ ମୁହାଁ ହେବାସହ ବର୍ତ୍ତମାନ ଲୋକଙ୍କ ହାତ ପାଆନ୍ତା ହେଲାଣି। ଏହି ରାସ୍ତା ମଧ୍ୟ ସର୍ବଦା ଜନଗହଳୀ ରହୁଥିବାବେଳେ ଏହି ଗଛର ଡାଳର ଶେଷ ଭାଗରେ ମୃତକଙ୍କ ଦଶା କୁଡିଆ ସ୍ଥାପନ କରାଯାଇଥାଏ। ଏହା ବ୍ୟତୀତ ଏହି ଗଛର ଅନତୀ ଦୂରରେ ବୈଭବ କଲ୍ୟାଣ ମଣ୍ଡପ ରହିଛି ଯାହା ଅନେକ ସମୟରେ ବାହାଘର, ବ୍ରତ, ଜନ୍ମ ଦିବସ, ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ ଲାଗି ରହିଥାଏ। ଏପରି ବ୍ୟସ୍ତ ବହୁଳ ରାସ୍ତାରେ ବିପଦଜ୍ଜନକ ଅବସ୍ଥାରେ ଭାରୀକାୟ ଡାଳ ରହିଥିବାରୁ ସାଧାରଣ ଲୋକେ ଅସୁରିକ୍ଷିତ ମଣୁଛନ୍ତି। ତୁରନ୍ତ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଜନ ସାଧାରଣ ଦାବି ଜଣାଇଛନ୍ତି।






# ଗୋପାଳପୁରରେ ହେବ ବୃହତ୍ ତୈଳ ଡିପୋ : ଧର୍ମେନ୍ଦ୍ର



**ଭୁବନେଶ୍ୱର/ଛତ୍ରପୁର :** କେନ୍ଦ୍ର ସରକାରଙ୍କ ସ୍ୱଦେଶ ଦର୍ଶନ ଯୋଜନାରେ ଗଞ୍ଜାମ ଜିଲ୍ଲାର ଟାମ୍ପରା ହ୍ରଦକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଆଣାଯିବା ଲକ୍ଷ୍ୟରେ ଏହାକୁ ଏକ ଆକର୍ଷଣୀୟ କେନ୍ଦ୍ର ଭାବେ ବିକଶିତ କରାଯାଇଛି ବୋଲି ଶୁକ୍ରବାର 'ଟାମ୍ପରା ଲେକ୍ ଭ୍ୟୁ ପାର୍କ'ର ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ୱଦେଶ ଦର୍ଶନ ଯୋଜନାରେ ଏହି ଆର୍ଥିକ ସହାୟତା ଯୋଗାଇ ଦେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହାସହ ଟାମ୍ପରା ହ୍ରଦର ପରିଚାଳନା ଦାୟିତ୍ୱ ନେଉଥିବାରୁ ଓଟିଡ଼ିସି ଏବଂ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି ପର୍ଯ୍ୟଟନ ସହ ଗଞ୍ଜାମ ଏବଂ ଓଡ଼ିଶାର ଆର୍ଥିକ ପ୍ରଗତିର ବଡ଼ ସମ୍ଭାବନା ଯୋଡ଼ି ହୋଇରହିଛି। ଏହି ମର୍ମରେ ଭାରତ ସରକାର ଏବଂ ରାଜ୍ୟ ସରକାର ତଥା ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଓ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ବିକଶିତ କରାଯାଇଥିବା ଗଞ୍ଜାମ ଜିଲ୍ଲା 'ଟାମ୍ପରା ଲେକ୍ ଭ୍ୟୁ ପାର୍କ'ର ଉଦଘାଟନ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ସ୍ୱଦେଶ ଦର୍ଶନ ଯୋଜନାରେ ଗୋପାଳପୁର, ବରକୁଲ, ସାତପଡା ଏବଂ ଟାମ୍ପରା ହ୍ରଦର ବିକାଶ ପାଇଁ ୭୩.୪୮ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କେବଳ ଟାମ୍ପରାର ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସରକାରଙ୍କ ସ୍ୱଦେଶ ଯୋଜନାରେ ପ୍ରାୟ ୨୬ କୋଟି ୫୮ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ରାଜ୍ୟ ସରକାର ମଧ୍ୟ ଏଥିପାଇଁ ୨.୬୭ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ଟାମ୍ପରା ମଧୁର ଜଳ ହ୍ରଦ ସାରା ଦେଶ ଓ ସମ୍ପୂର୍ଣ୍ଣ ବିଶ୍ୱର ପ୍ରକୃତି ପ୍ରେମୀ ପର୍ଯ୍ୟଟକ ମାନଙ୍କର ଆକର୍ଷଣ କେନ୍ଦ୍ର ଭାବରେ ଗଢ଼ିତୋଳା ଯାଇପାରିବ। ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟର ଅମାପ ଗନ୍ତାଘର ଗଞ୍ଜାମ ଜିଲ୍ଲାରେ ଥିବା ବଡ଼ି, ପାମ୍ପଡ, ଆଚାର ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ପ୍ରଚାରପ୍ରସାର କରିବାର ଆବଶ୍ୟକତା ରହିଛି। ଗଞ୍ଜାମ ଜିଲ୍ଲାର ପରିଚୟ ବର୍ତ୍ତମାନ ସମୟରେ କେବଳ ରାଜ୍ୟ ନୁହେଁ ବରଂ ଦେଶ ଓ ବିଶ୍ୱ ସ୍ତରରେ ପ୍ରତିଷ୍ଠିତ ହୋଇପାରିଛି ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ ମିଶନ'ରେ ଓଡିଶା ତଥା ଗଞ୍ଜାମ ଜିଲ୍ଲାର ବିକାଶ କାମକୁ ତ୍ୱରାନ୍ୱିତ କରିବା ପାଇଁ ଗୋପାଳପୁର ବନ୍ଦର ନିକଟରେ ଏକ ଏଲଏନଜି ଟର୍ମିନାଲ ନିର୍ମାଣ କରିବା ପାଇଁ ଭାରତ ସରକାର ଯୋଜନା କରିଛନ୍ତି । ଆଗାମୀ ଦିନରେ ଗୋପାଳପୁର ବନ୍ଦର ନିକଟରେ ଏଲଏନଜି ଟର୍ମିନାଲ ନିର୍ମାଣ ହେବା ଦ୍ୱାରା ଗ୍ୟାସ ଆଧାରିତ ଅର୍ଥନୀତି ବଢିବା ସହ ସ୍ଥାନୀୟ ଲୋକମାନେ ସ୍ୱଚ୍ଛ ଓ ଶସ୍ତା ଇନ୍ଧନ ପାଇପାରିବେ। ସେହିପରି ଦକ୍ଷିଣ ଓଡ଼ିଶାର ଆବଶ୍ୟକତାକୁ ଧ୍ୟାନରେ ରଖି ଆଗାମୀ ୨୫ ରୁ ୩୦ ବର୍ଷ ପାଇଁ ଅଶୋଧିତ ତୈଳର ସଂରକ୍ଷଣ ପାଇଁ ଗଞ୍ଜାମ ଜିଲ୍ଲାରେ ତୈଳ ଡିପୋ ତିଆରି କରିବାର ଯୋଜନା କରାଯାଉଛି। ଓଡ଼ିଶାର ଉପକୂଳ ଅଂଚଳରେ ଗ୍ୟାସ ପାଇପଲାଇନ ବିଛାଯିବାର କାମ ମଧ୍ୟ କ୍ରିୟାନ୍ୱୟନ ହେଉଛି ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

# ରାଜସ୍ୱ ଓ ଅବକାରୀ ବିଭାଗର ଖର୍ଚ୍ଚଦାବି ଗୃହୀତ

## ବେଆଇନ ମଦ କାରବାର ରୋକିବାକୁ କଡ଼ାକଡ଼ି ହେବ ଏନ୍‌ଫୋର୍ସମେଣ୍ଟ

**ଭୁବନେଶ୍ୱର :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଅବକାରୀ ବିଭାଗର ଖର୍ଚ୍ଚଦାବି ଆଲୋଚନା ବେଳେ ସରକାରଙ୍କ ଉପରେ ଏପରି ଗର୍ଜିଛନ୍ତି ବିରୋଧୀ। ଉତ୍ତରରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି, ରାଜ୍ୟର ସୀମା ସୁରକ୍ଷାକୁ ନେଇ ସରକାର ସତର୍କ ଅଛନ୍ତି। କୋଟିଆ ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ରହିଛି। ମୁଖ୍ୟମନ୍ତ୍ରୀ ମଧ କୋଟିଆର ବିକାଶ ନେଇ ଯୋଜନା କାର୍ଯ୍ୟକାରି କରିଛନ୍ତି। ଲଘୁ ଖଣିଜ ପଦାର୍ଥରୁ ସରକାର ୬୩୮ କୋଟି ୧୫ ଲକ୍ଷ ଟଙ୍କା ରାଜସ୍ୱ ପାଇଛନ୍ତି। ଅନ୍ୟପଟେ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ, ରାଜସ୍ୱ ବୃଦ୍ଧି ପାଇଁ ସରକାର ମଦ ଦୋକାନ ଖୋଲୁନାହାନ୍ତି। ମଦ କାରବାରକୁ ସ୍ୱଚ୍ଛ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି ବୋଲି ସେ କହିଥିଲେ। ଖର୍ଚ୍ଚଦାବି ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ମୁଖ୍ୟସଚେତକ ମୋହନ ଚରଣ ମାଝୀ କହିଥିଲେ, ସୀମା ବିବାଦ ନେଇ ସରକାର ସବୁବେଳେ ଦୃଷ୍ଟି ଦେଉଥିବା କଥା କୁହନ୍ତି କିନ୍ତୁ କିଛି ବି ପଦକ୍ଷେପ ନିଅନ୍ତି ନାହିଁ। ଗୁଇନ୍ଦା ବିଭାଗର ବିଫଳତା ଯୋଗୁ ଆନ୍ଧ୍ର ସରକାର କୋଟିଆ ପଞ୍ଚାୟତ ନିର୍ବାଚନ କରିବାରେ ସଫଳ ହେଲା। କେତେବେଳେ କୋଟିଆର ସମସ୍ତ ଗ୍ରାମପୁଞ୍ଜି ବି ଆନ୍ଧ୍ର ନେଇଯାଇଥିବ। ବାଲି, ମୋରମ୍ ଓ ପଥର ପରି ଲଘୁ ଖଣିଜ ପଦାର୍ଥ ରାଜ୍ୟରୁ ବେଧଡ଼କ ଭାବେ ଚୋରାଚାଲାଣ ହେଉଛି। ଯେତିକି ଚୋରା ଚାଲାଣ ହେଉଛି ତାକୁ ରୋକାଯାଇପାରିଲେ ରାଜ୍ୟ ୧୦ ହଜାର କୋଟି ରାଜସ୍ୱ ପାଆନ୍ତା। ସେହିପରି ଘରେ ଘରେ ମଦର ପ୍ରସାର କରି ସରକାର ପରିବାର ଛାରଖାର କରୁଥିବା ନେଇ ଶ୍ରୀ ମାଝୀ କହିଥିଲେ। ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ ଅବ୍ୟବହୃତ ସରକାରୀ ଜମି ଫେରସ୍ତ ଓ ବେଆଇନ ମଦ କାରବାର ବନ୍ଦ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଇଡକୋ ସିଏମ୍‌ଡିଙ୍କ ବିରୋଧରେ ଅଭିଯୋଗ କରିବା ସହ ଜଟଣୀ ଅଧିବାସୀଙ୍କ ସ୍ଥିତିବାନ ଜମି ମହାପ୍ରଭୁ ଜଗନ୍ନାଥଙ୍କ ନାମରୁ ଫେରସ୍ତ ନେଇ ଗୃହରେ ଦାବି ଉପସ୍ଥାପନ କରିଥିଲେ। ଖର୍ଚ୍ଚଦାବି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବିଧାୟକ ମନୋହର ରନ୍ଧାରୀ, ବିଧାୟିକା ଲତିକା ପ୍ରଧାନ, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ ଭାଗ ନେଇଥିଲେ। ରାଜସ୍ୱ ମନ୍ତ୍ରୀ ଗୃହରେ ଉତ୍ତର ରଖିବା ପରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୧୨୭୮ କୋଟି ୫୧ ଲକ୍ଷ ୩୧ ହଜାର ଟଙ୍କାର ବିଭାଗୀୟ ଖର୍ଚ୍ଚଦାବି ଗୃହର ଅନୁମୋଦନ ଲାଭ କରିଥିଲା। ସେହିପରି ଅବକାରୀ ମନ୍ତ୍ରୀଙ୍କ ଉତ୍ତର ପରେ ୧୨୮ କୋଟି ୬୦ ଲକ୍ଷ ୭୮ ହଜାର ଟଙ୍କାର ବିଭାଗୀୟ ଖର୍ଚ୍ଚ ଦାବି ଗୃହୀତ ହୋଇଥିଲା।

## ପିପିଲି ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

# ପ୍ରତ୍ୟେକ ପ୍ରାର୍ଥୀ ସର୍ବାଧିକ ବ୍ୟୟ କରିବେ ୩୦.୮ ଲକ୍ଷ



**ଭୁବନେଶ୍ୱର :** ପିପିଲି ଉପନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ଏହି ଅବସରରେ ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଘୋଷିତ ତାରିକ ଓ ଅନ୍ୟ ଜରୁରୀ ବିଷୟ ସମ୍ପର୍କରେ ସେ ଦଳମାନଙ୍କୁ ଅବଗତ କରାଇଥିଲେ। ନିର୍ବାଚନ ଆୟୋଗଙ୍କ ତାରିଖ ଘୋଷଣା ହେବା ପରଠାରୁ ସମଗ୍ର ଜିଲ୍ଲାରେ ଓ ନିର୍ବାଚନ ମଣ୍ଡଳୀରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ରାଜ୍ୟ ସରକାରଙ୍କ ପାଇଁ ମଧ ଏହି ଆଚରଣ ବିଧି ଲାଗୁ କରାଯାଇଛି। ଆଚରଣବିଧି ଲାଗୁ ହୋଇଥିବା ଅଞ୍ଚଳରେ ପୂର୍ବରୁ ଜାରି ରହିଥିବା କାମ ଜାରି ରହିବ ବୋଲି ଶ୍ରୀ ଲୋହାନୀ ସୂଚନା ଦେଇଛନ୍ତି। ଉପନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାୟ ଏବଂ ରାଜନୈତିକ ଦଳମାନେ ନିର୍ବାଚନ ସମ୍ପର୍କିତ ଖର୍ଚ୍ଚ ଏକ ରେଜିଷ୍ଟରରେ ଲିପିବଦ୍ଧ କରି ରଖିବେ। ଜଣେ ପ୍ରାର୍ଥି ସର୍ବାଧିକ ୩୦ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ କରିପାରିବେ। ପ୍ରାର୍ଥୀମାନେ ଦୈନନ୍ଦିନ ନିର୍ବାଚନ ସମ୍ପର୍କିତ ଖର୍ଚ୍ଚକୁ ରେଜିଷ୍ଟରରେ ଲେଖିବେ ଓ ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ପର୍ଯ୍ୟବେକ୍ଷକ ଏହାକୁ ତିନିଥର ଯାଞ୍ଚ କରିବେ। ନିର୍ବାଚନ ବେଳେ କୋଭିଡ କଟକଣା ପାଳନ କରାଯିବ। ଏହି ନିର୍ବାଚନରେ ୮୦ ବର୍ଷରୁ ଅଧିକ ବୟସର ଭୋଟର, ଦିବ୍ୟାଙ୍ଗ ଓ ସନ୍ଦିଗ୍ଧ କୋଭିଡ୍ ରୋଗୀ ଓ କ୍ୱାରେଣ୍ଟାଇନରେ ଥିବା ବ୍ୟକ୍ତିଙ୍କ ପାଇଁ ପୋଷ୍ଟାଲ ବାଲାଟର ବ୍ୟବସ୍ଥା କରାଯାଇଛି। କୌଣସି ପ୍ରାର୍ଥୀଙ୍କର ଅପରାଧିକ ପୃଷ୍ଠଭୂମି ଥିଲେ, ସେ ଏ ସମ୍ପର୍କରେ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ ଅତିକମରେ ତିନିଥର ପ୍ରଚାର କରିବେ। ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତି ଅନୁସାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନେ ଏଥର ଉପନିର୍ବାଚନ ପ୍ରଚାର ନିମନ୍ତେ ୩୦ରୁ ଅଧିକ ଓ ଅନ୍ୟ ଦଳମାନେ ୧୫ରୁ ଅଧିକ ତାରକା ପ୍ରଚାରକ ଆଣିପାରିବେ ନାହିଁ। ଏହି ବୈଠକରେ ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବହୁଜନ ସମାଜବାଦୀ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ମଧୁସୂଦନ ପଣ୍ଡା, ଭାରତୀୟ ଜନତା ପାର୍ଟିର ଜଗନ୍ନାଥ ପ୍ରଧାନ ଓ ଜୟନ୍ତ କୁମାର ଜେନା, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରମେଶ ଚନ୍ଦ୍ର ପାଢ଼ୀ, ଭାରତୀୟ ଜାତୀୟ କଂଗ୍ରେସ ଶିବାନନ୍ଦ ରାୟ, ନାସନାଲିଷ୍ଟ କଂଗ୍ରେସ ପାର୍ଟିର ବିକ୍ରମ ସ୍ୱାଇଁ, ବିଜୁ ଜନତା ଦଳର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସମେତ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଟିକା ୮-୧୦ ମାସ ସଂକ୍ରମଣରୁ ରକ୍ଷା କରିବ'



**ନୂଆଦିଲ୍ଲୀ :** ଟିକା ନେଲେ ତାହା ଲୋକମାନଙ୍କୁ ୮-୧୦ ମାସ ପର୍ଯ୍ୟନ୍ତ କରୋନା ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିବ ବୋଲି ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ର ନିର୍ଦ୍ଦେଶକ ରଣଦୀପ ଗୁଲେରିଆ କହିଛନ୍ତି। ଆଇପିଏସ୍ (କେନ୍ଦ୍ରୀୟ) ସଂଘର ଏକ ସମାରୋହରେ ଯୋଗଦେବା ଅବସରରେ ସେ କହିଛନ୍ତି ଯେ, ଭାରତରେ ଦିଆଯାଉଥିବା କରୋନା ଟିକାର ଏପର୍ଯ୍ୟନ୍ତ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇନାହିଁ। ଏସବୁ ଟିକା ଲୋକମାନଙ୍କୁ ୮-୧୦ ମାସ ପର୍ଯ୍ୟନ୍ତ କିମ୍ବା ତାଠାରୁ ଅଧିକ ସମୟ ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କରିବ। ଭାରତରେ ଏବେ ପୁରି ବଢ଼ିଚାଲିଥିବା କରୋନା ସଂକ୍ରମଣ ସମ୍ପର୍କରେ ସେ କହିଛନ୍ତି ଯେ ସଂକ୍ରମଣ ପୁଣି ବଢ଼ିବାର କାରଣ ହେଉଛି ଲୋକମାନେ ଆଉ ପୂର୍ବପରି ସତର୍କତା ଅବଲମ୍ବନ କରୁନାହାନ୍ତି।

# ସ୍କୁଲ୍ ପାଠ୍ୟକ୍ରମରେ ଚେସ୍; ଦେଶର ପ୍ରଥମ ଶିକ୍ଷାନୁଷ୍ଠାନ ହେଉଛି କିସ୍




**ଭୁବନେଶ୍ୱର :** ଚେସ୍‌କୁ ବିଦ୍ୟାଳୟ ପାଠକ୍ରମରେ ସାମିଲ୍ କରାଯିବା ନେଇ ଅନ୍ତର୍ଜାତିକ ଚେସ୍ ଫେଡେରେସନ୍ (ଫିଡେ) ପରିକଳ୍ପନା କରିଥିବା ବେଳେ ବିଭିନ୍ନ ଦେଶରେ ଏହାକୁ ସ୍କୁଲ୍ ପାଠ୍ୟକ୍ରମରେ ସାମିଲ କରାଯାଉଛି। ଏହି କ୍ରମରେ ଭାରତରେ ମଧ ଚେସ୍‌କୁ ବିଦ୍ୟାଳୟ ପାଠକ୍ରମରେ ସାମିଲ କରାଯିବା ପାଇଁ ସର୍ବ ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଏଆଇସିଏଫ୍ ଓ ନିଖିଳ ଉତ୍କଳ ଚେସ୍ ସଂଘ (ଏଓସିଏ) ପକ୍ଷରୁ କିସ୍‌କୁ ଦେଶର ପ୍ରଥମ ବିଦ୍ୟାଳୟ ଭାବେ ନିଆଯାଇଛି। ଏହି ଉପଲକ୍ଷେ ଶନିବାର ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏଆଇସିଏଫ୍‌ର ସମ୍ପାଦକ ଭଗତ ସିଂହ ଚୌହାନ, ସଭାପତି ସଞ୍ଜୟ କପୁର, ଉପସଭାପତି ଭବେଶ ପଟେଲ, କୋଷାଧକ୍ଷ ନରେଶ ଶର୍ମା, ନିଖିଳ ଉତ୍କଳ ଚେସ୍ ସଂଘର ସଭାପତି ରଞ୍ଜନ ମହାନ୍ତି, ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ୍ କରାଯିବାରେ କିସ୍ ପ୍ରଥମ ଅନୁଷ୍ଠାନ ବୋଲି ଘୋଷଣା କରିଥିଲେ। ଅନ୍ତର୍ଜାତିକ ଚେସ୍ ଫେଡେରେସନ୍ (ଫିଡେ) ଏହାକୁ ପରିଚାଳନା କରିବ। କିଟ୍ ଓ କିସ୍ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେଉଥିବା ବେଳେ ଫିଡେ ଓ ଏଆଇସିଏଫ୍ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ। କିଟ୍ ଓ କିସ୍ ଶିକ୍ଷା ସହ କ୍ରୀଡ଼ାର ପ୍ରସାର ପାଇଁ ସମାନ ଗୁରୁତ୍ୱ ଦେଇ ଆସୁଛି। ଓଡ଼ିଶାରେ ଦୀର୍ଘ ୧୦ ବର୍ଷ ଧରି କିଟ୍ ଓ କିସ୍ ଜରିଆରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଚେସ୍‌ର ପ୍ରସାର କରିଆସୁଛନ୍ତି। ଫଳରେ କିଟ୍‌ରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଚେସ୍ ଖେଳାଳି ବାହାରି ପାରିଛନ୍ତି। ବିଶେଷ କରି କିଟ୍ ଓ କିସ୍ ଆଞ୍ଚଳିକସ୍ତରଠାରୁ ଅନ୍ତର୍ଜାତିକ ଚେସ୍ ଚାମ୍ପିଅନ୍‌ସିପ୍ ଆରମ୍ଭ କରି ଚେସ୍ କ୍ରୀଡ଼ା ଓ ଚେସ୍ ଖେଳାଳିଙ୍କ ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛି। କିସ୍‌ରେ ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ କରିବା ପାଇଁ ଦୀର୍ଘ ୧ ବର୍ଷ ହେଲା ଏଆଇସିଏଫ୍ ପକ୍ଷରୁ ଯୋଗାଯୋଗ କରାଯାଇଆସୁଥିଲା। ଏଥି ନିମନ୍ତେ କିଟ୍ ଓ କିସ୍‌ରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଓ ପ୍ରଶିକ୍ଷକ ରହିଥିବା ଯୋଗୁଁ ଏହାକୁ ପ୍ରଥମେ କିସ୍‌ରୁ ଆରମ୍ଭ କରାଯିବା ପାଇଁ ଏଆଇସିଏଫ୍ ପକ୍ଷରୁ ସିଦ୍ଧାନ୍ତ ନିଆଯାଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଆଲୋଚନା କରାଯାଇଥିଲା। ଶ୍ରୀ ସାମନ୍ତ ସର୍ବଦା କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇ ଆସୁଥିବାରୁ ଏଭଳି ଏକ ଉତ୍ତମ ଓ ସୁନ୍ଦର ପରିକଳ୍ପନାକୁ ପାଠ୍ୟକ୍ରମରେ ସାମିଲ୍ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ। ଫଳରେ ୨୦୨୧-୨୨ ଶିକ୍ଷାବର୍ଷଠାରୁ କିସ୍ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ କରାଯିବା ନେଇ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଏହି ଅବସରରେ ଶ୍ରୀ ସାମନ୍ତ ଖୁସି ବ୍ୟକ୍ତ କରି ଏହି ପ୍ରୟାସ ପାଇଁ ଏଆଇସିଏଫ୍ ଓ ଏଓସିଏକୁ ସାଧୁବାଦ ଜଣାଇଛନ୍ତି। ଏହା ଦ୍ୱାରା କିସ୍ ତଥା ଓଡ଼ିଶାରୁ ଅନେକ ଚେସ୍ ଖେଳାଳି ଅନ୍ତର୍ଜାତିକସ୍ତର ସେମାନଙ୍କ ପ୍ରତିଭା ପ୍ରତିପାଦିତ କରିପାରିବେ ବୋଲି କହିଥିଲେ। ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍ ସାମିଲ୍ ହେଲେ ଏହା ଛାତ୍ରଛାତ୍ରୀଙ୍କୁ ବେଶ୍ ସହାୟକ ହେବ ଏବଂ ବିଶେଷ କରି କିସ୍‌ର ବହୁ ଜନଜାତି ଛାତ୍ରଛାତ୍ରୀ କେବଳ ଚେସ୍ ଖେଳାଳି ବାହାରିବେ ନାହିଁ, ଏହା ଦ୍ୱାରା ସେମାନଙ୍କ ମାନସିକ ବିକାଶରେ ସହାୟକ ହେବ ବୋଲି ଶ୍ରୀ ସାମନ୍ତ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶଙ୍କ ସମେତ ଏଆଇସିଏଫ୍ ଓ ଏଓସିଏର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସ୍ଥିତି ନିୟନ୍ତ୍ରଣରେ ରହିଛି : ବିଏମ୍‌ସି କମିଶନର



**ଭୁବନେଶ୍ୱର :** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଦୋଳ ଓ ହୋଲି ପାଇଁ କଟକଣା ଜାରି କରାଯାଇଛି। କଟକଣା ଜାରି ସମ୍ପର୍କରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। ସର୍ବସାଧାରଣ ସ୍ଥାନରେ ହୋଲି ପାଳନ କରାଯାଇପାରିବ ନାହିଁ। ଦୋଳ ମେଳଣରେ କଟକଣା ଲଗାଯାଇଥିବା ବେଳେ ପ୍ରତି ଠାକୁରଙ୍କ ପାଇଁ ୪/୫ ଜଣଙ୍କୁ ଅନୁମତି ଦିଆଯାଇଛି। ଗୋଟିଏ ସ୍ଥାନରେ ୬୦ରୁ ଅଧିକ ଲୋକଙ୍କୁ ଏକାଠି ହେବାକୁ ଦିଆଯିବନାହିଁ। ଦୋଳ ବିମାନରେ ବି କଟକଣା ଲାଗୁ କରାଯାଇଛି। ଏକାଠି ୧୦ଟି ବିମାନ ଆସିବାକୁ ଅନୁମତି ଦିଆଯାଇଛି। ଭୁବନେଶ୍ୱରରେ ସ୍ଥିତି ଗମ୍ଭୀର ହୋଇନାହିଁ, ନିୟନ୍ତ୍ରଣରେ ରହିଛି। କିନ୍ତୁ ଗାଇଡ୍‌ଲାଇନ୍ ନ ମାନିଲେ ସ୍ଥିତି ଗମ୍ଭୀର ହୋଇପାରେ ବୋଲି ବିଏମ୍‌ସି କମିଶନର ପ୍ରକାଶ କରିଛନ୍ତି। ଚଳିତମାସ ଶେଷ ସପ୍ତାହରେ ହେବାକୁ ଥିବା ଦୋଳଯାତ୍ରା ଓ ହୋଲି ପର୍ବ ପାଳନ ଉପରେ ଆଜି ବିଏମ୍‌ସି ପକ୍ଷରୁ କଟକଣା ଜାରି କରାଯାଇଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ପ୍ରକାଶ କରିଛନ୍ତି। ଦୋଳ ଓ ହୋଲି ପାଇଁ ପୃଥକ ପୃଥକ୍ ନିୟମ ରହିବ। ଭୁବନେଶ୍ୱରରେ ସର୍ବସାଧାରଣରେ ହୋଲି ଖେଳିବା ମନା। ନିଜ ଘରେ ପରିବାର ସଦସ୍ୟଙ୍କ ସହ ଲୋକେ ହୋଲି ଖେଳିପାରିବେ। ତେବେ ଭୁବନେଶ୍ୱରରେ ରଙ୍ଗଦୋକାନ ଖୋଲିବା ପାଇଁ ମନାନାହିଁ। ରଙ୍ଗଦୋକାନ ଖୋଲିବା ପାଇଁ ବ୍ୟବସାୟୀ ବିଏମ୍‌ସିକୁ ଅନୁମତି ମାଗିବ ଏବଂ ଅନୁମତି ପାଇବା ପରେ ରଙ୍ଗଦୋକାନ ଖୋଲିପାରିବ। ଏଣେ ଦୋଳଯାତ୍ରାରେ ପ୍ରତ୍ୟେକ ବିମାନ ସହ ସର୍ବାଧିକ ୫ ରୁ ୬ଜଣଙ୍କୁ ଅନୁମତି ଦିଆଯାଇଛି। ଏସ୍‌ଆରସିଙ୍କ ଦ୍ୱାରା ଜାରି ଗାଇଡଲାଇନକୁ କଡାକଡି ପାଳନ କରାଯିବ ବୋଲି ସେ କହିଛନ୍ତି। ମେଳଣ ସ୍ଥାନରେ ଏକାସଙ୍ଗରେ ନୁହଁ ବରଂ ପର୍ଯ୍ୟାୟ କ୍ରମେ ଆସିବ ବିମାନ। ମେଳଣରେ ମଧ ସର୍ବାଧିକ ୫୦ ରୁ ୬୦ଜଣଙ୍କୁ ଅନୁମତି ଦିଆଯିବ। ଏଥିପାଇଁ ଆୟୋଜକ ସ୍ୱତନ୍ତ୍ର ଭାବେ ଆବେଦନ କରି ଅନୁମତି ନେବେ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ପ୍ରକାଶ କରିଛନ୍ତି।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି